

ଶ୍ରେୟସ୍‌ଙ୍କ ଅପରାଜିତ ଶତକ

ପୃଷ୍ଠା ୬

# ସଂଚାର

THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 196 ଭାଗ ୩୪ | ସଂଖ୍ୟା ୧୯୬ | Wednesday 7 October 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୭ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ହାଲ୍‌ରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫ୍ୟାକ୍ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟିତ

# ବାୟୁସେନାକୁ ହାଲ୍‌ନିର୍ମିତ ଇଞ୍ଜିନ୍ ହସ୍ତାନ୍ତର

**ରାଜ୍ୟରେ ଆଧୁନିକ ଡିଫେନ୍ସ ମାନୁଫ୍ୟାକ୍ଚରିଙ୍ଗ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବ**

**ପ୍ରତିରକ୍ଷା କ୍ଷେତ୍ରରେ ସୁନାବେଡ଼ା ହାଲ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ: ପ୍ରତିରକ୍ଷା ମନ୍ତ୍ରୀ**

**ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ପାଲଟିଛି ହାଲ**




ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କୋରାପୁଟ ଜିଲ୍ଲାର ସୁନାବେଡ଼ାଠାରେ ହାଲ୍ ମାନୁଫ୍ୟାକ୍ଚରିଙ୍ଗ୍ ୟୁନିଟ୍‌ରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫ୍ୟାକ୍ଚରିଙ୍ଗ୍ ଲାଇନ୍ ଉଦ୍‌ଘାଟନ କରିଛନ୍ତି। ଏଥିସହ ସୁନାବେଡା ହାଲ୍‌ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି ହାଲ ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି। ସେ କହିଛନ୍ତି ଯେ କୋରାପୁଟର ଏହି କେନ୍ଦ୍ର ଓ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୈତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଓ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ନିଜର ଭୌଗୋଳିକ ସ୍ଥିତି, ସୁଦୀର୍ଘ ସମୁଦ୍ର ଉପକୂଳ, ବିଭିନ୍ନ ପ୍ରମୁଖ ବନ୍ଦର, ବିପୁଳ ଖଣିଜ ସମ୍ପଦ, ଉନ୍ନତ ଇଞ୍ଜିନିୟରିଂ ଦକ୍ଷତା, ଶିଳ୍ପାଞ୍ଚଳ ଭିତ୍ତିଭୂମି ଓ କୁଶଳୀ ମାନବ ସମ୍ବଳର ଏକ ମଜବୁତ ଆଧାର ବଳରେ ଦେଶର ପ୍ରତିରକ୍ଷା ଉତ୍ପାଦନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ଏହି ଅବସରରେ ନିଜର ପୃଷ୍ଠା-୬

## ପଦାର୍ଥ ବିଜ୍ଞାନରେ ହାଲଜେନ୍‌ଙ୍କୁ ନୋବେଲ୍



**'ନ୍ୟୁଟ୍ରିନୋ' ଆବିଷ୍କାରକୁ ସ୍ୱୀକୃତି**

ଷ୍ଟକହୋମ୍,୬।୧୦: ମହାକାଶରୁ ଆସୁଥିବା ରହସ୍ୟମୟ କଣିକା 'ନ୍ୟୁଟ୍ରିନୋ'ର ସନ୍ଧାନ ପାଇଁ ୨୦୨୬ ବର୍ଷର ପଦାର୍ଥ ବିଜ୍ଞାନ (ଫିଜିକ୍ସ) ନୋବେଲ ପୁରସ୍କାର ଆମେରିକାର ୱିସକନ୍ସିନ୍-ମାଡ଼ିସନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଫ୍ରାନସିସ୍ ହାଲଜେନ୍‌ଙ୍କୁ ପ୍ରଦାନ କରାଯାଇଛି। ଆଣ୍ଟାର୍କଟିକାର ବରଫ ସ୍ତରକୁ ଏକ ବିଶ୍ୱସ୍ତରୀୟ ଉପକରଣରେ ପରିଣତ କରି ମହାକାଶ ଅଧ୍ୟୟନ ପାଇଁ ଏକ ନୂତନ ଦ୍ୱାର ସୃଷ୍ଟି କରିଥିବାରୁ ରୟାଲ୍ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ଭୂଷିତ କରାଯାଇଛି। ନୋବେଲ କମିଟିର ଅଧ୍ୟକ୍ଷ ମାର୍କ ପିଅର୍ସ କହିଛନ୍ତି ଯେ ହାଲଜେନ୍ ଏକ ଅଭୂତପୂର୍ବ ଉପକରଣ ପ୍ରଦାନ କରିଛନ୍ତି, ଯାହା ଜ୍ୟୋତିର୍ବିଜ୍ଞାନ ପାଇଁ ଏକ ନୂତନ ଦିଗ ଉନ୍ମୋଚନ କରିଛି। ଆଲୋକ ବଦଳରେ କଣିକା ଜରିଆରେ ମହାକାଶକୁ ଅନୁଧ୍ୟାନ କରିବାର ଏହି ନୂତନ ପଦ୍ଧତି ଆଗାମୀ ଦିନରେ ମହାକାଶର ଅଜଣା ରହସ୍ୟଗୁଡ଼ିକୁ ଉନ୍ମୋଚନ କରିବ ବୋଲି ଆଶା କରାଯାଉଛି।

ନ୍ୟୁଟ୍ରିନୋ ପ୍ରକୃତିର ସବୁଠାରୁ ପ୍ରଚୁର ପରିମାଣରେ ମିଳୁଥିବା କଣିକା ମଧ୍ୟରୁ ଅନ୍ୟତମ। ପ୍ରତିକ୍ଷଣରେ କୋଟି ପୃଷ୍ଠା-୬

### କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

# ଏନ୍‌ଏଚ୍ ୫୫ରେ ସମ୍ପ୍ରସାରଣ ଦାବି

**୪ଟି ଅଣ୍ଡରପାସ୍ ସହ ସମ୍ବଲପୁରରେ ଫ୍ଲାଇଓଭର ପାଇଁ ନିବେଦନ**

**ଓଡ଼ିଶାର ଶିଳ୍ପ ଓ ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ**



ସମ୍ବଲପୁର,୬।୧୦(ସଂଚାର ବ୍ୟୁରୋ): ସମ୍ବଲପୁର ସଂସଦୀୟ କ୍ଷେତ୍ର ଏବଂ ଆଖପାଖ ଅଞ୍ଚଳର ଜାତୀୟ ରାଜପଥ ଭିତ୍ତିଭୂମିର ବିକାଶ, ଯାତାୟାତକୁ ସୁଗମ କରିବା ତଥା ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ପତ୍ର ଲେଖିଛନ୍ତି। ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବୃଦ୍ଧି ପାଉଥିବା ଶିଳ୍ପ, ଖଣିଜ ଓ ଆର୍ଥିକ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର-କଟକ ଏନଏଚ-୫୫ର ୬-ଲେନ୍ ସମ୍ପ୍ରସାରଣ ଓ ୪ଟି ଅଣ୍ଡରପାସ୍ ସହ ସମ୍ବଲପୁରରେ ଫ୍ଲାଇଓଭର ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି।

ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ସମ୍ବଲପୁର-ଅନୁଗୋଳ-କଟକ କରିଡର ପଶ୍ଚିମ ଓଡ଼ିଶାକୁ ରାଜ୍ୟର ପ୍ରମୁଖ ଶିଳ୍ପ, ବାଣିଜ୍ୟିକ ଓ ସହରାଞ୍ଚଳ ସହ ଯୋଡୁଥିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାଜପଥ। ଏଠାରେ ଯାତ୍ରୀବାହୀ, ମାଲବାହୀ ଓ ଶିଳ୍ପ ସମ୍ବନ୍ଧୀୟ ଯାନବାହନ ଚଳାଚଳ ବୃଦ୍ଧି ପାଉଥିବାରୁ ବର୍ତ୍ତମାନର ୪-ଲେନ୍ ବିଶିଷ୍ଟ ରାଜପଥକୁ ୬-ଲେନ୍‌କୁ ସମ୍ପ୍ରସାରିତ କରିବା ସହ ଉଭୟ ପାର୍ଶ୍ୱରେ ଦୁଇ-ଲେନ୍ ବିଶିଷ୍ଟ ସର୍ଭିସ୍ ରୋଡ୍ ନିର୍ମାଣ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଯାତାୟାତ ସହଜ ହେବ ଓ ଦୁର୍ଘଟଣା ହ୍ରାସ ପାଇବ। ପୃଷ୍ଠା-୬

### ଛାତ୍ରଛାତ୍ରୀଙ୍କୁ ଅବସାଦମୁକ୍ତ କରିବା ପାଇଁ ଆସିଲା ଗାଇଡ୍‌ଲାଇନ୍

# ପିଲାଙ୍କୁ ଅଳସୁଆ, ଜିଦ୍ଦିଆ କହିପାରିବେନି



**ଯୁବପିଢ଼ିଙ୍କ 'ମାନସିକ ସୁସ୍ଥତା' ସୁନିଶ୍ଚିତ କରିବାକୁ ଆସିଲା ଏସଓପି**

**ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରତିଷ୍ଠା ହେବ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର**

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ) ପିଲାଙ୍କ ମାନସିକ ଅବସାଦ ଦୂର କରିବାକୁ ଅଣ୍ଟା ଭିଡ଼ିଲେ ସରକାର। ଛାତ୍ରଛାତ୍ରୀଙ୍କୁ କିପରି ଅବସାଦରୁ ମୁକ୍ତ କରାଯାଇପାରିବ, ସେଥିପାଇଁ ସରକାର ଆଣିଲେ ଗାଇଡଲାଇନ। ଅଙ୍ଗନବାଡ଼ିଠାରୁ ସ୍କୁଲ ଓ ବିଶ୍ୱବିଦ୍ୟାଳୟ ପିଲାଙ୍କ ଆଚରଣରେ ଅସ୍ୱାଭାବିକତା ଦେଖାଯାଉଛି। ଯାହା ପଛରେ କାରଣ ରହିଛି ମାନସିକ ଚାପ। ଏପରିକି କେତେକ କ୍ଷେତ୍ରରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଆଣିଛନ୍ତି ଏସଓପି। ଖରାପ ଲେବୁଲ୍ ଲଗାଇ ପିଲାଙ୍କୁ ସମ୍ବୋଧନ କରିବା ବଦଳରେ ଆଶ୍ୱାସନାପୂର୍ଣ୍ଣ ଭାଷା ବ୍ୟବହାର କରିବାକୁ ଏସଓପିରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଅଙ୍ଗନବାଡ଼ି ହେଉ କି ସ୍କୁଲ, ପିଲାଙ୍କୁ ଅଳସୁଆ, ଜିଦ୍ଦିଆ ଭଳି କହି ଆକ୍ଷେପ କରିପାରିବେନି। ସର୍ବସାଧାରଣରେ ଅପମାନିତ କରିପାରିବେନି। ପିଲାଙ୍କ ମନରେ ହୀନମନ୍ୟତା ଆଣିବା ଭଳି କୌଣସି କଥା କହିପାରିବେନି। କଠିନ ଡାକ୍ତରୀ ଶବ୍ଦ ପରିବର୍ତ୍ତେ ନରମ ଓ ପୃଷ୍ଠା-୬

## ବିମାନ ଦୁର୍ଘଟଣାରେ ୩୨ ମୃତ

ଆବୁଜା, ୬।୧୦: ଦକ୍ଷିଣ ନାଇଜେରିଆର ଓଣ୍ଡୋ ରାଜ୍ୟରେ ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୫ ଜଣ ଯାତ୍ରୀ ଓ ୭ ଜଣ କ୍ରୁ ସଦସ୍ୟଙ୍କ ସମେତ ମୋଟ ୩୨ ଜଣଙ୍କର ପ୍ରାଣହାନି ଘଟିଛି। ବେନିନ୍ ସିଟିରୁ ଲାଗୋସ୍ ଅଭିମୁଖେ ଯାଉଥିବା ସମୟରେ ଇଗ୍‌ବୋକୋଡା ଅଞ୍ଚଳରେ ଏହି ଅଘଟଣ ଘଟିଥିଲା। ଏହି ମର୍ମଭେଦୀ ଦୁର୍ଘଟଣାରେ ଗଭୀର ଶୋକ ପ୍ରକାଶ କରି ନାଇଜେରିଆ ରାଷ୍ଟ୍ରପତି ବୋଲା ଟିନୁବୁ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଦେଶରେ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯିବା ସହ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ରାଷ୍ଟ୍ରପତି ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଆଶୁତୋଷ ଦୀକ୍ଷିତ ବାୟୁସେନାର ପରବର୍ତ୍ତୀ ମୁଖ୍ୟ



ନୂଆଦିଲ୍ଲୀ,୬।୧୦: ଭାରତୀୟ ବାୟୁସେନାର ୨୯ତମ ମୁଖ୍ୟ ଭାବେ ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ନିଯୁକ୍ତି ପାଇଛନ୍ତି। ସେ ଆସନ୍ତା ଅକ୍ଟୋବର ୩୧ ତାରିଖ ଅପରାହ୍ଣରେ ବର୍ତ୍ତମାନର ଏୟାର ଚିଫ୍ ମାର୍ଶଲ ଅମର ପ୍ରୀତ ସିଂହଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବେ। ପ୍ରାୟ ଚାରି ଦଶନ୍ଧିର ସାମରିକ ସେବା ଅଭିଜ୍ଞତା ଥିବା ଜଣେ ଅଭିଜ୍ଞ ଫାଇଟର ପାଇଲଟ୍ ତଥା ସ୍ୱଦେଶୀ 'ତେଜସ୍' ପ୍ରକଳ୍ପ ସହ ଜଡ଼ିତ ଥିବା ଏୟାର ମାର୍ଶଲ ପୃଷ୍ଠା-୬

## ଆଜି ପାଳିଥାନ୍ତେ ଜନ୍ମଦିନ




**ଡିସେମ୍ବରରେ ବାହାଘର ଠିକ ହୋଇଥିଲା**

**୫୦ ଦିନ ଛୁଟିରେ ଘରକୁ ଆସିଥାନ୍ତେ ଯବାନ**

**ତେଜାଙ୍କ ବଳିଦାନ ସ୍ମରଣୀୟ ହୋଇ ରହିବ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ସହିଦ ହୋଇଛନ୍ତି ରାୟଗଡ଼ାର ଯବାନ ଭି. ତେଜା। ସେ ଆସାମ ରାଇଫଲ୍ସରେ କାର୍ଯ୍ୟ କରୁଥିଲେ। ସେ ନାଗାଲାଣ୍ଡରେ ମୁତୟନ ହୋଇଥିବା ବେଳେ ଗତକାଲି ସହିଦ ହୋଇଥିଲେ। ସେ ଡ୍ୟୁଟିରେ ଥିବା ବେଳେ ତାଙ୍କ ଦେହରେ ବାଜିଥିଲା ଗୁଳି। ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ତାଙ୍କୁ ସେଠାରେ ମୃତ ଘୋଷଣା କରାଯାଇଥିଲା।

ରାୟଗଡ଼ା ସହରର କତୁର ଅଞ୍ଚଳର ଭି. ତେଜା ଗତ ୨୦୨୨ରେ ଆସାମ ରାଇଫଲ୍ସରେ ସାମିଲ ହୋଇଥିଲେ। ଆସନ୍ତାକାଲି ସେ ତାଙ୍କର ୩୧ତମ ଜନ୍ମଦିନ ପାଳିଥାଆନ୍ତେ। କିନ୍ତୁ ତା'ର ଦୁଇ ଦିନ ପୂର୍ବରୁ ସେ ସହିଦ ହୋଇଗଲେ। ୧୯୯୫ ଅକ୍ଟୋବର ୭ ତାରିଖରେ ଜନ୍ମ ହୋଇଥିଲେ ଭି. ତେଜା। ତାଙ୍କର ବିବାହ ଠିକ୍ ହୋଇଯାଇଥିଲା। ଆସନ୍ତା ଡିସେମ୍ବର ୧୦ ତାରିଖରେ ସେ ବାହା ହୋଇଥାଆନ୍ତେ। ଘରେ ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ତାଙ୍କ ଛୁଟି ମଞ୍ଜୁର ହୋଇସାରିଥିଲା। ତାଙ୍କୁ ୫୦ ଦିନ ଛୁଟି ମିଳିଥିଲା। ସେ ଦୀପାବଳିରେ ଘରକୁ ଆସିଥା'ନ୍ତେ। କିନ୍ତୁ ଦେଶ ସେବା କରୁ କରୁ ସହିଦ ହୋଇଗଲେ। ଦୁଇ ବର୍ଷ ତଳେ ତେଜା ଅଙ୍ଗଦାନ ପାଇଁ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ ତେଜା। ତାଙ୍କ ଇଚ୍ଛା ଅନୁଯାୟୀ ମୃତ୍ୟୁ ପରେ ତାଙ୍କ କିଛି ଅଙ୍ଗକୁ ନାଗାଲାଣ୍ଡର ଏକ ପୃଷ୍ଠା-୬

# ବିଜେଡିକୁ ଅଡୁଆ ଜାତୀୟ ରାଜନୀତି




**ମୁଖିଆଙ୍କ ବେଣ୍ଟ ଆମିଷ ଚଟୁ ନିରାମିଷ**

**କେନ୍ଦ୍ର ବିରୋଧରେ ପାଟି ଫିଟୁନି**

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ବିଜେଡି ଜାତୀୟ ରାଜନୀତିରେ ନିଜର ଦବ୍‌ଦବା ପାଇଁ ଆଗଭର ହେଉଥିବା ବେଳେ କେନ୍ଦ୍ର ସରକାର କିମ୍ବା କେନ୍ଦ୍ରୀୟ ନେତାଙ୍କ ବିରୋଧରେ ପାଟି ଖୋଲିବାକୁ ଭୟ କରୁଛନ୍ତି। କେନ୍ଦ୍ର ସରକାରଙ୍କୁ ଗାଳି ଦେଉଥିବା ଇଣ୍ଡି ମେଣ୍ଟ ନେତାଙ୍କ ସହ ର୍‍ୟାଲିରେ ଯାଉଥିଲେ ମଧ୍ୟ ସେମାନଙ୍କ ସ୍ୱରରେ ସ୍ୱର ମିଳାଇପାରୁନାହାନ୍ତି। ବିଜେଡିର ଏଭଳି ରାଜନୀତିକୁ ଚଟୁ ଆମିଷ ବେଣ୍ଟ ନିରାମିଷ ବୋଲି ଖୋଦ୍ ଦଳୀୟ କର୍ମୀମାନେ କହିବାକୁ ପଛାଉନାହାନ୍ତି। କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଣ୍ଟ ପକ୍ଷରୁ ଆଜି ନୂଆଦିଲ୍ଲୀଠାରେ ମୁଖ୍ୟ ନିର୍ବାଚନ କମିଶନଙ୍କ ଦପ୍ତର ଘେରାଉ କାର୍ଯ୍ୟକ୍ରମ ଥିଲା। ଗତକାଲି ହଠାତ୍ ବିଜେଡି ଏହି ର୍‍ୟାଲିରେ ସାମିଲ ହେବ ବୋଲି ଘୋଷଣା କଲା। ଦଳର ସାଂସଦମାନେ ମୁଖ୍ୟ ନିର୍ବାଚନ କମିଶନଙ୍କ ପୋଷ୍ଟରକୁ ହାତରେ ଧରି ର୍‍ୟାଲିରେ ଗଲେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଗାଳିଦେଲେ। ହେଲେ କଂଗ୍ରେସ ସମେତ ଅନ୍ୟ ଇଣ୍ଡି ମେଣ୍ଟର ନେତାମାନେ କେନ୍ଦ୍ର ସରକାରଙ୍କୁ ଏସଆଇଆର ଗଡ଼ବଡ଼ ପାଇଁ ଦାୟୀ କରି ଗାଳି ଦେଉଥିବା ବେଳେ ବିଜେଡି ନେତାମାନେ କିନ୍ତୁ ଜ୍ଞାନେଶ କୁମାରଙ୍କ ନିକଟରେ ଅଟକିଥିଲେ।

ଏହା ପୂର୍ବରୁ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ବେଳେ ବିଜେଡି ରାଜ୍ୟରେ କଂଗ୍ରେସ ସହ ହାତ ମିଳାଇ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଜିତାଇବାକୁ ଅଣ୍ଟା ଭିଡ଼ିଥିଲା। ହେଲେ ଏଥିରେ ଅସନ୍ତୁଷ୍ଟ ହୋଇ ଉଭୟ ବିଜେଡି ଓ କଂଗ୍ରେସର ବିଧାୟକମାନେ କ୍ରସ ଭୋଟିଂ କରିବାରୁ ବିଜେଡି ସମର୍ଥିତ ପ୍ରାର୍ଥୀ ହାରିଗଲେ। ଏଥିରୁ ବିଜେପି ପୂରା ଫାଇଦା ଉଠାଇ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇବାରେ ସଫଳ ହେଲା। ଏହାପରେ ବିଜେଡି ହଠାତ୍ କଂଗ୍ରେସଠାରୁ ଦୂରେଇବାରେ ଲାଗିଲା। କହିଲା ଆମେ ସମଦୂରତାରେ ପୃଷ୍ଠା-୬






ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର : ମୁଫ୍ତ ବିଜୁଳି ଯୋଜନା (PMSG:MBY)

ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ ପଦକ୍ଷେପ, ପ୍ରୋତ୍ସାହନ ରାଶି ଦେଶରେ ସର୍ବାଧିକ

ମାସକୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଉପରେ ସଞ୍ଚୟ

ରୁଫ-ଟପ ସୌର ପ୍ରକଳ୍ପ ପାଇଁ ପ୍ରତି ଘର ପିଛା ୩ କିଲୋୱାଟ ପର୍ଯ୍ୟନ୍ତ ୧,୩୮,୦୦୦ ଟଙ୍କା ସବସିଡି

(କେନ୍ଦ୍ର ସରକାରଙ୍କ ତରଫରୁ ୭୮,୦୦୦ ଟଙ୍କା ଓ ରାଜ୍ୟ ସରକାରଙ୍କ ତରଫରୁ ୬୦,୦୦୦ ଟଙ୍କା)

pmsuryaghar.gov.in ରେ ଅନଲାଇନ ରେଜିଷ୍ଟ୍ରେସନ କରନ୍ତୁ ଏବଂ ଯୋଜନାର ଲାଭ ପାଆନ୍ତୁ।

ଅଧିକ ଜାଣିବା ପାଇଁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର



ଜଳବାୟୁ ସଂଶୋଧନ ପାଇଁ ସହାୟକ

TPWODL

TP WESTERN ODISHA DISTRIBUTION LIMITED

(A Joint Venture of Tata Power and Government of Odisha)

ଅଧିକ ସୂଚନା ନିମନ୍ତେ ସ୍କାନ କରନ୍ତୁ

### ସେବା ସଙ୍କଳ୍ପ ଅଭିଯାନ-୨୦୨୬

## କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର



କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପିମ୍ପଶ୍ରୀ ଇଛାପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ 'ସେବା ସଙ୍କଳ୍ପ ଅଭିଯାନ-୨୦୨୬' ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ଓ ନେତୃତ୍ୱ ଗୁଣ ବିକାଶ ପାଇଁ ଏପରି ପ୍ରତିଯୋଗିତା ଏକ ଉତ୍ତମ ମଞ୍ଚ ବୋଲି କହିଥିଲେ।ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଯାପନ ସହ ସୁନାଗରିକ ଭାବେ ଗଢ଼ିଉଠି ଦେଶ ଓ ସମାଜ ସେବାରେ ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ସାଂସଦଙ୍କ ପ୍ରତିନିଧି ଅଭିମନ୍ୟୁ ଗୋଛାୟତ ଓ ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ପିତବାସ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷା, ସେବା ଓ ନୈତିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ସଭାପତି ଶ୍ରୀ ବାରିକ ନିଜ ଅଭିଭାଷଣରେ ପରିଶ୍ରମ, ଶୃଙ୍ଖଳା, ତ୍ୟାଗ ଓ ରାଷ୍ଟ୍ରପ୍ରତି ସମର୍ପଣ ଭଳି ଗୁଣାବଳୀ ଛାତ୍ରଜୀବନରେ ସଫଳତାର ମୂଳମନ୍ତ୍ର ବୋଲି ଉଲ୍ଲେଖ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରି ଆଗାମୀ ପିଢ଼ିକୁ ଗଢ଼ି ତୋଳିବା ଆବଶ୍ୟକ ବୋଲି ସେ କହିଥିଲେ।

ଏହି ଅବସରରେ ଜିଲ୍ଲା ସ୍ତରୀୟ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ଦାଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ।

### ପାର୍ବଣ ପୂର୍ବରୁ କଡ଼ା ଚଢ଼ାଉ

# ୧୦ ବ୍ୟବସାୟୀଙ୍କୁ ୧୯ ହଜାର ଟଙ୍କା ଜରିମାନା

### ନଷ୍ଟ କରାଗଲା ୫୫ କେଜି ବାସୀ ଓ ଅନୁପଯୁକ୍ତ ଖାଦ୍ୟ



କେନ୍ଦ୍ରାପଡ଼ା,୬।୧୦ (ସଂଚାର ବ୍ୟୁରୋ): ଶାରଦୀୟ ପାର୍ବଣକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ସହରରେ ଖାଦ୍ୟ ସୁରକ୍ଷା ବିଭାଗ ଓ ପୋଲିସ ପକ୍ଷରୁ ମଙ୍ଗଳବାର ମିଳିତ ଭାବେ ବ୍ୟାପକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉ ସମୟରେ ବିଭିନ୍ନ ହୋଟେଲ, ମିଠା ଦୋକାନ, ଫାଷ୍ଟଫୁଡ୍ କେନ୍ଦ୍ର ଓ ଅନ୍ୟାନ୍ୟ ଖାଦ୍ୟ ପ୍ରତିଷ୍ଠାନରୁ ପ୍ରାୟ ୫୫ କେଜି ବାସୀ ଓ ମାନହୀନ ଖାଦ୍ୟ ସାମଗ୍ରୀ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା। ଏହାସହ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ ୧୦ ଜଣ ବ୍ୟବସାୟୀଙ୍କଠାରୁ ମୋଟ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ସୂଚନାନୁସାରେ, ତିନିମୁହାଣୀରୁ ଦୁହୁରିଆ ପର୍ଯ୍ୟନ୍ତ ସହରର ବିଭିନ୍ନ ଅଞ୍ଚଳରେ ଥିବା ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଅଚାନକ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅତ୍ୟଧିକ କୃତ୍ରିମ ରଙ୍ଗ ମିଶ୍ରିତ ଖାଦ୍ୟ, ବାସୀ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ଅନୁପଯୁକ୍ତ ସାମଗ୍ରୀ ଚିହ୍ନଟ ହୋଇଥିଲା। ଏହାକୁ ତୁରନ୍ତ ନଷ୍ଟ କରାଯିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସତର୍କ କରାଯାଇଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ନମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଗୌରାଙ୍ଗ ଚରଣ ଗିରି ଓ ଖାଦ୍ୟ ସୁରକ୍ଷା ଅଧିକାରୀ ଭରତ ଭୂଷଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି ସ୍ୱତନ୍ତ୍ର ଅଭିଯାନ ପରିଚାଳିତ ହୋଇଥିଲା। ପୋଲିସ ବିଭାଗର କର୍ମଚାରୀମାନେ ମଧ୍ୟ ଚଢ଼ାଉରେ ସହଯୋଗ କରିଥିଲେ।

ପାର୍ବଣ ସମୟରେ ଖାଦ୍ୟ ସାମଗ୍ରୀର ଚାହିଦା ବୃଦ୍ଧି ପାଉଥିବାରୁ କିଛି ଅସାଧୁ ବ୍ୟବସାୟୀ ମାନହୀନ ଖାଦ୍ୟ ବିକ୍ରି କରିବାର ଆଶଙ୍କା ରହିଥାଏ। ଏହାକୁ ରୋକିବା ପାଇଁ ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ଚଢ଼ାଉ ଅଧିକ ଜୋରଦାର କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ବିଶେଷକରି ମିଠା ଦୋକାନ, ଗୁପଚୁପ ଷ୍ଟଲ, ଫାଷ୍ଟଫୁଡ଼ କେନ୍ଦ୍ର, ହୋଟେଲ ଓ ଅନ୍ୟାନ୍ୟ ଖାଦ୍ୟ ବିକ୍ରୟ ସ୍ଥଳରେ ନିୟମିତ ନଜରଦାରି ଜାରି ରହିବ। ଖାଦ୍ୟ ବ୍ୟବସାୟୀମାନଙ୍କୁ ପରିଚ୍ଛନ୍ନତା ରକ୍ଷା, ଗୁଣାତ୍ମକ ଖାଦ୍ୟ ବିକ୍ରି ଓ ଖାଦ୍ୟ ସୁରକ୍ଷା ନିୟମ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସାଧାରଣ ଲୋକଙ୍କୁ ମଧ୍ୟ ଖାଦ୍ୟ କିଣିବା ସମୟରେ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି।

## ବାଇକ ଉପରକୁ ଚଢ଼ିଗଲା କାର, ଯୁବକ ଗୁରୁତର



ବାରିପଦା,୬।୧୦ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ମେଡିକାଲ ଛକ ତାରିଣି ମେଡିସିନ ଷ୍ଟୋର ସମ୍ମୁଖରେ ଘଟିଯାଇଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଏକ ବାଇକ ଉପରକୁ କାର ଚଢ଼ିଯିବା ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଜଣକ ରାଇରଙ୍ଗପୁର ପୌରାଞ୍ଚଳ ଅନ୍ତର୍ଗତ ୭ ନମ୍ବର ୱାର୍ଡ ଗଡ ଗ୍ରାମର ସୁମନ ସାହୁ ବୋଲି ଜଣାପଡ଼ିଛି।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଛନ୍ତି।

### ରିଲିଫରୁ ବଞ୍ଚିତ ବନ୍ୟାପୀଡ଼ିତଙ୍କ କ୍ଷୋଭ

## ବିଡିଓଙ୍କୁ ଘେରି ଦାବି ଜଣାଇଲେ ଶତାଧିକ ଲୋକ



### ସାତ ଦିନ ମଧ୍ୟରେ ସହାୟତା ନମିଳିଲେ ଆନ୍ଦୋଳନ ଚେତାବନୀ

ଆଳି,୬।୧୦(ସଂଚାର ବ୍ୟୁରୋ): ବାରମ୍ବାର ବନ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ସରକାରୀ ରିଲିଫ ସହାୟତାରୁ ବଞ୍ଚିତ ରହିଥିବା ଅଭିଯୋଗ କରି ଆଳି ବ୍ଲକ ଭୁଇଁପୁର ପଞ୍ଚାୟତର ବନ୍ୟାପୀଡ଼ିତମାନେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଶତାଧିକ ମହିଳା ଓ ପୁରୁଷ ବ୍ଲକ ପରିସରରେ ଏକତ୍ରିତ ହୋଇ ବିଡିଓଙ୍କୁ ଘେରାଉ କରିବା ସହ ତୁରନ୍ତ ରିଲିଫ ଚାଉଳ ବଣ୍ଟନ ଦାବିରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଭୁଇଁପୁର ପଞ୍ଚାୟତର ମାନପୁର ଗ୍ରାମର ୭ଟି ୱାର୍ଡ ଓ କଳମଡ଼ା ଶାସନର ଗୋଟିଏ ୱାର୍ଡ ସମେତ ମୋଟ ୮ଟି ୱାର୍ଡର ପ୍ରାୟ ୩ ହଜାରରୁ ଅଧିକ ଲୋକ ଚଳିତ ବର୍ଷ ଚାରିଥର ବନ୍ୟାର ପ୍ରଭାବ ସହିଛନ୍ତି। ଏହି ଅଞ୍ଚଳ ଧୋୟା ଅଞ୍ଚଳ ଭାବେ ପରିଚିତ ହୋଇଥିବାରୁ ପ୍ରତ୍ୟେକ ବନ୍ୟାରେ ଲୋକମାନଙ୍କ ଜନଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ତେବେ ଅନ୍ୟ ବନ୍ୟାପ୍ରଭାବିତ ପଞ୍ଚାୟତଗୁଡ଼ିକରେ ରିଲିଫ ଚାଉଳ ବଣ୍ଟନ ହୋଇଥିବା ବେଳେ ଏହି ଦୁଇ ଗ୍ରାମର ଲୋକମାନେ ଏପର୍ଯ୍ୟନ୍ତ କୌଣସି ସହାୟତା ପାଇନଥିବା ଅଭିଯୋଗ କରିଛନ୍ତି।

ବନ୍ୟାପୀଡ଼ିତମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ସରକାରଙ୍କ ଘୋଷଣା ସତ୍ତ୍ୱେ କେଉଁ କାରଣରୁ ତାଙ୍କ ଅଞ୍ଚଳକୁ ରିଲିଫ ଯୋଗାଇ ଦିଆଯାଇନାହିଁ। ସେମାନଙ୍କ ଅଭିଯୋଗ ଅନୁସାରେ, ବନ୍ୟା ସମୟରେ ଘରବାଡ଼ି, ଚାଷଜମି ଓ ଜୀବିକା କ୍ଷତିଗ୍ରସ୍ତ ହୋଇଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ମିଳିନାହିଁ।

ଏହି ପ୍ରସଙ୍ଗରେ ବନ୍ୟାପୀଡ଼ିତମାନେ ସତର୍କ କରାଇଛନ୍ତି ଯେ, ଆସନ୍ତା ୭ ଦିନ ମଧ୍ୟରେ ରିଲିଫ ଚାଉଳ ବଣ୍ଟନ ନହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବେ।

## ରକ୍ତଦାନ କରି ଜୀବନ ବଞ୍ଚାଇଲେ ମିତ୍ରଭାନୁ



ମହାକାଳପଡ଼ା,୬।୧୦ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅମେଇପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସମକୋଉରୀ ଗ୍ରାମର ନାରାୟଣ ମହାପାତ୍ରଙ୍କ ପୁଅ ମିତ୍ରଭାନୁ ମହାପାତ୍ର ରକ୍ତଦାନ କରି ଜଣଙ୍କ ଜୀବନ ବଞ୍ଚାଇଛନ୍ତି। ନୟାଗଡର ଜଣେ ରୋଗୀ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ଏକ ଜରୁରୀକାଳୀନ ରକ୍ତ ଆବଶ୍ୟକ ଥିବ ଖବର ପାଇ ତୁରନ୍ତ ମିତ୍ରଭାନୁ ସେଠାରେ ପହଞ୍ଚି ରକ୍ତଦାନ କରିଥିଲେ। ଏହାକୁ ମିଶାଇ ସେ ୧୬ ତମ ରକ୍ତଦାନ କରିଛନ୍ତି। ସମସ୍ତେ ସୁଯୋଗ ମିଳିଲେ ଜଣେ ଜଣେ ରକ୍ତଦାତା ହୋଇ ରକ୍ତଦାନ କରିବା ସହିତ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୁଅନ୍ତୁ ବୋଲି ସେ କହିଛନ୍ତି।

# ଚାମେଲି ଓଝା ଘଟଣାରେ ମାନବାଧିକାର କମିଶନଙ୍କ ତଦନ୍ତ

### ମହାକାଳପଡ଼ାରେ ପହଞ୍ଚିଲେ ୩ ଜଣିଆ ଟିମ୍

### ଥାନା, ବିଡିଓ କାର୍ଯ୍ୟାଳୟ ପରେ ଓ ସରପଞ୍ଚଙ୍କ ସହିତ ଆଲୋଚନା

### ଆଜି ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିବେ



କେନ୍ଦ୍ରାପଡ଼ା/ମହାକାଳପଡ଼ା,୬।୧୦ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଡିଖିରି ସରପଞ୍ଚ ଚାମେଲି ଓଝା ଘଟଣାରେ ନୂଆ ମୋଡ଼ ଆସିଛି। ଘଟଣାର ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ଏକ ୩ ଜଣିଆ ବରିଷ୍ଠ ଅଧିକାରୀଙ୍କ ଟିମ୍ ମଙ୍ଗଳବାର ମହାକାଳପଡ଼ାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟିମ୍‌ରେ ଇସାମ ସିଂ, ଗୁଗୁନି ରାମ ଓ ଶଶୀବାଳା ଶର୍ମା ରହିଥିବା ଜଣାପଡ଼ିଛି। ଟିମ୍ ୪ ଦିନ ଧରି ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରିବ ବୋଲି ସୂଚନା ମିଳିଛି।

ଗତ ଜୁନ ୧୧ ତାରିଖରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ଭିଡିଓ ରେକର୍ଡିଂକୁ ନେଇ ଡିଖିରି ସରପଞ୍ଚ ଚାମେଲି ଓଝାଙ୍କ ସହ କିଛି ଯୁବକଙ୍କ ବିବାଦ ହୋଇଥିଲା। ପରେ ବ୍ଲକ କାର୍ଯ୍ୟାଳୟ ବାହାରେ ଏହା ଉଗ୍ର ରୂପ ନେଇଥିଲା। ଚାମେଲିଙ୍କୁ ଅକଥନୀୟ ନିର୍ଯାତନା ଓ ଗ୍ୟାଙ୍ଗ୍ ରେପ୍ କରିବାକୁ ଧମକ ଦିଆଯାଇଥିବା ଚାମେଲି ମଧ୍ୟ ଅଭିଯୋଗ ଆଣିଥିଲେ। ତାଙ୍କ ଭାଇ ଓ ତାଙ୍କ ବାଇକ୍ କୁ ପୁଲିସ ଅଟକାଇ ରଖିବା ସହ ତାଙ୍କ ଭାଇକୁ ପୁଲିସ ଥାନାକୁ ଉଠାଇ ନେଇଥିଲା। ଏହାପରେ ପୁଲିସ ଚାମେଲିଙ୍କୁ ଥାନାକୁ ନେଇଥିଲା। ଘଟଣାକୁ ନେଇ ଉଭୟ ପକ୍ଷରୁ ପରସ୍ପର ବିରୋଧରେ ଅଭିଯୋଗ ହୋଇଥିଲା ଏବଂ ୧୭୦/୧୭୧/୧୭୨-୨୬ ନମ୍ବରରେ ପୃଥକ ମାମଲା ରୁଜୁ ହୋଇଥିଲା।

ଚାମେଲିଙ୍କ ପକ୍ଷରୁ ବିଡିଓ, ପୁଲିସ ଓ ଘଟଣାରେ ସମ୍ପୃକ୍ତ ଯୁବକମାନଙ୍କ ବିରୋଧରେ ଦୁର୍ବ୍ୟବହାର ଓ ମାଡ଼ପିଟ ନେଇ ଅଭିଯୋଗ କରାଯାଇଥିଲା। ଚାମେଲିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା, ହେଲେ ସେ ଅସୁସ୍ଥ ହେବାରୁ ମେଡିକାଲ୍ ରେ ଚିକିତ୍ସା ସମୟରେ ତାଙ୍କୁ ପୁଲିସ ନିର୍ଯାତନା ଦେଇଥିବା ମଧ୍ୟ ସେ ଅଭିଯୋଗ ଆଣିଥିଲେ। ଘଟଣାର ନିରପେକ୍ଷ ତଦନ୍ତ ଓ ନ୍ୟାୟ ଦାବିରେ ସାମାଜିକ କର୍ମୀ ମନୋଜ ଜେନାଙ୍କ ପକ୍ଷରୁ ଦିଲ୍ଲୀସ୍ଥିତ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ଦାଖଲ ହୋଇଥିଲା।

ମଙ୍ଗଳବାର ତଦନ୍ତକାରୀ ଟିମ୍ ପ୍ରଥମେ ମହାକାଳପଡ଼ା ଥାନାରେ ପହଞ୍ଚି ଘଟଣା ସମ୍ପର୍କିତ ବିଭିନ୍ନ ତଥ୍ୟ ଯାଞ୍ଚ କରିଥିଲେ। ଏହି ସମୟରେ ତତ୍କାଳୀନ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସମେତ ଥାନା ଅଧିକାରିଣୀ ବନ୍ଦନା ପାତ୍ର ଓ ଅନ୍ୟ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ପରେ ଟିମ୍ ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟକୁ ଯାଇ ଭାରପ୍ରାପ୍ତ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ସହ ଘଟଣାର ବିଭିନ୍ନ ଦିଗ ନେଇ ଆଲୋଚନା କରିଥିଲେ।

ଏହାପରେ ତଦନ୍ତକାରୀ ଟିମ୍ ସରପଞ୍ଚ ଚାମେଲି ଓଝାଙ୍କ ବାସଭବନରେ ପହଞ୍ଚି ତାଙ୍କ ସହ ଘଟଣା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ତଦନ୍ତ ସମୟରେ ଘଟଣାସ୍ଥଳର ସିସିଟିଭି ଫୁଟେଜ୍, ସମ୍ପୃକ୍ତ ଯୁବକମାନଙ୍କ ସମ୍ପର୍କିତ ତଥ୍ୟ, ପୁଲିସ ରେକର୍ଡ ଓ ଚିକିତ୍ସା ସମ୍ପର୍କିତ ରେକର୍ଡ ଯାଞ୍ଚ କରାଯାଇଥିବା ଜଣାପଡ଼ିଛି।

ଆସନ୍ତାକାଲି ଅର୍ଥାତ୍ ବୁଧବାର ଟିମ୍ ଦ୍ୱିତୀୟ ଦିନର ତଦନ୍ତ ଆରମ୍ଭ କରିବ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ ଏସପି ଙ୍କୁ ଭେଟି ଏହି ସମ୍ପର୍କରେ ଆଲୋଚନା ହେବାନେଇ ସୂଚନା ମିଳିଛି।

## ଫୁଟପାଥ ଉପରେ ପୁଲିସ ଚେକ୍‌ପୋଷ୍ଟ ନିର୍ମାଣକୁ ବିରୋଧ

### ଉଚ୍ଛେଦ ଦାବିରେ ଜିଲ୍ଲାପାଳଙ୍କୁ ଫେରାଦ, ଆନ୍ଦୋଳନ ଚେତାବନୀ




କେନ୍ଦ୍ରାପଡ଼ା,୬।୧୦(ସଂଚାର ବ୍ୟୁରୋ): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଦୁହୁରିଆ ଛକ ନିକଟରେ ଫୁଟପାଥ ଉପରେ ନିର୍ମାଣ ହୋଇଥିବା ପୁଲିସ ଚେକ୍‌ପୋଷ୍ଟକୁ ତୁରନ୍ତ ଉଚ୍ଛେଦ କରିବା ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲା କୃଷକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି। ପରିଷଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ବିଜୟ କୁମାର ପରିଡ଼ା ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କଟକ- ଚାନ୍ଦବାଲି ରାଜ୍ୟ ରାଜପଥକୁ ୫୩ ନମ୍ବର ଜାତୀୟ ରାଜପଥ କ୍ରସ୍ କରୁଥିବା ସ୍ଥାନରେ ନିର୍ମିତ ଓଭରବ୍ରିଜ ତଳେ ଏବଂ ରାସ୍ତାର ବାମ ପାର୍ଶ୍ୱରେ ଥିବା ଫୁଟପାଥକୁ ଦଖଲ କରି ଚେକ୍‌ପୋଷ୍ଟ ନିର୍ମାଣ କରାଯାଇଛି। ଏହା ସମ୍ପୂର୍ଣ୍ଣ ବେଆଇନ ଓ ଜନସ୍ୱାର୍ଥ ବିରୋଧୀ ବୋଲି ଶ୍ରୀ ପରିଡ଼ା ଅଭିଯୋଗ କରିଛନ୍ତି। ଦୁହୁରିଆ ଛକ ଅଞ୍ଚଳ କଟକ, ଭୁବନେଶ୍ୱର ଓ ଚଣ୍ଡିଖୋଲ ଯାତ୍ରୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବସ୍ ଅପେକ୍ଷାସ୍ଥଳୀ ହୋଇଥିବାରୁ ଚେକ୍‌ପୋଷ୍ଟ ନିର୍ମାଣ ଫଳରେ ଯାତ୍ରୀମାନେ ଫୁଟପାଥ ବଦଳରେ ରାସ୍ତା ଉପରେ ଠିଆ ହେବାକୁ ବାଧ୍ୟ ହେବେ। ଏହା ଦୁର୍ଘଟଣା ଆଶଙ୍କା ବଢ଼ାଇବା ସହ ଧନଜୀବନ ହାନିର କାରଣ ହୋଇପାରେ ବୋଲି ସେ ଦାବି କରିଛନ୍ତି।

ଜନସାଧାରଣଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ଉକ୍ତ ଚେକ୍‌ପୋଷ୍ଟକୁ ଅନ୍ୟତ୍ର ସ୍ଥାନାନ୍ତର କିମ୍ବା ଉଚ୍ଛେଦ କରିବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଦାବି ପୂରଣ ନହେଲେ କୃଷକ ବିକାଶ ପରିଷଦ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ଚେତାବନୀ ଦିଆଯାଇଛି।

## ଡିଆର୍‌ଡିଓକୁ ଗଲା ଆକାଶରୁ ଖସିଥିବା ଯନ୍ତ୍ର



ନୀଳଗିରି,୬।୧୦ (ସଂଚାର ବ୍ୟୁରୋ): ପରୀକ୍ଷଣ ବେଳେ ବେଲୁନ୍ ଫାଟିଯିବାରୁ ଆକାଶରୁ ଖସି ପଡ଼ିଥିବା ପାଣିପାଗ ମାପକ ଓ ବାୟୁ ମାପକ ଯନ୍ତ୍ରକୁ ଆଜି ନିଜ ହେପାଜତକୁ ନେଇଛି ଡିଆର୍‌ଡିଓ ବାଲେଶ୍ୱର। ଆଜି ବାଲେଶ୍ୱର ଡିଆର୍‌ଡିଓ ପକ୍ଷରୁ ୩ ଜଣିଆ ଟିମ୍ ବରହମପୁର ଥାନାରେ ପହଞ୍ଚି ଆଇଆଇସି ଜନ୍ ପଟ୍ଟନାୟକଙ୍କୁ ଭେଟିଥିଲେ। ଏସଆଇ ନନ୍ଦକିଶୋର ବିଶ୍ୱାଳ ସମସ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଏହି ଯନ୍ତ୍ରଟିକୁ ଫେରାଇ ଦେଇଛନ୍ତି।

ଡିଆର୍‌ଡିଓରୁ ଆସିଥିବା ବୈଜ୍ଞାନିକଙ୍କ କହିବା ଅନୁଯାୟୀ; ଡିଆର୍ ଡିଓ ପକ୍ଷରୁ ଏହି ଯନ୍ତ୍ରଟିକୁ ପ୍ରତ୍ୟକ ଦିନ ୨ଟା ୩୦ ମିନିଟ୍ ସମୟରେ ରେ ଆକାଶକୁ ଏକ ବେଲୁନ୍ ସାହାଯ୍ୟରେ ନିକ୍ଷେପ କରାଯାଇଥାଏ। ଏହା ପାଣିପାଗ ବିଭାଗ ପାଇଁ ଅଧିକ ତଥ୍ୟ ସଂଗ୍ରହ କରିଥାଏ। ବିଶେଷ କରି ତାପମାତ୍ରା, ବାୟୁର ବେଗ, ଆଦ୍ରତା, ସାନ୍ଦ୍ରତା ବାବଦରେ ସମସ୍ତ ତଥ୍ୟ ମିଳିଥାଏ। ଏହି ତଥ୍ୟ ପାଣିପାଗ ବିଭାଗ ପାଇଁ ବେଶ୍ ଉପାଦେୟ ହୋଇ ହାଇଥାଏ ।

ସୁବଦିନ ଭଳି ଗତ ମାସ ୩୦ ତାରିଖରେ ଏହାକୁ ଆକାଶକୁ ଛଡ଼ାଯାଇଥିଲା। ସର୍ବଦା ଏହା ସମୁଦ୍ରରେ ପଡ଼େ ଓ ସେମାନେ ଏହାକୁ ସଂଗ୍ରହ କରିନିଅନ୍ତି । ହେଲେ ସେଦିନ ବାୟୁର ଦିଗ ପରିବର୍ତ୍ତନ ହେବାରୁ ଏହା ସମୁଦ୍ର ପରିବର୍ତ୍ତେ ନୀଳଗିରିମୁହାଁ ହୋଇ ନରଣପୁର ପଞ୍ଚାୟତ ଗେନ୍ଦରାସାହି ଅଙ୍ଗନବାଡ଼ି ପଛପଟେ ଏକ ଶାଳଗଛରେ ଲାଗିଥିଲା। ଏହି ଯନ୍ତ୍ରଟିର ସେନ୍ସର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ମରାମତି ପରେ ଏହାର ପୁନଃ ବ୍ୟବହାର କରାଯିବ ବୋଲି ଡିଆର୍‌ଡିଓ କର୍ତ୍ତୃପକ୍ଷ କହିଛନ୍ତି।

## ତିନି ମାସ ଧରି ଅଚଳ ଶୀତଳ ପାନୀୟ ଜଳ ପ୍ରକଳ୍ପ

### ପାନୀୟ ଜଳ ପାଇଁ ହଇରାଣ ଲୋକେ, ପୌର ପ୍ରଶାସନର ନିଦ ଭାଙ୍ଗୁନି



କେନ୍ଦ୍ରାପଡ଼ା, ୬।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରାଞ୍ଚଳର ୱାର୍ଡ ନଂ- ୯ ଅନ୍ତର୍ଗତ ସାନ୍ତସାହି ସ୍କୁଲ ପରିସରରେ ସ୍ଥାପିତ ଶୀତଳ ପାନୀୟ ଜଳ ପ୍ରକଳ୍ପ ଗତ ତିନି ମାସରୁ ଉର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇ ପଡ଼ିଥିବାରୁ ସ୍ଥାନୀୟ ବାସିନ୍ଦା, ଛାତ୍ରଛାତ୍ରୀ ଓ ରାହାଗିରିମାନେ ନିରାପଦ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ବର୍ତ୍ତମାନ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବର ଶିକାର ହୋଇଥିବା ଅଭିଯୋଗ ହେଉଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗ୍ରୀଷ୍ମ ଋତୁ ସହ ବର୍ଷସାରା ଶୁଦ୍ଧ ଓ ଶୀତଳ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ଏହା ଅଞ୍ଚଳବାସୀଙ୍କ ପାଇଁ ବେଶ ଉପକାରୀ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଗତ ତିନି ମାସରୁ ଅଧିକ ସମୟ ହେବ ଏହା ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଥିଲେ ମଧ୍ୟ ମରାମତି ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ସବୁଠାରୁ ଚିନ୍ତାର ବିଷୟ ହେଉଛି, ସ୍କୁଲ ପରିସରରେ ଥିବା ଏହି ପ୍ରକଳ୍ପରୁ ଛାତ୍ରଛାତ୍ରୀମାନେ ମଧ୍ୟ ଉପକୃତ ହେଉଥିଲେ। ବର୍ତ୍ତମାନ ଏହା ବନ୍ଦ ଥିବାରୁ ସେମାନଙ୍କୁ ବିକଳ୍ପ ବ୍ୟବସ୍ଥା ଉପରେ ନିର୍ଭର କରିବାକୁ ପଡୁଛି। ସ୍ଥାନୀୟ ବାସିନ୍ଦାମାନେ ଏନେଇ ଅନେକ ଥର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇ ନଥିବା ସେମାନେ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଅଞ୍ଚଳବାସୀଙ୍କ ମତରେ, ଏତେ ଦିନ ଧରି ପ୍ରକଳ୍ପ ଅଚଳ ଥିବା ସତ୍ତ୍ୱେ ସମ୍ପୃକ୍ତ ୱାର୍ଡ କାଉନସିଲର, ପୌରାଧ୍ୟକ୍ଷା କିମ୍ବା ପୌର ପ୍ରଶାସନର କୌଣସି ଅଧିକାରୀଙ୍କ ନଜର ଏହା ଉପରେ ପଡୁନଥିବା ଦୁର୍ଭାଗ୍ୟଜନକ। ଅଞ୍ଚଳବାସୀମାନେ ତୁରନ୍ତ ପ୍ରକଳ୍ପର ତ୍ରୁଟି ଚିହ୍ନଟ କରି ମରାମତି କରିବା ସହ ଏହାକୁ ପୁନଃ ଚାଲୁ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ପୌର ପ୍ରଶାସନ ବିରୋଧରେ ଜନଅସନ୍ତୋଷ ତୀବ୍ର ହେବାର ସମ୍ଭାବନା ଥିବା ସେମାନେ ଚେତାବନୀ ଦେଇଛନ୍ତି।

## ଜିଲ୍ଲା ପୁଲିସ ମୁଖ୍ୟାଳୟରେ ମୋବାଇଲ ହସ୍ତାନ୍ତର ମେଳା




କୋରେଇ, ୬।୧୦ (ସଂଚାର ବ୍ୟୁରୋ): ପାଣିକୋଇଲି ସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆଜି ଏକ ମୋବାଇଲ ହସ୍ତାନ୍ତର ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ଥାନା ଓ ସାଇବର ଥାନାରୁ ଜବତ ହୋଇଥିବା ଚୋରି ଓ ହଜିଯାଇଥିବା ୨୦୦ରୁ ଅଧିକ ମୋବାଇଲ ଫୋନକୁ ନେଇ ଏହି ମେଳା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଜି ଡ. ସତ୍ୟଜିତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଯାଜପୁର ଏସପି ଯଶପ୍ରତାପ ଶ୍ରୀମଲଙ୍କ ସମେତ ମୁଖ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସଠିକ କାଗଜପତ୍ର ଦେଖାଇ ହିତାଧିକାରୀମାନେ ନିଜ ମୋବାଇଲ ଫେରି ପାଇପାରିବେ ବୋଲି ଏସପି ସୂଚନା ଦେଇଛନ୍ତି। ଏହି ଅବସରରେ ପୁଲିସ-ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ନେଇ ଆଲୋଚନା କରାଯାଇଥିଲା ନେଇ କଥା ପଦାକୁ ଆସିଥିବା ଜଣାପଡ଼ିଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କଲେ ଡାକ୍ତର ମାନସ ରଞ୍ଜନ ପଣ୍ଡା



ମାଲକାନଗିରି,୬।୧୦(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଭାବେ ଡାକ୍ତର ମାନସ ରଞ୍ଜନ ପଣ୍ଡା ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଆବିଦ୍ ହୁସେନ୍ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।

ଏହା ପୂର୍ବରୁ ଡାକ୍ତର ପଣ୍ଡା ବ୍ରହ୍ମପୁର ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ସମୟରେ ଡିପିଏମ୍ ମୌସୁମୀ ମିଶ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ନୂତନ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ବିନା ସୂଚନାରେ ରାଜସ୍ୱ ଜନଶୁଣାଣି ଶିବିର

### ସାଧାରଣ ଲୋକଙ୍କ ଅନୁପସ୍ଥିତି

### ମାତ୍ର ୧୦ଟି ଅଭିଯୋଗ ଗ୍ରହଣ



ଗରଦପୁର,୬।୧୦(ସଂଚାର ବ୍ୟୁରୋ): ଗରଦପୁର ତହସିଲ କାର୍ଯ୍ୟାଳୟ ପରିସରରେ ସୋମବାର ରାଜସ୍ୱ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବକୃଷ୍ଣ ଜେନା ଶିବିରରେ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ତେବେ ଶିବିର ସମ୍ପର୍କରେ ପୂର୍ବରୁ ପର୍ଯ୍ୟାପ୍ତ ପ୍ରଚାର ଓ ସୂଚନା ପ୍ରଦାନ କରାଯାଇନଥିବାରୁ ସାଧାରଣ ଲୋକଙ୍କ ଉପସ୍ଥିତି ନଗଣ୍ୟ ରହିଥିଲା। ଫଳରେ ଶିବିରରେ ମାତ୍ର ୧୦ ଜଣ ଅଭିଯୋଗକାରୀ ନିଜ ଅଭିଯୋଗ ଦାଖଲ କରିଥିଲେ।

ପ୍ରାପ୍ତ ଅଭିଯୋଗଗୁଡ଼ିକ ମଧ୍ୟରେ କଳମ-୨ ମାମଲା, ମ୍ୟୁଟେସନ, ଗୃହ କ୍ଷତିପୂରଣ, ଜବରଦଖଲ, ଉତ୍ତରାଧିକାର ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ଓ ଆର୍.ପି. କେସ୍ ସମ୍ବନ୍ଧୀୟ ବିଷୟ ପ୍ରମୁଖ ଥିଲା। ଅଭିଯୋଗକାରୀଙ୍କ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଶିବିର ଅବସରରେ ସମାଜସେବୀ ନବାବ ପଣ୍ଡା ତହସିଲ କାର୍ଯ୍ୟାଳୟର ବିଭିନ୍ନ ପ୍ରଶାସନିକ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତହସିଲରେ କର୍ମଚାରୀ ଅଭାବ, ଠିକା କର୍ମଚାରୀଙ୍କ ଅନିଶ୍ଚିତ ସ୍ଥିତି, ଅଫିସରେ ନେଟୱର୍କ ସମସ୍ୟା ଓ ପ୍ରି-ସେଟେଲମେଣ୍ଟ କାର୍ଯ୍ୟରେ ବିଳମ୍ବ ଯୋଗୁଁ ଜନସାଧାରଣ ହଇରାଣ ହେଉଥିବା ସେ ଅଭିଯୋଗ କରିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଖୁବ୍ ଶୀଘ୍ର ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ତେବେ ଜନଶୁଣାଣି ଭଳି ଗୁରୁତ୍ୱପୂର୍ଣ୍ଣ ଶିବିର ସମ୍ପର୍କରେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ହୋଇନଥିବାରୁ ଅଧିକାଂଶ ସାଧାରଣ ଲୋକ ଏହା ବିଷୟରେ ଅବଗତ ହୋଇପାରିନଥିଲେ। ଏହାର ପ୍ରଭାବ ଉପସ୍ଥିତି ଉପରେ ପଡ଼ିଥିବା ଆଲୋଚନା ହେଉଛି। ନିୟମିତ ପ୍ରଚାର ଓ ପୂର୍ବ ସୂଚନା ମାଧ୍ୟମରେ ଅଧିକ ଲୋକଙ୍କୁ ଏଭଳି ଶିବିର ସହ ଯୋଡ଼ିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲ ଦାବି କରିଛନ୍ତି।

# କଟକ ଅର୍ବାନ ହାଟ ପ୍ରତି କେଏମସିର ନିଘା ନାହିଁ

## ଶୌଚାଳୟ ପାଲଟିଛି ଗୋଦାମ, ରାସ୍ତାରେ ହେଉଛି ପାର୍କିଂ

କଟକ,୬।୧୦(ସଂଚାର ବ୍ୟୁରୋ): ଅବ୍ୟବସ୍ଥାର ଅନ୍ୟତମ ଉଦାହାରଣ ସାଜିଛି କଟକ ଅର୍ବାନ ହାଟ। ଏହି ହାଟରେ ବ୍ୟବସାୟୀ ବ୍ୟବସାୟ କରିବା ୩ ବର୍ଷ ପୂରିବାକୁ ବସିଲାଣି, ହେଲେ ଆଜି ପର୍ଯ୍ୟନ୍ତ ମୌଳିକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଦୈନିକ ହାଟ ପିଣ୍ଡି ଓ ତଳେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କଠାରୁ ୨୦ ଟଙ୍କା ଲେଖାଏଁ ଆଦାୟ କରୁଛି କଟକ ମହାନଗର ନିଗମ (କେଏମସି)ର କର୍ମଚାରୀ ଓ ଏନଫୋର୍ସମେଣ୍ଟ ସ୍କ୍ୱାଡ୍। ଏ ବାବଦରେ ମାସିକ ୫ ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ଆଦାୟ ହେଉଥିବା ବେଳେ ହାଟରେ ପରିମଳ ବ୍ୟବସ୍ଥା ଓ ଶୌଚାଳୟ ପ୍ରତି କୌଣସି ଧ୍ୟାନ ଦେଉ ନ ଥିବାରୁ ଅଳ୍ପ ବର୍ଷା ହେଲେ କାଦୁଅ ପଚପଚ ହେଉଛି।



ଆରମ୍ଭରୁ ହିଁ ଶୌଚାଳୟ ତାଲା ପଡ଼ି ରହିଛି। ଏହା ଆଗରେ ବ୍ୟବସାୟୀ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଏଥିସହ ଶୌଚାଳୟକୁ ସ୍ଥାନୀୟ ବ୍ୟବସାୟୀମାନେ ଗୋଦାମଘର ରୂପେ ବ୍ୟବହାର କରୁଛନ୍ତି। ୟୁଜର୍ସ ଫିଁ' ଆଦାୟ ପାଇଁ ଯାଉଥିବା କେଏମସିର କୌଣସି ଅଧିକାରୀ ଏନେଇ ଦୃଷ୍ଟି ଦେଉନାହାଁନ୍ତି। ଯେଉଁଥିପାଇଁ ଅର୍ବାନ ହାଟରେ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ଏହି ହାଟକୁ ଆସୁଥିବା ଲୋକଙ୍କ ପାଇଁ ପାର୍କିଂ ସୁବିଧା ମଧ୍ୟ ନାହିଁ। ତେଣୁ ଲୋକମାନେ ତାଳଦଣ୍ଡା ରାସ୍ତାରେ ଗାଡ଼ି ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି। ଆଉ ଏଥିପାଇଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। କେଏମ୍‌ସି ଅର୍ବାନ ହାଟକୁ ସଠିକ ପରିଚାଳନା କରିବା ସହ ରାସ୍ତା କଡରେ ପାର୍କିଂ ନ କରିବା ପାଇଁ ଗୁରୁତ୍ୱ ଦେବା ସକାଶେ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ବିକାଶର ନେତୃତ୍ୱ ନେବେ ନାରୀଶକ୍ତି




- ଏସଏଚଜିଙ୍କୁ ମିଳିଲା ୧୫୧ କୋଟିର ପାଣ୍ଠି
- ୧.୭୯ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ୯୯.୨୬ କୋଟି ସୁଧ ଫେରସ୍ତ

ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ସେମାନଙ୍କ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆଜି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ୧,୭୯,୮୦୯ଟି ଏସ୍‌ଏଚ୍‌ଜିଙ୍କୁ ୯୯.୨୬ କୋଟି ଟଙ୍କାର ସୁଧ ଫେରସ୍ତ କରିଛନ୍ତି। ଏହି କ୍ରମରେ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ମାଧ୍ୟମରେ ଏସଏଚଜି ଓ ସେମାନଙ୍କ ସଂଘଗୁଡ଼ିକର କ୍ଷମତା ବୃଦ୍ଧି କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ମହିଳାଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ଷମ ଓ ସୁଦୃଢ଼ କରିବାରେ ସହାୟକ ହେବ। ଏହାଦ୍ୱାରା ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଏଥିସହ ଓଡ଼ିଶାର ସମାଜ ଓ ଅର୍ଥନୀତିର ବିକାଶରେ ନାରୀଶକ୍ତି ଆଗାମୀ ଦିନରେ ନେତୃତ୍ୱ ନେବେ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ଏସ୍‌ଏଚ୍‌ଜିଙ୍କ ସୁଧ ଫେରସ୍ତ ପାଇଁ ୫୭୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହା ପୂର୍ବରୁ ଗତ ଜୁନ୍ ୨୪ରେ ୨,୮୮,୧୯୮ଟି ଏସ୍‌ଏଚ୍‌ଜିଙ୍କୁ ୧୪୭.୭୭ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଏହି ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ମୋଟ ୨୪୭.୦୩ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ସେହିପରି ୨୦୨୬-୨୭ ଆର୍ଥିକ ବର୍ଷରେ ଏସ୍‌ଏଚ୍‌ଜିଙ୍କ ପାଇଁ ବ୍ୟାଙ୍କ ଋଣ ଯୋଗାଣର ଲକ୍ଷ୍ୟ ୨୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଋଣ ସୁବିଧା ସହ ସୁଧ ଫେରସ୍ତ ଓ ବିଭିନ୍ନ ସମୁଦାୟ ପାଣ୍ଠିର ଉପଲବ୍ଧତା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଜୀବିକା ଓ ଉଦ୍ୟୋଗ କ୍ଷେତ୍ରରେ ଆର୍ଥିକ ସମ୍ବଳ ଯୋଗାଇବା ଏହି ପଦକ୍ଷେପର ଲକ୍ଷ୍ୟ।

ଏଥି ସହିତ ୧୫,୫୨୬ଟି ଏସ୍‌ଏଚ୍‌ଜିଙ୍କୁ ୨୯.୩୧ କୋଟି ଟଙ୍କାର ଆବର୍ତ୍ତନ ପାଣ୍ଠି, ୩୭୧ଟି ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘକୁ ୧୧୩.୮୦ କୋଟି ଟଙ୍କାର ଗୋଷ୍ଠୀ ବିନିଯୋଗ ପାଣ୍ଠି ଏବଂ ୬୦୫ଟି ଆଞ୍ଚଳିକ ମଞ୍ଚକୁ ୮.୧୮ କୋଟି ଟଙ୍କାର ନିରାପତ୍ତା ପାଣ୍ଠି ସମେତ ମୋଟ ୧୫୧.୨୮ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ 'ଲକ୍ଷପତି ଦିଦି' ଯୋଜନାର ଅଧିକ ପ୍ରୋତ୍ସାହନ ଓ ବ୍ୟାପକ ପ୍ରସାର ପାଇଁ 'କଲେକ୍ଟିଭ୍ ଫର୍ ଇଣ୍ଟିଗ୍ରେଟେଡ୍ ଲାଇଭଲିହୁଡ୍ ଇନିସିଏଟିଭ୍ସ' (ସିଆଇଏଲଆଇ) ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରସ୍ତୁତି



- ବୁଥ୍‌ସ୍ତରୀୟ ଏଜେଣ୍ଟ ନିୟୋଜନ ପାଇଁ ରାଜନୈତିକ ଦଳକୁ ଅନୁରୋଧ
- ୨୬ରୁ ଆରମ୍ଭ ହେବ ଘରକୁ ଘର ସର୍ଭେ
- ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଉପରେ ଆୟୋଗଙ୍କ ଗୁରୁତ୍ୱ

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜ ନିଜ ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଆଗାମୀ ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ସର୍ଭେ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ ଓ ତ୍ରୁଟିଶୂନ୍ୟ କରିବା ସହ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସଠିକ ଭାବେ ସ୍ଥାନ ପାଇବା ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବ। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ରାଜନୈତିକ ଦଳକୁ ଏହି ଘରକୁ ଘର ସର୍ଭେ ପ୍ରକ୍ରିୟାରେ ସକ୍ରିୟ ଭାବେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

ବିଶେଷକରି, ପ୍ରତ୍ୟେକ ରାଜନୈତିକ ଦଳ ନିଜର ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲଏ)ମାନଙ୍କୁ ରାଜ୍ୟର ସମସ୍ତ ମତଦାନ କେନ୍ଦ୍ରଗୁଡ଼ିକରେ ନିୟୋଜିତ କରିବା ସହ ସର୍ଭେ ସମୟରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଅନୁରୋଧ କରାଯାଇଛି। ସବୁ ରାଜନୈତିକ ଦଳଙ୍କୁ ଆସନ୍ତା ୧୫ ତାରିଖ ସୁଦ୍ଧା ବିଏଲଏଙ୍କ ତଥ୍ୟ ସହାୟକ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ଏଇଆରଓ) ତଥା ଗ୍ରାମାଞ୍ଚଳ ପାଇଁ ବିଡିଓଙ୍କ ପାଖରେ ସହରାଞ୍ଚଳ (ଏନଏସି କିମ୍ବା ମ୍ୟୁନିସିପାଲିଟି) ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମହାନଗର ନିଗମ ପାଇଁ ଡେପୁଟି କମିଶନର/ଆସିଷ୍ଟାଣ୍ଟ କମିଶନରଙ୍କ ପାଖରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଇଛି। ରାଜ୍ୟ ନିର୍ବାଚନ ଆୟୁକ୍ତ କହିଥିଲେ ଯେ ସଠିକ୍ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏକ ସୁସ୍ଥ ଓ ସ୍ୱଚ୍ଛ ନିର୍ବାଚନ ବ୍ୟବସ୍ଥାର ମୂଳ ଆଧାର।

# 'ଚାଏ ପେ ଚର୍ଚ୍ଚା'ରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ବାପୁଜୀ ନଗର ଅଞ୍ଚଳର ରାସ୍ତା ଓ କନଜର୍ଭେନ୍ସି ଲେନ୍‌ର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସକାଶେ ଆଜି ବାପୁଜୀ ନଗର ନାଗରିକ କମିଟିର ସଦସ୍ୟମାନେ ଏକ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ପ୍ରାଥମିକତାରେ ବାପୁଜୀ ନଗର ରାସ୍ତା ବିଷୟରେ ତାଙ୍କୁ ଅବଗତ କରାଯାଇଥିଲା। କମିଟିର ସଦସ୍ୟ ଜୟନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟମାନେ ରାସ୍ତାଗୁଡ଼ିକର ପର୍ଯ୍ୟବେକ୍ଷଣ କରିଥିଲେ। ଏଥିବିସହ ଆର୍‌ଆଣ୍ଡ୍‌ବି ବିଭାଗରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ ସମସ୍ତ ବିଷୟରେ ଆଲୋଚନା ହୋଇଥିଲା। ସେ ଏକ କମିଟି ଗଠନ କରି କାର୍ଯ୍ୟ କପରି ତ୍ୱରାନ୍ୱିତ ହୋଇପାରିବ, ସେ ବିଷୟରେ ବାପୁଜୀ ନଗର ନାଗରିକ କମିଟିର ପରାମର୍ଶ ନିଆଯିବ। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।



କମିଟି ପକ୍ଷରୁ କୁହାଯାଇଛି ଯେ ଅଞ୍ଚଳର ତିନିଟି ସଂଯୋଗକାରୀ ରାସ୍ତାରେ ପେଭର୍ ବ୍ଲକ୍ ପଡ଼ିବା ସହ ବାକି ଥିବା ଦୁଇଟି କନ୍‌ଜର୍ଭେନ୍ସି ଲେନ୍‌ର ଉନ୍ନତିକରଣ ପୂର୍ବରୁ ଦିଆଯାଇଥିବା ଅନୁରୋଧ ଉପରେ ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବାପୁଜୀ ନଗର ଏକ ପୁରାତନ ଆବାସିକ ଅଞ୍ଚଳ ହୋଇଥିବାରୁ ଏଠାରେ ନାଗରିକମାନଙ୍କର ମୌଳିକ ସୁବିଧା ପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି କମିଟିର ସଦସ୍ୟମାନେ କହିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ପ୍ରଧାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ବିଷୟରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସମସ୍ୟାର ତ୍ୱରିତ ସମାଧାନ କରିବା ସକାଶେ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରଦେଶ ଯୁବ କଂଗ୍ରେସର ସିଇସିଙ୍କ କାର୍ଯ୍ୟାଳୟ ଘେରାଉ




ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଆଜି ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର ଏକ ବିକ୍ଷୋଭ ଶୋଭାଯାତ୍ରା ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇସି)ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପୁଲିସ ଓ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଏକ ଘଣ୍ଟା ଧରି ଧସ୍ତାଧସ୍ତି ହେବା ପରେ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ପୁଲିସ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଜଣେ ଦେଶଦ୍ରୋହୀ। ବେଆଇନ ଭାବେ ସେ ଦେଶର ୧୩ କୋଟି ଓ ଓଡ଼ିଶାର ୨୭ ଲକ୍ଷ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ୍ ଦେଇଛନ୍ତି। ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଇଛନ୍ତି। ଫର୍ମ-୬କୁ ବେଆଇନ ଭାବେ ପରିବର୍ତ୍ତନ କରାଯାଇଛି। କିଭଳି ଭାବରେ ଭୋଟରମାନଙ୍କୁ ତାଲିକାରୁ ବାଦ ଦେବାକୁ ହେବ ତାର ଷଡଯନ୍ତ୍ର ପରିବର୍ତ୍ତିତ ଫର୍ମ-୬ ମାଧ୍ୟମରେ କରାଯାଇଥିଲା। ଦେଶର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷମାନଙ୍କୁ ନୋଟିସ କରି ନିର୍ବାଚନ କମିଶନର ଏସଆଇଆର ପ୍ରକ୍ରିୟାର ଅନାବଶ୍ୟକତାକୁ ସ୍ପଷ୍ଟ କରିଛନ୍ତି। କିଭଳି ଭାବେ ବିଜେପି ଯନ୍ତ୍ରାଦେଶ ମାଧ୍ୟମରେ ସରକାର ଗଠନ କରିବ ତା'ର ଦାୟିତ୍ୱ ଜ୍ଞାନେଶ କୁମାରଙ୍କ ହାତରେ ବିଜେପି ନ୍ୟସ୍ତ କରିଥିଲା। ଜ୍ଞାନେଶ କୁମାର ଯେଉଁ ଅପରାଧ କରିଛନ୍ତି ତାହା ଅକ୍ଷମଣୀୟ। ବିଜେପିର ହାତବାରିସୀ ସାଜି ନିର୍ବାଚନ କମିଶନ ଦେଶର ନିର୍ବାଚନୀ ବ୍ୟବସ୍ଥାକୁ ଧୂଳିସାତ କରିଛନ୍ତି। ସୁତରାଂ ଯୁବ କଂଗ୍ରେସ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବି କରୁଛି। ବିକ୍ଷୋଭରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ, ଅଭିଜିତ ଜେନା, ଗୋପନ ମାର୍ଥା, ସୂରଜ ବେହେରା, କେଦାର ଦଳାଇ, ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସ୍ୱାଗତ କର, କେନ୍ଦ୍ରାପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ଭଦ୍ରକ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବଳରାମ ରାଉତ, ମୟୂରଭଞ୍ଜ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସରୋଜ ନାୟକ, ସୁନୀଲ ସାହୁ, ଅମରେଶ ପରିଡ଼ା, କାର୍ତ୍ତିକେଶ୍ୱର କାଣ୍ଡି, ରଞ୍ଜିତ ପାଇକରାୟ, ଆଶୁତୋଷ ପୃଷ୍ଟି, ବିରଞ୍ଚି ବାରିକଙ୍କ ସମେତ ଶତାଧିକ ଯୁବ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ହୀନ ଉଦ୍ୟମ କରୁଛି ବିରୋଧୀ: ବିରଞ୍ଚି

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀଙ୍କ ଦେଶରେ ୧୨ ବର୍ଷର ସୁଶାସନ ଓ ଓଡ଼ିଶାରେ ବିଜେପି ସରକାରଙ୍କ ଅଢ଼େଇ ବର୍ଷର ଲୋକାଭିମୁଖୀ ଶାସନ ଯୋଗୁଁ ଆଜି ବିରୋଧୀ ଦଳ ସମ୍ପୂର୍ଣ୍ଣ ମୁଦ୍ଦାହୀନ ହୋଇପଡ଼ିଛନ୍ତି। ଜନସାଧାରଣ ବିଜେପି ଉପରେ ଅତୁଟ ବିଶ୍ୱାସ ଓ ଆସ୍ଥା ପ୍ରକଟ କରିଥିବା ବେଳେ ବିରୋଧୀମାନେ ଅପ୍ରସଙ୍ଗକୁ ପ୍ରସଙ୍ଗ କରି କେବଳ ନାଟକବାଜି କରୁଛନ୍ତି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଏକ ପ୍ରେସ ବିବୃତିରେ କହିଛନ୍ତି।




ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ବିଜେଡିର କଥା ଓ କାର୍ଯ୍ୟରେ ସର୍ବଦା ଆକାଶ-ପାତାଳ ଫରକ ରହିଛି। ବିଜେଡି ଏବଂ 'ଇଣ୍ଡି' ମେଣ୍ଟର ସମ୍ପର୍କ କିଛି ନୂଆ ନୁହେଁ, ଏମାନଙ୍କ ଭିତରେ ବହୁ ପୂର୍ବରୁ ଗୁପ୍ତ ମଧୁଚନ୍ଦ୍ରିକା ଚାଲିଆସୁଥିଲା। ଏପରିକି 'ଇଣ୍ଡି' ମେଣ୍ଟ ବୈଠକରେ ମଧ୍ୟ ବିଜେଡିର ସଂସଦୀୟ ଦଳ ନେତା ଯୋଗ ଦେଇଥିବାର ପ୍ରମାଣ ରହିଛି। ଆଜି ବିଜେଡି ରାଜନୀତିରେ ଏକ 'ନିର୍ମୂଳୀ ଲତା'ରେ ପରିଣତ ହୋଇସାରିଛି। ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଏବଂ ରାଜନୈତିକ ସାହାରା ପାଇବାକୁ ଯାଇ କେତେବେଳେ 'ସିଜେପି' ତ ଆଉ କେତେବେଳେ 'ଇଣ୍ଡି' ମେଣ୍ଟ ପଛରେ ଗୋଡ଼ାଉଛି। ଲୋକସଭା ଓ ରାଜ୍ୟସଭାରେ ନିଜର ପ୍ରାସଙ୍ଗିକତା ହରାଇବା ପରେ ଓଡ଼ିଶାର ସ୍ୱାର୍ଥର ଦ୍ୱାହି ଦେବା ହେଉଛି କେବଳ 'ଚୋର ମୁହଁ ଟାଣ' ସଦୃଶ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ ଓ ଇସ୍ତଫା ଦାବି କରୁଥିବା କଂଗ୍ରେସର ଦୋମୁହାଁ ନୀତି ଉପରେ ଶ୍ରୀ ତ୍ରିପାଠୀ କହିଛି ଯେ ନିର୍ବାଚନ ଆୟୋଗଙ୍କ ଉପରେ ପ୍ରଶ୍ନ ଉଠାଉଥିବା କଂଗ୍ରେସ ନିଜ କଳା ଇତିହାସକୁ ମନେ ପକାଉ। ଦେଶରେ ଆଜି ପର୍ଯ୍ୟନ୍ତ ୧୦ ଥର ଏସ୍‌ଆଇଆର୍ ହୋଇଥିବା ବେଳେ ସେଥିମଧ୍ୟରୁ ୯ ଥର କେବଳ କଂଗ୍ରେସ ଶାସନ କାଳରେ ହୋଇଛି। ଯେଉଁ କଂଗ୍ରେସ ନିରପେକ୍ଷତା ଓ ନୈତିକତାର ବଡ଼ ବଡ଼ ଭାଷଣ ଦେଉଛି, ସେହି କଂଗ୍ରେସ ହିଁ ନିର୍ବାଚନ କମିଶନରଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଥିଲା ଏବଂ ନିର୍ବାଚନ କମିଶନରଙ୍କୁ ନେଇ ଲାଲକୃଷ୍ଣ ଆଡଭାନୀଙ୍କ ବିରୋଧରେ ପ୍ରାର୍ଥୀ କରାଇଥିଲା। ତେଣୁ କଂଗ୍ରେସ ମୁହଁରେ ନୈତିକତାର କଥା ଆଦୌ ଶୋଭା ପାଉନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ୭୧ତମ ବୃତ୍ତିଗତ ପୁଲିସ ପ୍ରତିଯୋଗିତା

କଟକ,୬।୧୦(ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ବାହିନୀର କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ କଟକସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ୭୧ତମ ବୃତ୍ତିଗତ ପ୍ରତିଯୋଗିତା (ଡ୍ୟୁଟି ମିଟ୍) ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ର ଏହାକୁ ଉଦଘାଟନ କରିଛନ୍ତି। ରାଜ୍ୟର ୩୯ଟି ପୁଲିସ ୟୁନିଟରୁ ୩୧୯ ଜଣ ପ୍ରତିଯୋଗୀ, ୪୫ଟି ଶ୍ୱାନ ଏବଂ ୪୫ ଜଣ ହ୍ୟାଣ୍ଡେଲର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ଡିଜିପି ଶ୍ରୀ ମିଶ୍ର କହିଛନ୍ତି ଯେ, ସାଇବର ଅପରାଧ, ଅନଲାଇନ୍ ଠକେଇ ଏବଂ ନାରୀ ଓ ଶିଶୁଙ୍କ ବିରୋଧରେ ଅପରାଧ ଭଳି ନୂଆ ଚ୍ୟାଲେଞ୍ଜର ମୁକାବିଲା ପାଇଁ ପୁଲିସ କର୍ମଚାରୀଙ୍କ ବୃତ୍ତିଗତ ଦକ୍ଷତା ଓ ବୈଜ୍ଞାନିକ ଜ୍ଞାନକୌଶଳକୁ ନିରନ୍ତର ଉନ୍ନତ କରିବା ଆବଶ୍ୟକ। ନୂତନ ଆଇନ ଲାଗୁ ହେବା ପରେ ଫରେନସିକ୍ ଓ ଡିଜିଟାଲ୍ ପ୍ରମାଣର ସଠିକ୍ ବ୍ୟବହାର ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କ୍ରାଇମବ୍ରାଞ୍ଚ ଆଇଜିପି ସାର୍ଥକ ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ନେଇ ଆଗାମୀ ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ଓଡ଼ିଶା ପୋଲିସର ଦଳ ଗଠନ କରାଯିବ।




## ପ୍ରଧାନମନ୍ତ୍ରୀଙ୍କ ୨୫ ବର୍ଷର ନେତୃତ୍ୱକୁ ଅଭିନନ୍ଦନ ଜଣାଇ କ୍ୟାବିନେଟ୍‌ରେ ସଂକଳ୍ପ ପାରିତ

# ଭାରତର ଗଣତାନ୍ତ୍ରିକ ଇତିହାସରେ ଗୌରବମୟ ଦିନ: ମନମୋହନ

ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ସରକାରଙ୍କ ମୁଖ୍ୟ ଭାବେ ନିରବଚ୍ଛିନ୍ନ ୨୫ ବର୍ଷର ଗୌରବମୟ ନେତୃତ୍ୱ ପୂରଣ କରିଥିବାରୁ କେନ୍ଦ୍ର

**ଆଜି ୭୫୦ ଜିଲ୍ଲା ମୁଖ୍ୟାଳୟରେ 'ବିକଶିତ ଭାରତ ସଂକଳ୍ପ ସଭା'**

 କ୍ୟାବିନେଟ୍ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଭିନନ୍ଦନ ଜଣାଇ ଏକ ଐତିହାସିକ ସଂକଳ୍ପ ପାରିତ କରିଛି। ଏହି ସଂକଳ୍ପ କେବଳ ଏକ ଆନୁପାତିକ ଶ୍ରଦ୍ଧାଞ୍ଜଳି ନୁହେଁ, ବରଂ 'ରାଷ୍ଟ୍ର ପ୍ରଥମ' ଓ 'ନାଗରିକ ପ୍ରଥମ' ନୀତି ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଯାତ୍ରାକୁ ଉତ୍ସବ ଭାବେ ପାଳନ କରେ। ଗୁଜରାଟରେ ତିନୋଟି ପୂର୍ଣ୍ଣ ବହୁମତ ଓ କ୍ରମାଗତ ତିନୋଟି ଲୋକସଭା ନିର୍ବାଚନରେ ଜନସାଧାରଣଙ୍କ ସମର୍ଥନ ମୋଦିଙ୍କ ଉପରେ ଦେଶବାସୀଙ୍କ ନିରନ୍ତର ବିଶ୍ୱାସର ପ୍ରତୀକ। ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶାସନ ଭାର ଗ୍ରହଣ କରିବାଠାରୁ ଆରମ୍ଭ କରି ଆଜି ଦେଶର ପ୍ରଧାନମନ୍ତ୍ରୀ ଭାବେ ଭାରତକୁ ନୂତନ ଉଚ୍ଚତାକୁ ନେବା ପର୍ଯ୍ୟନ୍ତ ତାଙ୍କ ନେତୃତ୍ୱର ୧୦ଟି ମୁଖ୍ୟ କାର୍ଯ୍ୟକୁ କେନ୍ଦ୍ର କ୍ୟାବିନେଟର ସଂକଳ୍ପରେ ସ୍ଥାନିତ କରାଯାଇଛି। ଆଜି ଭାରତର ଗଣତାନ୍ତ୍ରିକ ଇତିହାସରେ ଏକ ଅତ୍ୟନ୍ତ ଗୌରବମୟ ଦିନ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।




ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ ମୋଦିଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୁଜରାଟର 'ସ୍ୱାଗତ' ଜନ-ଅଭିଯୋଗ ଶୁଣାଣି ବ୍ୟବସ୍ଥା ଓ ଦେଶର ପ୍ରଧାନମନ୍ତ୍ରୀତ୍ୱ ସମୟରେ କେନ୍ଦ୍ରରେ 'ପ୍ରଗତି' ମାଧ୍ୟମରେ ଦେଶର ଅଟକି ରହିଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାରେ ବଡ଼ ଭୂମିକା ଗ୍ରହଣ କରିଛି। ସେହିପରି 'ଜ୍ୟୋତିଗ୍ରାମ' ଯୋଜନା ଆଜି ସାରା ଦେଶ ପାଇଁ ଏକ ମଡେଲ ପାଲଟିଛି। ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ଅନୁଭୂତି କାରଣରୁ ଆଜି ୬୦ କୋଟି ଜନଧନ ଆକାଉଣ୍ଟ, ୪ କୋଟିରୁ ଅଧିକ ପକ୍କା ଘର ଓ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରି ପରିବାରଗୁଡ଼ିକୁ ସମ୍ମାନର ସହ ଜୀବନ ଯାପନ କରିବାର ସୁଯୋଗ ଦେଇଛି। ଦେଶରେ ୩.୫ କୋଟି 'ଲକ୍ଷପତି ଦିଦି', 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳା ସଂରକ୍ଷଣ, ପିଏମ-କିଷାନ ମାଧ୍ୟମରେ ୪ ଲକ୍ଷ କୋଟିରୁ ଅଧିକ ଟଙ୍କାର କୃଷକ ସହାୟତା ଓ ପିଏମ-ଜନମନ ମାଧ୍ୟମରେ ଅତି ଦୁର୍ବଳ ଜନଜାତି ସମ୍ପ୍ରଦାୟ ନିକଟରେ ବିକାଶ ପହଞ୍ଚାଯାଇପାରିଛି ବୋଲି ଶ୍ରୀ ସାମଲ କହିଛନ୍ତି।

# ଓଡ଼ିଶୀ ନୃତ୍ୟ, ମିଳୁନି ବିଧିବଦ୍ଧ ମାନ୍ୟତା



ଭୁବନେଶ୍ୱର,୬।୧୦: ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ବିଧିବଦ୍ଧ ଭାବେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିବା ବେଳେ ଶାସ୍ତ୍ରୀୟ ନୃତ୍ୟ ଭାବେ ଓଡ଼ିଶୀକୁ ବିବେଚନା କରାଯାଉଥିଲେ ମଧ୍ୟ ଏ ସଂକ୍ରାନ୍ତରେ କୌଣସି ବିଧିବଦ୍ଧ ପ୍ରମାଣପତ୍ର ମିଳିନାହିଁ। ଏହାଛଡ଼ା ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ମାନ୍ୟତା ପ୍ରତୀକ୍ଷାରେ ଥିବା ବେଳେ କେବେ ଏହି ପୁରାତନ ସଙ୍ଗୀତକୁ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କରିବେ ସେଥିଘେନି କଳାକାର ଜଗତ ଓ ସ୍ୱାଭିମାନୀ ଓଡ଼ିଆମାନେ ପ୍ରତୀକ୍ଷା କରିଛନ୍ତି।

ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୧୯୩୬ରେ ଓଡ଼ିଶା ପ୍ରଦେଶ ବ୍ରିଟିଶ ରାଜତ୍ୱ ସମୟରେ ଜନ୍ମ ନେଇଥିଲା। ୧୯୫୪ରେ ଓଡ଼ିଆକୁ ସରକାରୀ ଭାଷା ଭାବେ ଆଇନଗତ ସ୍ୱୀକୃତି ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ମିଳିଥିଲେ ମଧ୍ୟ ଏଯାବତ୍ ସରକାରୀ ଦପ୍ତରଗୁଡ଼ିକର ସମସ୍ତ କାମ ଓଡ଼ିଆ ଭାଷାରେ ହୋଇପାରୁନାହିଁ।

ଏଯାବତ୍ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ୧୧ଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଛନ୍ତି। ଏଥି ମଧ୍ୟରେ ଦେଶର ଷଷ୍ଠ ଭାଷା ଭାବେ ଓଡ଼ିଆ ୨୦୧୪ ଫେବ୍ରୁଆରୀ ୨୦ ତାରିଖରେ ବିଧିବଦ୍ଧ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଓଡ଼ିଆ ପରେ ମରାଠୀ, ମାଲୟାଲାମ, କନ୍ନଡ, ବେଙ୍ଗଲି ଓ ଆସାମିଜ୍ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବା ବେଳେ ଓଡ଼ିଆ ପୂର୍ବରୁ ପାଲ୍ଲି, ପ୍ରାକୃତ, ସଂସ୍କୃତ, ତାମିଲ ଓ ତେଲୁଗୁ ଭାଷା ଏହି ମାନ୍ୟତା ହାସଲ କରିଥିଲେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ୧୨ ବର୍ଷରୁ ଅଧିକ ସମୟ ବିତି ଯାଇଥିବା ବେଳେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଶାର ବହୁ ଛାତ୍ରଛାତ୍ରୀଙ୍କର ଓଡ଼ିଆ ଭାଷା ଜ୍ଞାନ ଢେର ପଛରେ ରହୁଥିବା କୁହାଯାଉଛି।

ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଭାବେ ବିବେଚନା କରାଯାଉଥିବା ବେଳେ ଏଥିନିମିତ୍ତି କୌଣସି ବିଧିବଦ୍ଧ ପ୍ରମାଣପତ୍ର ମିଳିନାହିଁ। ତେବେ ଭାରତନାଟ୍ୟମ, କଥକ, କଥକଲ୍ଲୀ, କୁଚିପୁଡ଼ି, ମଣିପୁରୀ, ମୋହିନଆଟ୍ଟମ, ଓଡ଼ିଶୀ ଓ ସତ୍ରିୟା ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଭାବେ ଗଣାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶୀ ନୃତ୍ୟକୁ ବିଧିବଦ୍ଧ ଶାସ୍ତ୍ରୀୟ ନୃତ୍ୟ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଓ ସଂସଦରେ ବାରମ୍ବାର ଦାବି ଉଠି ଆସୁଛି। ଓଡ଼ିଶୀ ନୃତ୍ୟଗୁରୁ ଓ ଏହି ନୃତ୍ୟ ସାଧନା କରୁଥିବା କଳାକାରଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ରାଜ୍ୟ ଭିତରେ ଓ ବାହାରେ ଏମିତିକି ବିଦେଶରେ ଓଡ଼ିଶୀନୃତ୍ୟ ପ୍ରଶଂସା ସାଉଁଟୁଛି। ଏଭଳି ବିରଳ ସାଂସ୍କୃତିକ ପରମ୍ପରାର ଅଧିକାରୀ ହୋଇ ମଧ୍ୟ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ନୃତ୍ୟ ଭାବେ ପ୍ରମାଣପତ୍ର କେନ୍ଦ୍ର ସରକାର ପ୍ରଦାନ କରିବାରେ ଅସୁବିଧା କେଉଁଠି ବୋଲି ବାରମ୍ବାର କଳାକାର ମହଲ ପ୍ରଶ୍ନ କରିଆସୁଛନ୍ତି। ଭାରତରେ ଓଡ଼ିଶୀ, ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ସଙ୍ଗୀତକୁ ଶାସ୍ତ୍ରୀୟ ସଙ୍ଗୀତ ଭାବେ ସଙ୍ଗୀତଜ୍ଞ, କଳାକାର ଓ ସାଧାରଣ ଲୋକେ ଗ୍ରହଣ କରିଆସୁଛନ୍ତି। କିନ୍ତୁ ବାସ୍ତବରେ ଓଡ଼ିଶୀ ସଙ୍ଗୀତକୁ ଏଯାବତ୍ ବିଧିବଦ୍ଧ ଭାବେ ଶାସ୍ତ୍ରୀୟ ସଙ୍ଗୀତ ପ୍ରମାଣପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟରୁ ମିଳୁନାହିଁ। କୌଣସି ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କର ବ୍ୟବସ୍ଥା ନାହିଁ ବୋଲି ଉଲ୍ଲେଖ କରି ପ୍ରସଙ୍ଗକୁ ଏଡ଼ାଇ ଦିଆଯାଉଛି।

ଓଡ଼ିଆ ଅସ୍ମିତାକୁ ନେଇ ଗର୍ବ କରାଯାଉଥିବା ବେଳେ ଓଡ଼ିଶାରେ ଓଡ଼ିଆ ଭାଷା ସଂଖ୍ୟାଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୁର୍ବଳ ରହିବାର ଅନ୍ୟତମ କାରଣ ହେଉଛି ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ଭାଷାର ମୂଳଦୁଆ ପକାଇବା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ତାଲିମପ୍ରାପ୍ତ ଶିକ୍ଷକ ନାହାନ୍ତି। ହିନ୍ଦୀ ଓ ସଂସ୍କୃତ ଆଦି ଭାଷା ପଢ଼ାଇବା ପାଇଁ ଏହି ଭାଷାରେ ଶିକ୍ଷାଗତ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ଶିକ୍ଷକ ଭାବେ ନିଯୁକ୍ତି ଦିଆଯାଉଥିବା ବେଳେ ଓଡ଼ିଆ ଭାଷାରେ ସ୍ନାତକ ଓ ସ୍ନାତକୋତ୍ତର ସ୍ତରରେ ଡିଗ୍ରୀ ହାସଲ କରିଥିବା ବ୍ୟକ୍ତିମାନଙ୍କୁ କିନ୍ତୁ ସ୍ୱତନ୍ତ୍ର ଭାବେ ଓଡ଼ିଆ ଶିକ୍ଷକ ରୂପେ ନିଯୁକ୍ତି ଦିଆଯାଉନାହିଁ। ସେହିପରି ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେଉଥିବା ବେଳେ ଏହି ନୃତ୍ୟ ଓ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ସଂକ୍ରାନ୍ତୀୟ ପ୍ରମାଣପତ୍ର କେବେ ଦିଲ୍ଲୀରୁ ଆସି ଭୁବନେଶ୍ୱରରେ ପହଞ୍ଚିବ ତାହାକୁ ସମସ୍ତଙ୍କ ଅପେକ୍ଷା। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

# ବୀରତ୍ୱର ଜୀବନ୍ତ ଉଦାହରଣ



ସମଗ୍ର ବିଶ୍ୱ ଆଜି ଏକ ଭାରତୀୟ ପାଇଲଟଙ୍କ ବୀରତ୍ୱ ଆଗରେ ମଥା ନୁଆଁଇଛି। ଫ୍ଲାଇଦୁବାଇ ବିମାନ କମ୍ପାନୀର କ୍ୟାପଟେନ୍ ସ୍ମିଟ୍ ମଚ୍ଛାର ନିଜର ଅସାଧାରଣ ସାହସ ଓ ଉପସ୍ଥିତି ମନ ଦ୍ୱାରା ଏକ ଭୟଙ୍କର ହାଇଜାକ୍ ପ୍ରୟାସକୁ ବିଫଳ କରିଛନ୍ତି। ଦୁବାଇରୁ ତେଲ ଅଭିଭ୍ ଉଦ୍ଦେଶ୍ୟରେ ଉଡୁଥିବା ଫ୍ଲାଇଦୁବାଇ ଫ୍ଲାଇଟ୍ FZ1073ରେ ସହ-ପାଇଲଟଙ୍କ ଦ୍ୱାରା ଆକ୍ରମଣ ହେବା ପରେ ମଧ୍ୟ ସେ ନିଜ ଜୀବନକୁ ବିପଦରେ ପକାଇ ଯାତ୍ରୀମାନଙ୍କୁ ରକ୍ଷା କରିଛନ୍ତି। ଏହି ଘଟଣା କେବଳ ଏକ ବୀରଗାଥା ନୁହେଁ, ବରଂ ଭାରତୀୟ ଚରିତ୍ରର ସାହସ, କର୍ତ୍ତବ୍ୟନିଷ୍ଠା ଓ ମାନବତାର ଏକ ଜୀବନ୍ତ ପ୍ରତୀକ ହୋଇ ଉଠିଛି।

୨୦୨୬ ସେପ୍ଟେମ୍ବର ୩୦ ତାରିଖରେ ଘଟିଥିବା ଏହି ଘଟଣାରେ ବୋଇଂ ୭୩୭ ବିମାନରେ ପ୍ରାୟ ୧୭୪ ଜଣ ଯାତ୍ରୀ ଥିଲେ। ବିମାନ ଉଡାଣ ସମୟରେ କକପିଟ୍ ଭିତରେ ସହ-ପାଇଲଟ ହଠାତ୍ ଆକ୍ରମଣ କରି କ୍ୟାପଟେନ୍ ମଚ୍ଛାରଙ୍କୁ ଛୁରିରେ ଆଘାତ ଦେଇଥିଲେ ଏବଂ ବିମାନକୁ କ୍ରାସ୍ କରିବାକୁ ଚେଷ୍ଟା କରିଥିଲେ। ଗମ୍ଭୀର ଆଘାତ ଓ ରକ୍ତସ୍ରାବ ସତ୍ତ୍ୱେ କ୍ୟାପଟେନ୍ ମଚ୍ଛାର ନିଜ ଶରୀରକୁ ନିୟନ୍ତ୍ରଣରେ ରଖି କକପିଟ୍ ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ। ଏହା ଫଳରେ ଯାତ୍ରୀ ଓ କ୍ରୁ ସଦସ୍ୟମାନେ ଭିତରକୁ ପ୍ରବେଶ କରି ଆକ୍ରମଣକାରୀକୁ ନିୟନ୍ତ୍ରଣରେ ଆଣିପାରିଥିଲେ। ବିମାନ ସୁରକ୍ଷିତ ଭାବେ ସାଉଦି ଆରବର ତବୁକ୍ ବିମାନବନ୍ଦରରେ ଅବତରଣ କରିଥିଲା। ଏହି ଏକମାତ୍ର କାର୍ଯ୍ୟ ଶହ ଶହ ଜୀବନକୁ ରକ୍ଷା କରିଛି ଏବଂ ଏକ ବିଶାଳ ଟ୍ରାଜେଡିକୁ ରୋକିଛି।

କ୍ୟାପଟେନ୍ ମଚ୍ଛାର ମୁମ୍ବାଇର ଗୁଜରାଟୀ ପରିବାରରୁ ଆସିଛନ୍ତି। ପ୍ରାରମ୍ଭରେ ପରିବାରର ଟେକ୍ସଟାଇଲ୍ ବ୍ୟବସାୟରେ ଯୋଗ ଦେବାର ଯୋଜନା ଥିଲା, କିନ୍ତୁ ବିମାନ ଚାଳନା ପ୍ରତି ଆକର୍ଷଣ ତାଙ୍କୁ ଏହି କ୍ଷେତ୍ରକୁ ଟାଣି ଆଣିଲା। ନିଉଜିଲ୍ୟାଣ୍ଡରେ ପ୍ରଶିକ୍ଷଣ ନେଇ ସେ ସ୍ପାଇସ୍ ଜେଟ୍‌ରେ ୧୧ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଛନ୍ତି ଏବଂ ପରେ ଫ୍ଲାଇଦୁବାଇରେ ଯୋଗ ଦେଇଛନ୍ତି। ତାଙ୍କର ପ୍ରାୟ ୯,୭୫୦ ଘଣ୍ଟାର ଉଡାଣ ଅନୁଭବ ରହିଛି। ଏହି ଅନୁଭବ ଓ ପ୍ରଶିକ୍ଷଣ ତାଙ୍କୁ ସଙ୍କଟ ସମୟରେ ସଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିଛି।

ବିଶ୍ୱର ବିଭିନ୍ନ ନେତା ତାଙ୍କ ବୀରତାକୁ ପ୍ରଶଂସା କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ "ହିରୋ" ବୋଲି କହିଛନ୍ତି ଏବଂ ଭିଡିଓ କଲ୍ ମାଧ୍ୟମରେ ତାଙ୍କ ସହିତ କଥାବାର୍ତ୍ତା କରି ସୁସ୍ଥତା କାମନା କରିଛନ୍ତି। ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ତାଙ୍କୁ "ପ୍ରକୃତ ବୀର" ବୋଲି ସମ୍ବୋଧିତ କରିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ତାଙ୍କ ସାହସକୁ ସ୍ୱୀକାର କରିଛନ୍ତି। ସାମାଜିକ ମାଧ୍ୟମରେ ବିଶ୍ୱବ୍ୟାପୀ ପ୍ରଶଂସା ବର୍ଷିବା ସହିତ ଭାରତୀୟମାନେ ଗର୍ବର ଅନୁଭୂତି କରୁଛନ୍ତି। କ୍ୟାପଟେନ୍ ମଚ୍ଛାରଙ୍କ ଏହି କାର୍ଯ୍ୟ କେବଳ ଏକ ବ୍ୟକ୍ତିଗତ ବୀରତ୍ୱ ନୁହେଁ ଏହା ଭାରତୀୟ ଯୁବପିଢ଼ି ପାଇଁ ଏକ ବଡ଼ ପ୍ରେରଣା। ସଙ୍କଟ ସମୟରେ ଆତ୍ମସମର୍ପଣ ନକରି କର୍ତ୍ତବ୍ୟକୁ ସର୍ବୋଚ୍ଚ ସ୍ଥାନ ଦେବା, ନିଜ ଜୀବନ ବିପଦରେ ପକାଇ ଅନ୍ୟମାନଙ୍କୁ ରକ୍ଷା କରିବା, ଏହି ଗୁଣଗୁଡ଼ିକ ଆଜିର ସମାଜରେ ଅତ୍ୟନ୍ତ ଆବଶ୍ୟକ। ତାଙ୍କ କାହାଣୀ ଶିକ୍ଷା, ପ୍ରଶିକ୍ଷଣ ଓ ମାନସିକ ଶକ୍ତିର ମହତ୍ତ୍ୱକୁ ସ୍ପଷ୍ଟ କରେ। ଏହା ଦେଖାଏ ଯେ ଭାରତୀୟମାନେ କେବଳ ନିଜ ଦେଶ ଭିତରେ ନୁହେଁ, ବିଶ୍ୱ ମଞ୍ଚରେ ମଧ୍ୟ ସାହସ ଓ କ୍ଷମତାର ଉଦାହରଣ ସ୍ଥାପନ କରିପାରନ୍ତି।

ଏହି ଘଟଣା ବିମାନ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ପୁନର୍ବିଚାରର ଆବଶ୍ୟକତା ସୃଷ୍ଟି କରିଛି। କିନ୍ତୁ ସବୁଠାରୁ ବଡ଼ ଶିକ୍ଷା ହେଉଛି ମାନବୀୟ ସାହସର ଶକ୍ତି। କ୍ୟାପଟେନ୍ ମଚ୍ଛାର ଯେମିତି କହିଛନ୍ତି, ସେ ନିଜ ଜୀବନ ପାଇଁ ଲଢୁଥିଲେ, କିନ୍ତୁ ସମାନ୍ତରାଳ ଭାବେ ଅନ୍ୟମାନଙ୍କୁ ମୃତ୍ୟୁରୁ ରକ୍ଷା କରିବାର ସଂକଳ୍ପ ମଧ୍ୟ ରଖିଥିଲେ। ଏହି ମନୋଭାବ ଆମ ସମାଜକୁ ପ୍ରେରିତ କରିବା ଉଚିତ। ଭାରତ ଏପରି ବୀର ସନ୍ତାନଙ୍କୁ ଗର୍ବ କରେ। କ୍ୟାପଟେନ୍ ସ୍ମିଟ୍ ମଚ୍ଛାରଙ୍କ ଦ୍ରୁତ ସୁସ୍ଥତା କାମନା କରି, ଆମେ ଆଶା କରୁଛୁ ଯେ ତାଙ୍କ କାହାଣୀ ଭବିଷ୍ୟତର ପିଢ଼ିକୁ ସାହସ, କର୍ତ୍ତବ୍ୟନିଷ୍ଠା ଓ ମାନବତାର ପଥରେ ଚାଲିବାକୁ ପ୍ରେରଣା ଦେବ। ସେ କେବଳ ଜଣେ ପାଇଲଟ ନୁହନ୍ତି, ସେ ଭାରତର ଗର୍ବ ଏବଂ ବିଶ୍ୱର ପ୍ରେରଣା।

# କଲେଜ ନିର୍ବାଚନ କେତେଦୂର ଯୁକ୍ତିଯୁକ୍ତ

ଅରିଜିତ ମିଶ୍ର



ନିର୍ବାଚନ ଏକ ମହାନ୍ ପରମ୍ପରା। ଯେଉଁଥିରେ ମଣିଷ ନିଜର ମନକୁ ପାଇଥିବା ପାର୍ଥୀକୁ ମତଦାନ କରେ। ବିଶେଷ କରି ଚଳିତ ବର୍ଷ ଓଡ଼ିଶା ସରକାର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ୨୦୧୭ ମସିହାରେ ଶେଷ ଥର ପାଇଁ ହୋଇଥିଲା ଉକ୍ତ ଛାତ୍ର ସଂସଦ ନିର୍ବାଚନ। ବିଶେଷ କରି ଛାତ୍ର ସଂସଦ ନିର୍ବାଚନ ହେଲେ ଆଗାମୀ ଭାରତକୁ ଭଲ ନେତା ମିଳନ୍ତି। ଯାହା ଫଳରେ ଦେଶର ଉନ୍ନତି କରିବା ପାଇଁ ସେମାନେ ଅଗ୍ରସର ହୁଅନ୍ତି। ବିଜୟୀ ପ୍ରାର୍ଥୀ କଲେଜରେ ନେତା ହେବା ପରେ କଲେଜର ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଉନ୍ନତି ଆଣିବା ପାଇଁ ପ୍ରଚେଷ୍ଟା କରେ। ବିଶେଷ କରି ଛାତ୍ର ଏବଂ ଛାତ୍ରୀଙ୍କ ସାଧାରଣ ପ୍ରକୋଷ୍ଠ, ଖେଳ ପଡ଼ିଆ, ଫୁଲ ବଗିଚା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାର୍କିଙ୍ଗ ବ୍ୟବସ୍ଥା ଆଦିର ଉନ୍ନତି ଦିଗରେ ଚିନ୍ତା କରନ୍ତି। ଆଗାମୀ ଭବିଷ୍ୟତରେ ଜଣେ ଉତ୍ତମ ନେତା ହୋଇ ଦେଶରେ ନିଜର ପ୍ରତିଷ୍ଠା ତିଆରି କରିବା ପାଇଁ ଅନେକ ସ୍ୱପ୍ନ ଦେଖିଥାନ୍ତି। ଯଦି କେଉଁ ଛାତ୍ର ହେଉ ବା ଛାତ୍ରୀ କଲେଜ ପରିସରରେ କୌଣସି ପ୍ରକାର ଅସୁବିଧା ହେଲେ ଏହି ଛାତ୍ର ନେତା ମାନେ ସେମାନଙ୍କର ଅସୁବିଧାକୁ ନିବାରଣ କରିବା ପାଇଁ ବ୍ୟଗ୍ର ହୁଅନ୍ତି।

କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ଛାତ୍ର ସଂସଦ ନିର୍ବାଚନ ଗୋଟେ ମୁଣ୍ଡ ବିନ୍ଧାର କାରଣ ପାଲଟିଲା ଅଧ୍ୟାପକ ଏବଂ ଅଧ୍ୟାପିକା ମାନଙ୍କ ପାଇଁ। ଦୀର୍ଘ ଆଠ ବର୍ଷ ପରେ ଚଳିତ ବର୍ଷ ନିର୍ବାଚନ ହେବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ତଥାପି କିନ୍ତୁ ରହୁଚି ଶିକ୍ଷକ ଏବଂ ଅଭିଭାବକ ମାନଙ୍କ ସମାଜରେ। କାରଣ ଦିନକୁ ଦିନ ଗଣ୍ଡଗୋଳର ମାତ୍ରା ବଢି ଚାଲିଛି। ଉଚ୍ଚ ଶିକ୍ଷାର ନିୟମ ଅନୁଯାୟୀ ମାତ୍ର ୫୦୦୦ ଟଙ୍କା ରହିଛି ଖର୍ଚ୍ଚ କରିବା ନିମନ୍ତେ ଉକ୍ତ ନିର୍ବାଚନରେ। ଯାହାକି ସମ୍ଭବ ନୁହେଁ। କାରଣ ଛାତ୍ର ନେତା ମାନେ ତାଙ୍କ ଗାଡ଼ିରେ ପେଟ୍ରୋଲ ପକାଇବା, ଦଳୀୟ ଛାତ୍ର କର୍ମୀ ମାନଙ୍କୁ ଖାଇବାକୁ ଦେବା ଏବଂ ବୁଲି ବୁଲି ପ୍ରଚାର କରିବା ଆଦି କ୍ଷେତ୍ରରେ ଅଧିକ ମାତ୍ରାରେ ଅର୍ଥ ଦରକାର ପଡ଼େ। ମୁଖ୍ୟ ସମସ୍ୟା ହେଉଛି ଛାତ୍ର ସଂସଦ ନିର୍ବାଚନରେ ଛାତ୍ର ନେତାଙ୍କ ପଛରେ ସ୍ଥାନୀୟ ନେତା ମାନଙ୍କର ସମର୍ଥନ ରହେ। ସେମାନେ ଯେପରି କୁହନ୍ତି ଛାତ୍ର ନେତା ସେଇଆ ହିଁ କରନ୍ତି କଲେଜ ପରିସରରେ। ସାଧାରଣ ଛାତ୍ର ଏବଂ ଛାତ୍ରୀ ମଧ୍ୟ ଜାଣନ୍ତି ଏହିସବୁ ପରିସ୍ଥିତି, କିନ୍ତୁ ସେମାନେ ଜାଣିଲେ ବି ନିରୁପାୟ ଅବସ୍ଥା। ଅଧିକାଂଶ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଭଲ ପାଠ ପଢୁଥିବା ଛାତ୍ର ଏବଂ ଛାତ୍ରୀ ଉକ୍ତ ନିର୍ବାଚନରେ ପ୍ରାର୍ଥୀ ହେବାକୁ ବା ଭୋଟ ଦେବାକୁ ଭୟ ମଧ୍ୟ କରନ୍ତି। ଯାହାର ମୁଖ୍ୟ କାରଣଟି ହେଉଛି ନିର୍ବାଚନୀ ହିଂସା ଏବଂ ଧମକ ପୂର୍ଣ୍ଣ ମନ୍ତବ୍ୟ ଇତ୍ୟାଦି। ଅଣଛାତ୍ର ମାନଙ୍କର ମଧ୍ୟ କଲେଜ ପରିସରରେ ପ୍ରବେଶ ଏକ ବଡ଼ ସମସ୍ୟା।

ତେଣୁ ଉପରୋକ୍ତ କାରଣରୁ ଛାତ୍ର ସଂସଦ ନିର୍ବାଚନକୁ ଯେତିକି ଆଗ୍ରହ ପ୍ରକାଶ କରିବା ସହିତ ପୁରା ହାତେ ମାପି ଚାଖଣ୍ଡେ ଚାଲିବା ପରି ମନେହୁଏ। ସରକାରୀ ନିୟମ ଯେପରିକି ଉପସ୍ଥାନ ୭୫% ନିହାତି ଜରୁରୀ ଅଟେ। କୌଣସି ଛାତ୍ର ନେତାଙ୍କ ପୂର୍ବରୁ ଦେଇଥିବା ପରୀକ୍ଷାରେ ଫେଲ୍ ନହେଇଥିବା ଆବଶ୍ୟକ। ଖର୍ଚ୍ଚ ମଧ୍ୟ ୫୦୦୦ ଟଙ୍କା ଭିତରେ କରିବା ଉତ୍ତମ। ବର୍ତ୍ତମାନ ସମୟରେ ସାମାଜିକ ଗଣମାଧ୍ୟମ ଠାରୁ ଯଥେଷ୍ଟ ଦୂରରେ ରହି କାଗଜରେ ଲେଖି ପ୍ରଚାର କଲେ ଭଲ। କଲେଜ ପରିସରରେ କୌଣସି ମାଦକ ଦ୍ରବ୍ୟର ସେବନ, ଅଶାନ୍ତ ପରିବେଶ ସୃଷ୍ଟି ନକରି ସୁସ୍ଥତାର ସହିତ ନିର୍ବାଚନ ଶେଷ କରିବା ଉଚିତ୍। ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣ ଏବଂ ଲିଙ୍ଗ ନିର୍ବିଶେଷରେ କୌଣସି ଛାତ୍ର ଏବଂ ଛାତ୍ରୀଙ୍କୁ ଆକ୍ଷେପ ନକରିବା ଉତ୍ତମ ଅଟେ। କାହାକୁ ଗାଳିଗୁଲଜ ନକରିବା ସହିତ କୃତ୍ରିମ ବୁଦ୍ଧିମତା ପ୍ରୟୋଗ କରି ଅନ୍ୟ ନେତାଙ୍କୁ କଟାକ୍ଷ କରିବେ ନାହିଁ। ଅନେକ ସମୟରେ ଦେଖାଯାଏ ଛାତ୍ର ନେତା ମାନେ ବସ୍ ଏବଂ ସାଇକଲରେ ଆସୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ନିଜେ ଗାଡ଼ି କରି ତାଙ୍କ ଘରୁ ନେଇ ଆସନ୍ତି ଭୋଟ ପାଇବା ପାଇଁ, ତେଣୁ ଏହାଠାରୁ ଦୂରତା ବଜାୟ ରଖିବା ଆବଶ୍ୟକ। କଲେଜ ପରିସରରେ କୌଣସି ବାଦ୍ୟ ଯନ୍ତ୍ର ବଜାଇବା ସହିତ କଲେଜରେ ଥିବା ସମସ୍ତ ସମ୍ପତ୍ତିକୁ ନଷ୍ଟ କରିବା ଠିକ୍ ନୁହେଁ। ବାସ୍ତବରେ ଏହିପରି ସମସ୍ତ ସରକାରୀ ନୀୟମକୁ ପାଳନ କରିବା ସହିତ ଶିକ୍ଷାନୁଷ୍ଠାନରେ ଥିବା ଶିକ୍ଷକ ମାନଙ୍କୁ ଯଥେଷ୍ଟ ସମ୍ମାନ ଦେବା ନିହାତି ଜରୁରୀ। ଅନେକ ସମୟରେ ଗଣ୍ଡଗୋଳ, ଧାରଣା ଆଦି କରି ଛାତ୍ର ମାନେ ଶିକ୍ଷକ ମାନଙ୍କୁ ବହୁତ୍ କଷ୍ଟ ଦିଅନ୍ତି ତେଣୁ ସେଥିରୁ ନିବୃତ୍ତ ରହିବା ମଙ୍ଗଳପ୍ରଦ। ଯେତେ ସମ୍ଭବ ଶାନ୍ତି ଶୃଙ୍ଖଳା ବଜାୟ ରଖି ନିର୍ଦ୍ୱନ୍ଦ ଏବଂ ନୀର୍ବିବାଦରେ ନିର୍ବାଚନ ହେବା ଶ୍ରେୟସ୍କର।

**ବୀରନରସିଂହପୁର, ପୁରୀ**
**ମୋବାଇଲ୍:୯୦୪୦୩୫୦୦୮୯**

# ଗୁରୁ-ନିର୍ବାଚନ

ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର



ୟୁନେସ୍କୋ ଓ ଏଜୁକେସନ ଇଣ୍ଟରନେସନାଲ ଆନୁକୂଲ୍ୟରେ ୧୯୯୪ରୁ ପ୍ରତି ବର୍ଷ ଅକ୍ଟୋବର ୫ରେ ବିଶ୍ୱ ସ୍ତରରେ ପାଳିତ ହେଉଛି ଅନ୍ତର୍ଜାତୀୟ ଶିକ୍ଷକ ଦିବସ। ଭବିଷ୍ୟତର ପିଢ଼ିକୁ ଗଢ଼ିବାରେ ଶିକ୍ଷକ ସମାଜର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ତେଣୁ ଶିକ୍ଷକ ମାନଙ୍କ ସମ୍ମାନର୍ଥେ ଶହେରୁ ଅଧିକ ଦେଶରେ ଏହି ଦିବସ ପାଳନ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏଜୁକେସନ ଇଣ୍ଟରନେସନାଲର ସଦସ୍ୟ ସଂସ୍ଥା ସଂଖ୍ୟା ୪୦୧। ଶିକ୍ଷା ବ୍ୟବସ୍ଥାର ବିକାଶ ଲାଗି ଏହି ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି।

ଶିକ୍ଷା ପରମ୍ପରାରେ ଅତିବ ଗୁରୁତ୍ୱପୂର୍ଣ୍ଣ ଭାବେ ଗୁରୁ ପରମ୍ପରାର ଏକ ବିଶେଷ ନେତିବାଚକ ଦିଗ ହେଉଛି ଯେ ଗୁରୁ ଯଦି ଠିକ୍ ନ ହୁଅନ୍ତି ତାହାହେଲେ ତାଙ୍କର ଦୋଷଗୁଡ଼ିକୁ ଶିଷ୍ୟମାନେ ନିର୍ବିଚାରରେ ଅନୁସରଣ କରି ପତନାଭିମୁଖୀ ହୁଅନ୍ତି। ଏହିପରି ବହୁ ଭଣ୍ଡ ଓ ଛଦ୍ମବେଶୀ ଗୁରୁମାନେ ସମାଜରେ ତାଙ୍କର ପ୍ରତିପତ୍ତି ବିସ୍ତାର କରି ଚାଲିଛନ୍ତି। ଗୁରୁ ଯଦି ବେତ୍ତା ବା ଅବତାର ପୁରୁଷ ନ ହୁଅନ୍ତି ବା ଆଚରଣ ସିଦ୍ଧ ଆଚାର୍ଯ୍ୟ ନ ହୁଅନ୍ତି ତାହାହେଲେ ସେ କିନ୍ତୁ ଆମ୍ଭମାନଙ୍କୁ ଠିକ୍ ଅନୁସାରେ ପରିଚାଳନା କରିପାରିବେ ନାହିଁ। ଗୁରୁଙ୍କର ଗୋଟିଏ ମଧ୍ୟ ପ୍ରବୃତ୍ତି ଯଦି ଅନିୟନ୍ତ୍ରିତ ଥାଏ ତେବେ ସେହି ପ୍ରବୃତ୍ତି ଦ୍ୱାରା ଯାବତୀୟ ବିଷୟର ଜ୍ଞାନ ଓ ଗୁଣ ରଙ୍ଗୀନ ହୋଇ ଉଠେ। ତେଣୁ ସେ ଯାହା କିଛି କହନ୍ତି ତାହା ଭିତରେ ସତ୍ୟର ଆଲୋକ ଉଦ୍‌ଭାସିତ ହୁଏ ନାହିଁ। ଏହିପରି ଏକ ସଂଶୟାତ୍ମକ ପରିବେଶ ମଧ୍ୟରେ ଯୁଗାବତାର ଶୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମୁକ୍ତ କଣ୍ଠରେ କହିଛନ୍ତି - ଗୁରୁ ହିସାବରେ କାହାକୁ ଗ୍ରହଣ କରିବା ପୂର୍ବରୁ ଭଲ କରି ଦେଖି ଶୁଣି ନେବାକୁ ହୁଏ। ବିଶେଷତଃ ଦେଖିବାକୁ ହୁଏ ଗୁରୁଙ୍କର ଗୁରୁଭକ୍ତି କିପରି ଏବଂ ସେ ଯେଉଁ ଉପଦେଶ ଦିଅନ୍ତି ତାହା ସେ ନିଜେ ପାଳନ କରନ୍ତି କି ନାହିଁ ? ପ୍ରକୃତ ଗୁରୁ ଯିଏ ସେ ନିଜର ସ୍ୱାର୍ଥକୁ ଅନ୍ୟର ସ୍ୱାର୍ଥ ଠାରୁ ଅଲଗା କରି ଭାବି ପାରନ୍ତି ନାହିଁ। ସବୁ ସମୟରେ ତାଙ୍କର ବୁଦ୍ଧି ଥାଏ ମଣିଷକୁ ବଡ କରି ତୋଳିବା। ସେ ଯେତେବେଳେ ଭକ୍ତମାନଙ୍କ ପାଖରୁ କିଛି ନିଅନ୍ତି ସେତେବେଳେ ମଧ୍ୟ ସେହି ଦେବା ଭିତର ଦେଇ ଭକ୍ତର ଉପକାର ହେବ ବୋଲି ହିଁ ନିଅନ୍ତି, ନଚେତ୍ ନେବାର ଗରଜରେ ନିଅନ୍ତି ନାହିଁ। ତେଣୁ ଶୋଷଣ କରିବା ତାଙ୍କ ପକ୍ଷେ ସମ୍ଭବ ନୁହେଁ। ବରଂ ସେ ଆମ୍ଭମାନଙ୍କର ସତ୍ତାକୁ ସେବା କରିବା ପାଇଁ ଆମ୍ଭମାନଙ୍କର ପ୍ରବୃତ୍ତି ଗୁଡ଼ିକୁ ଶୋଷଣ କରିପାରନ୍ତି। ଗୁରୁକରଣ କରିବାକୁ ଗଲେ ଦେଖିବାକୁ ହୁଏ ଗୁରୁ ଆତ୍ମ-ନିବେଦିତ କି ନା? ସେ ପ୍ରବୃତ୍ତି ଅଭିଭୂତିର ଊର୍ଦ୍ଧ୍ୱ ରାଜ୍ୟରେ ଅଛନ୍ତି କି ନା? ତାଙ୍କର ଭାଗବତ ଗୁଣାବଳୀ ଅଛି କି ନା? ଯିଏ ପ୍ରକତ ଗୁରୁ ତାଙ୍କ ଭିତରେ ପୂର୍ବବର୍ତ୍ତୀ ପ୍ରତ୍ୟେକ ଅବତାର ଙ୍କୁ ଖୋଜି ପାଇ ହେବା ଏହା ପୂରାପୂରି ମାନଚିତ୍ର ଦେଖିବା ପରି। ଯେପରି ଶ୍ରୀରାମକୃଷ୍ଣଙ୍କୁ ଦେଖିଲେ ବୁଝି ହେବ ସେ ହିଁ ଶ୍ରୀକୃଷ୍ଣ, ସେ ହିଁ ବୁଦ୍ଧ, ସେ ହିଁ ଯୀଶୁ, ସେ ହିଁ ମହମ୍ମଦ ଓ ସେ ହିଁ ଶ୍ରୀଚୈତନ୍ୟ। ପରିଷ୍କାର ଭାବରେ ସମସ୍ତଙ୍କୁ ବୁଝି ହେବ ଓ ତାଙ୍କ ଭିତରେ ସମସ୍ତଙ୍କୁ ଦେଖା ମିଳିବ। ଏହା ନ ହେଲେ ସେ ଗୁରୁ ହେବା ପାଇଁ ଉପଯୁକ୍ତ ନୁହଁନ୍ତି। ଯୁଗ ପୁରୁଷୋତ୍ତମଙ୍କୁ କେନ୍ଦ୍ର କରି ସମନ୍ୱୟୀ ସଙ୍ଗତି ଅକ୍ଷୁର୍ଣ୍ଣ ରଖି ପାରିଲେ ହଜାରେ ମତର ଲୋକ ରହିଲେ ମଧ୍ୟ କିଛି ଯାଏ ଆସେ ନାହିଁ। ଆମ ଦେଶରେ ଭଗବାନ ଶ୍ରୀକୃଷ୍ଣ ବା ତଜ୍ଜାତୀୟ ଅବତାରମାନଙ୍କୁ ନମାନି, ଅସ୍ୱୀକାର ବା ଅପମାନ କରି ମଧ୍ୟ ମଣିଷ ଗୁରୁଙ୍କ ଆସନରେ ବସି ପାରେ, ଏହାଠାରୁ ଦୂରାବସ୍ଥା ଆଉ କ'ଣ କିଛି ହୋଇପାରେ?



ଗୁରୁ ନିର୍ବାଚନରେ ଚାରୋଟି ଜିନିଷ ବିଶେଷ କରି ଦେଖିବାକୁ ହୁଏ। ପ୍ରଥମତଃ ଦେଖିବାକୁ ହୁଏ - ପୂର୍ବତନ ପ୍ରାଜ୍ଞ ଆଚାର୍ଯ୍ୟମାନଙ୍କର ଧାରା ସହିତ ତାଙ୍କର ସାମଞ୍ଜସ୍ୟ ଅଛି କି ନାହିଁ? ଦ୍ୱିତୀୟତଃ ଦେଖିବାକୁ ହୁଏ - ସେ ବୈଶିଷ୍ଟ୍ୟର ପରିପାଳନ ଓ ପରିପୋଷଣ କରି ଚାଲନ୍ତି କି ନାହିଁ? ତୃତୀୟତଃ ଦେଖିବାକୁ ହୁଏ ତାଙ୍କର ଗୁରୁନିଷ୍ଠା କିପରି? ଗୁରୁ ନିଷ୍ଠାର ଲକ୍ଷଣ ହେଲା ଆତ୍ମପ୍ରତିଷ୍ଠାରେ ଔଦାସୀନ୍ୟ ଓ ଗୁରୁଙ୍କ ପ୍ରତିଷ୍ଠାରେ ଉଦଗ୍ର ଆଗ୍ରହ। ଆଉ ଚତୁର୍ଥ ଜିନିଷ ହେଲା - ଗୁରୁଙ୍କ କଥା ଓ କାମରେ ସଙ୍ଗତି। ମଣିଷ ଯାହା କହେ ତାହା ଯଦି ନିଜେ ଆଚରଣ ନ କରେ, ତାହାହେଲେ ସେଠାରେ ସନ୍ଦେହର ଅବକାଶ ଅଛି। ତେବେ ମୂଳଗୁଡିକ ଯଦି ଠିକ୍ ନଥାଏ କେବଳ କଥାରେ - କାମରେ ମେଳ ବା ସାମଞ୍ଜସ୍ୟ ରହିଲେ ମଧ୍ୟ ସେ କିନ୍ତୁ ଅନୁସରଣଯୋଗ୍ୟ ବା ଗୁରୁ ପଦବାଚ୍ୟ ନୁହଁନ୍ତି। ପ୍ରବୃତିବଶ୍ୟତା ଠାରୁ ମୁକ୍ତ ନ ହେଲେ ଅଖଣ୍ଡ ବ୍ୟକ୍ତିତ୍ୱ ଗଜାଏ ନାହିଁ। ବ୍ୟଷ୍ଟିବ୍ୟକ୍ତିତ୍ୱ ଭୂମାୟିତ ହୋଇ ସମଷ୍ଟି ବ୍ୟକ୍ତିତ୍ୱରେ ଉଦ୍ଭିନ୍ନ ହୋଇ ଉଠେ। ସମଷ୍ଟି ବ୍ୟକ୍ତିତ୍ୱରେ ଥାଏ ପ୍ରତ୍ୟେକଙ୍କୁ ତାର ବୈଶିଷ୍ଟ୍ୟ ଅନୁଯାୟୀ ପରିପୂରଣ କରିବାର ଆକୂତି ଓ କ୍ଷମତା। ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ମଣିଷ ଛଡ଼ା ଅନ୍ୟ କେହି ଗୁରୁ ହୋଇପାରେ ନାହିଁ। ଜଣଙ୍କ ପାଖରେ ଯଦି କେବଳ ହିନ୍ଦୁମାନଙ୍କ ପାଇଁ ସ୍ଥାନ ଥାଏ ଓ ମୁସଲମାନ ଏବଂ ଖ୍ରୀଷ୍ଟିୟାନ ପ୍ରଭୃତି ଅନ୍ୟ ସମ୍ପ୍ରଦାୟର ଲୋକଟି ସ୍ୱ-ସ୍ୱ ବିଶ୍ୱାସ ଓ ଶୁଭ ବୈଶିଷ୍ଟ୍ୟର ପୋଷଣ ତାଙ୍କ ପାଖରୁ ପାଆନ୍ତି ନାହିଁ, ସେ ପୁଣି କିପରି ଗୁରୁ ପଦବାଚ୍ୟ ହେବେ? ବିଭିନ୍ନ ବ୍ୟକ୍ତିଙ୍କର ବିଭିନ୍ନ ରୁଚି, କାହାର ବିଜ୍ଞାନ ଦିଗକୁ ଆକର୍ଷଣ, କାହାର ଦର୍ଶନ ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ବ୍ୟବସାୟ-ବାଣିଜ୍ୟ ଦିଗକୁ, କାହାର କୃଷି ଦିଗକୁ, କାହାର ସାହିତ୍ୟ ଦିଗକୁ, କାହାର ସଙ୍ଗୀତ-ବାଦ୍ୟ ଦିଗକୁ, କିମ୍ବା କାହାର ସାଧନା-ତପସ୍ୟା ଦିଗକୁ, ଏହି ବିଭିନ୍ନ ପ୍ରକାର ବ୍ୟକ୍ତିଙ୍କୁ ଯିଏ ବିହିତ ଭାବରେ ସମାଦର ଓ ସମାବେଶ କରି ଉଦ୍‌ବର୍ଦ୍ଧନ ଦିଗକୁ ପ୍ରେରଣା ଓ ନିର୍ଦ୍ଦେଶ ଦେଇପାରନ୍ତି, ସେ ହିଁ ସମଷ୍ଟି ବ୍ୟକ୍ତିତ୍ୱ ସମ୍ପନ୍ନ ଗୁରୁ ବା ଗୁରୁ-ପୁରୁଷୋତ୍ତମ।

ଜାତି, ଧର୍ମ, ବର୍ଣ୍ଣ ଓ ପ୍ରକୃତି ନିର୍ବିଶେଷରେ ଯାହାଙ୍କ ପାଖରେ ପ୍ରତ୍ୟେକଙ୍କ ସମର୍ଦ୍ଧନୀ ଆଶ୍ରୟ ରହିଛି ସେ ହିଁ ପ୍ରକୃତ ଗୁରୁ। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ କଥିତ ମଦ୍‌ଗୁରୁ ଶ୍ରୀଜଗତ୍‌ଗୁରୁ ଅର୍ଥ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋରୁ ଗୁରୁ ଯିଏ ଜଗତର ସମସ୍ତ ଗୁରୁ ମଧ୍ୟ ସିଏ। ସେମାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ସମସ୍ତ ପ୍ରେରିତ ପୁରୁଷ ବା ଅବତାର ପୁରୁଷ ଏକ। କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଚିରକାଳ ଏକ ଆଦେଶ ହିଁ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସିଛି, ତାହା ହେଉଛି ଭାଗବତ ଆଦେଶ, ସେହି ଆଦେଶର ବାର୍ତ୍ତାବହ ହେଲେ ଅବତାର। ପ୍ରତ୍ୟେକ ଗୁରୁ ସେମାନଙ୍କର ଶିଷ୍ୟକୁ କହି ଦେବା ଉଚିତ୍ - ମୁଁ ଯାହା ଜାଣେ ତାହା ତୁମକୁ କହିଲି। କିନ୍ତୁ ତୁମେ ଯୁଗଗୁରୁ ବା ପୁରୁଷୋତମଙ୍କର ସନ୍ଧାନରେ ରୁହ। ତାଙ୍କୁ ପାଇଲେ କୌଣସି ପ୍ରକାରେ ହିଁ ଛାଡ଼ ନାହିଁ। ସେହିଭଳି କାହାକୁ ପାଇଲେ ମୋତେ ମଧ୍ୟ ଜଣାଅ। ମୁଁ ମଧ୍ୟ ତାଙ୍କର ଶରଣାଗତ ହୋଇ ଜୀବନ ସାର୍ଥକ କରିବି।

**ପ୍ରତିରତ୍ନିକ, କଟକ, ମୋବାଇଲ୍:୯୪୩୭୦୫୧୯୫୭**

# ଇସ୍ତଫା, ପୁଣି ନୈତିକ ଆଧାରରେ

ଡମ୍ବରୁଧର ଘଣା



ଦେଶର ନିର୍ବାଚନ ଆୟୋଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସମୀକ୍ଷା ( ଏସ୍. ଆଇ. ଆର୍)ର କାର୍ଯ୍ୟକ୍ରମ ଚଳାଇବା , ଫାରମ ଛଅର ସଂଶୋଧନ କରି ନୂଆ ପାରା ଯୋଡିବା ଓ ସେହି ଆଧାରରେ ଭୋଟରଙ୍କୁ ନୂଆ ତଥ୍ୟ ମାଗିବା , ବିଭିନ୍ନ ଜିଲ୍ଲା ଓ ରାଜ୍ୟରେ ଭୋଟର ପଞ୍ଜିକରଣ ସକାଶେ ବିକେନ୍ଦ୍ରୀକରଣର ନିୟମ ଥିବା ବେଳେ, ତାକୁ ନିଜ ଅଧିନକୁ ଆଣିବା ଏବଂ ଦେଶର ତେର କୋଟି ନାଗରିକଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦେଇ , ନିର୍ବାଚନରେ ଭୋଟ ଦାନ ଅଧିକାରରୁ ତାଙ୍କୁ ବଞ୍ଚିତ କରିବା, ମୋଟ ଉପରେ ଭୋଟ ଚୋରିର ଅଭିଯୋଗ ଆଣି, ବିଭିନ୍ନ ରାଜନୈତିକ ଦଳ ଯଥା - କଙ୍ଗ୍ରେସ ଦଳ , ସମାଜବାଦୀ ଦଳ, ତୃଣମୂଳ କଂଗ୍ରେସ, ଆପ୍ ସହିତ ଅସରପା ଜନତା ଦଳ ଓ ଅନେକ ସାମାଜିକ ସଂଗଠନ, ମୁଖ୍ୟ ନିର୍ବାଚନ କମିଶନର ଶ୍ରୀଯୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଛନ୍ତି। ଦିଲ୍ଲୀର ଜନ୍ତର ମନ୍ତର ଠାରୁ ଆରମ୍ଭ କରି ମୁମ୍ବାଇର ଶୀବାଜୀ ପାର୍କ , ବିଭିନ୍ନ ରାଜ୍ୟ ରାଜଧାନୀ ପ୍ରଭୃତି ସ୍ଥାନରେ ଜନ ଆନ୍ଦୋଳନ ଦେଖାଦେଇଛି। ଏଥି ସହିତ ଯୋଡି ହୋଇଛନ୍ତି ବଡ ବଡ ଆଇନଜୀବୀ, ସାମାଜିକ କର୍ମୀ, ବୁଦ୍ଧି ଜୀବି ଏବଂ ଛାତ୍ରଛାତ୍ରୀ ସାଧାରଣ ଜନତାଙ୍କ ଅନୁରୂପ ସ୍ୱର ମଧ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ଚାରିଆଡେ ଗୋଟିଏ ଦାବି - " ଜ୍ଞାନେଶ କୁମାର ଇସ୍ତଫା ଦିଅ" । ନିର୍ବାଚନ ଆୟୋଗ ଗତ ଦଶମାସ ମଧ୍ୟରେ ନେଇଥିବା ତଉଦଟି ନିଷ୍ପତ୍ତି ସଂକ୍ରାନ୍ତରେ ଆୟୋଗର ସମସ୍ତ କମିଶନରଙ୍କ ସମ୍ମତି ନଥିବା ଏବଂ ଯେଉଁସବୁ ଆଦେଶ ନିର୍ଗମନ ହୋଇଥିଲା, ତାହା ଅନ୍ୟ ଦୁଇଜଣ କମିଶନରଙ୍କ ଅଜ୍ଞାତରେ ହୋଇଥିବା ଏବଂ ମୁଖ୍ୟ ନିର୍ବାଚନ କମିଶନର ଏକ ତରଫା ଭାବେ ଏସବୁ ଆଦେଶ ଦେଇଥିବାର ଖବର ଏକ ଦୈନିକ ଇଂରାଜୀ ଖବରକାଗଜରେ ପ୍ରକାଶିତ ହେବାପରେ, ଦିଲ୍ଲୀସ୍ଥିତ ଜନ୍ତର ମନ୍ତର ଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରେ ଆନ୍ଦୋଳନ ଆରମ୍ଭ ହୋଇଗଲା। ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଯୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ହେଲା। ଅକ୍ଟୋବର ଦୁଇ ତାରିଖ ଗାନ୍ଧୀ ଜୟନ୍ତୀ ଠାରୁ ଆନୁଷ୍ଠାନିକ ଭାବେ ଏହା ଉପରେ ଦିଲ୍ଲୀ ଜନ୍ତର ମନ୍ତରରେ ଦୀର୍ଘ ଦିନ ଧରି ଧାରଣା ଦେବାର ନିଷ୍ପତ୍ତି ନିଆଗଲା। କିନ୍ତୁ, ଦିଲ୍ଲୀ ପୁଲିସ ସମାବେଶ ସକାଶେ ଅନୁମତି ଦେଲେ ନାହିଁ ଏବଂ ପ୍ରସ୍ତାବିତ ଧାରଣା ସ୍ଥଳରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଲଗାଇଦେଲେ। ଯିଏ ସବୁ ନେତା, ଆଇନଜୀବୀ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଛାତ୍ରଛାତ୍ରୀ, ସାଧାରଣ ଜନତା ଧାରଣା ସ୍ଥଳକୁ ଯିବାକୁ ଚାହିଁଲେ, ତାଙ୍କୁ ରାସ୍ତାରେ ଅଟକ ରଖାଗଲା। କାହାକୁ କାହାକୁ ପୁଲିସ ଉଠାଇ ଗାଡ଼ିରେ ନେଇଗଲା । ମୋଟ ଉପରେ କହିବାକୁ ଗଲେ, ଧାରଣା, ନାରାବାଜି ନିର୍ଦ୍ଧାରିତ ଢଙ୍ଗରେ , ନିର୍ଦ୍ଧାରିତ ସ୍ଥାନରେ ହୋଇ ପାରିଲା ନାହିଁ। ଜନତାର ସ୍ୱରକୁ ଚାପି ଦେବାର ଉଦ୍ୟମ ହେଲା। କିନ୍ତୁ, ଯେଉଁଠି ପୁଲିସ ଅଟକ ରଖିଲା, ସେଇଠି ଧାରଣା, ନାରାବାଜି ଆରମ୍ଭ ହୋଇଗଲା। ଏହା ଆଗକୁ ତିବ୍ର ହେବ। ଏଥିରେ କୌଣସି ସନ୍ଦେହ ନାହିଁ।

ଧାରଣା ଅବା ଆନ୍ଦୋଳନ କେଉଁଠି ହୋଇପାରେ , କେଉଁଠି ହୋଇ ନ ପାରେ। ସେ ଏକ ପ୍ରସଙ୍ଗ ନିଶ୍ଚିତ। କିନ୍ତୁ, ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଯୁକ୍ତ ଜ୍ଞାନେଶ କୁମାରଙ୍କ ଉପରେ ଭୋଟ ଚୋରିର ଅଭିଯୋଗ ରହିବା ତାଙ୍କ ଇସ୍ତଫା ଦାବି ମଧ୍ୟ ଉଠିବ। ଏହା ତ ଏକ ଦାବି। ଆମେ ଏଇଠି ଆଲୋଚନା କରିବା - ଏ ଦାବିକୁ ଶ୍ରୀଯୁକ୍ତ ଜ୍ଞାନେଶ କୁମାର ଶୁଣିବେ, ନା ଶୁଣିବେ ନାହିଁ। ଯଦି ନ ଶୁଣନ୍ତି, ତେବେ କ'ଣ ହେବ ଏବଂ ଏହାର ବିକଳ୍ପ ବ୍ୟବସ୍ଥା କ'ଣ ରହିଛି। ଏହା ପୂର୍ବରୁ ନିଟ୍ ଓ ନେଟ୍ ପରୀକ୍ଷା ପ୍ରଶ୍ନପତ୍ର ପରୀକ୍ଷା ଆଗରୁ ପ୍ରଘଟ ହେବା ଏବଂ ବାରମ୍ବାର ସେଥିରେ ଘୋଟାଲା ହେବାକୁ ନେଇ, ସାରା ଦେଶରେ ଆନ୍ଦୋଳନ ଦେଖାଦେଲା। ଏ ପ୍ରଘଟ ଓ ଘୋଟାଲା ବାର ବାର ହେଲା। କେତେକ ପ୍ରଭାବିତ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେ। ଏହି ପ୍ରସଙ୍ଗ ଉପରେ ସଂସଦରେ ପ୍ରଶ୍ନ ଉଠିଲା। ଗୃହ ଅଚଳ ହେଲା। ମାମଲା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲା। ଅଦାଲତ ଙ୍କ ହସ୍ତକ୍ଷେପ ପରେ ପରୀକ୍ଷା ବାତିଲ ହେଲା। ପୁଣି ପରୀକ୍ଷା ହେଲା। ପୁଣି ସେହି ପ୍ରଘଟ, ସେହି ଘୋଟାଲା। ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ହେଉଥିଲା। କିନ୍ତୁ କେହି ଶୁଣିଲେ ନାହିଁ। ଶିକ୍ଷା ମନ୍ତ୍ରୀ ନିଜକୁ ନିର୍ଦ୍ଦୋଷ ବୋଲି ସଫେଇ ଦେଇ ଚାଲିଲେ। ପ୍ରଧାନମନ୍ତ୍ରୀ ପାଟି ଖୋଲିଲେ ନାହିଁ।

ଅସରପା ଜନତା ଦଳ ସହିତ କଙ୍ଗ୍ରେସ ଦଳ, ଆପ୍, ସମାଜବାଦୀ ଦଳ, କେତେକ ସାମାଜିକ ସଂଗଠନ, ଆଇନଜୀବୀ, ବୁଦ୍ଧିଜୀବୀ ଦିଲ୍ଲୀ ଜନ୍ତର ମନ୍ତରରେ ଆନ୍ଦୋଳନ କଲେ। ସଂସଦ ଅଧିବେଶନ ଚାଲିଥିବା କାଳରେ, ହଜାର ହଜାର ଲୋକ ସଂସଦ ଭବନ ଘେରିବା ପାଇଁ ଯାତ୍ରା ଆରମ୍ଭ କଲେ। ପରିସ୍ଥିତି ଆଣାୟତ ହେଲା। ସଂସଦ ଅଚଳ ହେଲା। ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ମତ ରଖିଲେ। ତାହା ପୁଣି ରାତି ଅଧରେ। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଲେ। ଏହାଥିଲା ଏତେବଡ ଲଢେଇର ଫଳ। ଯେଉଁ ପ୍ରଧାନମନ୍ତ୍ରୀ ପାଟି ଖୋଲୁ ନ ଥିଲେ, ସେ ରାତି ଅଧରେ ଭିଡିଓ ବାର୍ତ୍ତା ଜାରି କଲେ। ଯେଉଁ ମନ୍ତ୍ରୀ ନିଜକୁ ନିର୍ଦ୍ଦୋଷ ବୋଲି ଯୁକ୍ତି ରଖୁଥିଲେ, ସେ ଇସ୍ତଫା ଦେଲେ। ମନ୍ତ୍ରୀଙ୍କ ଏ ଇସ୍ତଫା ନା ସ୍ୱେଚ୍ଛାକୃତ ଥିଲା, ନା ନୈତିକ ଆଧାରରେ ଥିଲା। ଏସବୁ କେବଳ ହିଁ କେବଳ ଚାପ ପାଇଁ ହେଲା। ଏହା ସହିତ ଏ କଥା ମଧ୍ୟ କୁହାଯାଇ ପାରିବ ଯେ ଏଠି ପ୍ରଧାନମନ୍ତ୍ରୀ ତାଙ୍କ ସାମ୍ବିଧାନିକ କ୍ଷମତା ପ୍ରୟୋଗ କରି, ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ କହିଲେ। ମନ୍ତ୍ରୀ ମାନିଲେ ଏବଂ ଇସ୍ତଫା ଦେଲେ। ଏହା ବାଦ୍, ସାମ୍ବିଧାନର ଧାରା ପଞ୍ଚସ୍ତରୀରେ ଥିବା ପ୍ରାବଧାନ ର ଅବତାରଣା ଦେଇ କୁହାଯାଇ ପାରିବ ଯେ ମନ୍ତ୍ରୀ ଇସ୍ତଫା ଦେଇ ନଥିଲେ, ପ୍ରଧାନମନ୍ତ୍ରୀ ତାଙ୍କୁ ବରଖାସ୍ତ କରିଥାନ୍ତେ। ଏବେ ଦେଖିବା ଓଡ଼ିଶାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସମ୍ପର୍କରେ। ସରକାରୀ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଠ୍ୟପୁସ୍ତକରେ ମାଳ ମାଳ ଭୁଲ ପାଇଁ ମନ୍ତ୍ରୀଙ୍କୁ ଦାୟୀ କରି ଆନ୍ଦୋଳନ ତେଜିଲା। ଅଭିଭାବକ, ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନୈତିକ ଦଳ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ। ମନ୍ତ୍ରୀ ଏଡ଼େ ବଡ଼ ଭୁଲ କୁ ସାମାନ୍ୟ କଥା କହି ଏଡାଇ ଗଲେ। ମନ୍ତ୍ରୀ ନିଜ ଦୋଷ ମାନିଲେ ନାହିଁ। ଏଠି ବହି ତ ତ୍ରୁଟିର ପ୍ରମାଣ ରଖୁଛି। ମାନିବା ନ ମାନିବାର ପସନ୍ଦ ତ ନାହିଁ। ମୁଖ୍ୟମନ୍ତ୍ରୀ ବହି ସବୁକୁ ମଗାଇ ନିଜେ ଦେଖିଲେ। ଉଦବେଗ ପ୍ରକାଶ କଲେ। ଭୁଲ ବହି ସବୁକୁ ପ୍ରତ୍ୟାହାର କରି ନୂଆ ବହି ଯୋଗାଇ ଦେବାକୁ କହିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କେବେ ମନ୍ତ୍ରୀଙ୍କୁ ଦାୟୀ କଲେ ନାହିଁ। ବରଂ କହିଲେ - କେହି ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିଛି। ଏଇ ନିକଟ ଅତୀତରେ ଶେଷ ହୋଇଥିବା ବିଧାନସଭା ଅଧିବେଶନ କାଳରେ ପାଠ୍ୟ ପୁସ୍ତକରେ ତ୍ରୁଟି ପାଇଁ ମନ୍ତ୍ରୀଙ୍କୁ ଦାୟୀ କରି ବିରୋଧୀ ଦଳ ଆନ୍ଦୋଳନକୁ ଓହ୍ଲାଇଲେ। ମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ। ଗୃହ ଅଚଳ ହେଲା। ମନ୍ତ୍ରୀ ଶୁଣିଲେ ନାହିଁ, କି ମୁଖ୍ୟମନ୍ତ୍ରୀ ଏ ପ୍ରସଙ୍ଗରେ କିଛି କହିଲେ ନାହିଁ। ଅର୍ଥାତ, ଏଠି ନୈତିକ ଆଧାରରେ ତ କିଛି ହେଲା ନାହିଁ, ମୁଖ୍ୟମନ୍ତ୍ରୀ ସମ୍ବିଧାନର ଧାରା ୧୬୪ ରେ ଥିବା ପ୍ରାବଧାନ ଅନୁଯାୟୀ ତାଙ୍କ କ୍ଷମତା ମଧ୍ୟ ପ୍ରୟୋଗ କଲେ ନାହିଁ।

ଏଠାରେ ତୁଳନାତ୍ମକ ଭାବେ କୁହାଯାଇ ପାରେ-ପ୍ରଧାନମନ୍ତ୍ରୀ କେନ୍ଦ୍ରରେ ତାଙ୍କ ସାମ୍ବିଧାନିକ କ୍ଷମତା ପ୍ରୟୋଗ କଲେ, ଏଠି ମୁଖ୍ୟମନ୍ତ୍ରୀ କଲେ ନାହିଁ। ଏଠି ଆଉ ଏକ ପ୍ରଶ୍ନ ଉଠିପାରେ - ମୁଖ୍ୟମନ୍ତ୍ରୀ ତାଙ୍କ କ୍ଷମତା ପ୍ରୟୋଗ କଲେ ନାହିଁ, ନା କରି ପାରିଲେ ନାହିଁ। କଲେ ନାହିଁ ଅବା କରି ପାରିଲେ ନାହିଁ - କାରଣ ଯାହା ହେଉ ନା କାହିଁକି, ଏତେ ସବୁ ଲୋକଙ୍କ ଇସ୍ତଫା ଦାବିର ମୂଲ୍ୟ କିଛି ରହିଲା ନାହିଁ। ଶ୍ରୀଯୁକ୍ତ ଗଣ୍ଡ ଯେତିକି ଭୋଟ ପାଇ ବିଧାୟକ ହୋଇଛନ୍ତି, ତାଠାରୁ ଅଧିକ ନାଗରିକ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଅନ୍ୟ ଏକ ଅର୍ଥରେ ମଧ୍ୟ କୁହାଯାଇ ପାରେ - ସାଧାରଣ ଜନତାଙ୍କର, ଭୋଟରଙ୍କ ର ଦାବି କରିବାର ସାମ୍ବିଧାନିକ ଅଧିକାର ଅଛି। କିନ୍ତୁ, ତା'ର ମୂଲ୍ୟ କେତେ ରହିଛି, ତାହା ଏକ ପ୍ରଶ୍ନ। ବହିରେ ଲେଖା ଯାଇଛି-ଗଣତନ୍ତ୍ରରେ ଜନତା ମାଲିକ। କିନ୍ତୁ, ପ୍ରକୃତ ପକ୍ଷେ ଜନତାର କି କ୍ଷମତା ରହିଛି ?

ଏବେ ଆସିବା ମୁଖ୍ୟ ନିର୍ବାଚନ କମିଶନର ଶ୍ରୀ ଯୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ପ୍ରସଙ୍ଗକୁ। ଏ କଥା ନିଶ୍ଚିତ ଯେ ଯାହା ସବୁ ଅନିୟମିତତାର ଅଭିଯୋଗ ଆସିଛି, ତାକୁ ଜ୍ଞାନେଶ କୁମାର ସ୍ୱୀକାର କରିବେ ନାହିଁ କି ଜନ ଆନ୍ଦୋଳନ ଚାପରେ ନୈତିକ ଆଧାରରେ ନିଜ ଆଡୁ ଇସ୍ତଫା ଦେବେ ନାହିଁ। ଏହା ପରେ ଆସିବ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଭୂମିକା। ନିର୍ବାଚନ କମିଶନର ମାନଙ୍କ ଉପରେ ପ୍ରଧାନମନ୍ତ୍ରୀଙ୍କ ସିଧାସଳଖ କର୍ତ୍ତୃତ୍ୱ ନ ଥିଲେ ହେଁ, ପରୋକ୍ଷ କ୍ଷମତା ରହିଛି। ଆଇନ୍ ଯାହାବି ଥାଉନା କାହିଁକି, ସାମ୍ବିଧାନିକ ବ୍ୟବସ୍ଥା ଯାହା ବି କହୁ ନା କାହିଁକି, ପ୍ରଧାନମନ୍ତ୍ରୀ ଇସାରା ଦେଲେ, ଜ୍ଞାନେଶ କୁମାର ଇସ୍ତଫା ଦେବାକୁ ବାଧ୍ୟ ହେବେ। ଏହାର ସରଳ ଉତ୍ତର ହେଉଛି - ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରିବା ସକାଶେ ଯେଉଁ ବ୍ୟବସ୍ଥା ରହିଛି, ତାହା ପ୍ରଧାନମନ୍ତ୍ରୀଙ୍କ ଇଚ୍ଛା ବା ନିଷ୍ପତ୍ତିର ଅନ୍ୟ ଏକ ଅର୍ଥ। କିନ୍ତୁ, ଏ କଥା ମଧ୍ୟ ନିଶ୍ଚିତ ଯେ ଯେତେ ପର୍ଯ୍ୟନ୍ତ ସରକାରଙ୍କ ଉପରକୁ ଅବା ପ୍ରଧାନମନ୍ତ୍ରୀଙ୍କ ଉପରକୁ ବିପଦ ନ ଆସିଛି, ସେତେ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସେପରି କୌଣସି ଇସାରା ଦେବାକୁ ଚାହିଁବେ ନାହିଁ। ଏହାର ମଧ୍ୟ ଅତି ସରଳ ଉତ୍ତର ରହିଛି - ଅଭିଯୋଗ ଅନୁଯାୟୀ, ଯେତେ ସବୁ ଅନିୟମିତତା ହୋଇଛି, ତା'ର ହିତାଧିକାରୀ ହେଉଛି ପ୍ରଧାନମନ୍ତ୍ରୀଙ୍କ ଦଳ। ଏହାପରେ ଯେଉଁ ଶେଷ ବିକଳ୍ପ ରହିଲା, ତାହା ହେଉଛି-ଜ୍ଞାନେଶ କୁମାରଙ୍କ ବିରୋଧରେ ସଂସଦରେ ବହିଷ୍କାର ପ୍ରସ୍ତାବ ଆସିବା। ଯଦି ଆସେ, ଏହା ସମ୍ବିଧାନର ଧାରା ୩୨୪ , ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ କମିଶନର ମାନଙ୍କ ନିଯୁକ୍ତି, ସେବା ସର୍ତ୍ତାବଳୀ ଓ କାର୍ଯ୍ୟକାଳ ସମ୍ପର୍କିତ ଅଧିନିୟମ, ୨୦୨୩ ଏବଂ ସମ୍ବିଧାନର ଧାରା ୧୨୪ ରେ ଥିବା ପ୍ରାବଧାନ ଅନୁଯାୟୀ ପରିଚାଳିତ ହେବ। ଏହାର ଦୁଇଟି ଦିଗ ରହିଛି। ତା' ଉପରେ ମଧ୍ୟ ଆଲୋଚନା କରିବା। ପ୍ରଥମ ଦିଗ-ଏକ ବହିଷ୍କାର ପ୍ରସ୍ତାବ ପାଇଁ କଙ୍ଗ୍ରେସ ଦଳର ନେତୃତ୍ୱରେ ପ୍ରକ୍ରିୟା ଆରମ୍ଭ ହୋଇଛି। ବିରୋଧୀ ଦଳଙ୍କ ପାଖରେ ଏଥି ସକାଶେ ଆବଶ୍ୟକ ସାଂସଦଙ୍କ ସଂଖ୍ୟା ରହିଛି । ଅନାସ୍ଥା ପ୍ରସ୍ତାବର ନୋଟିସ ତ ନିଶ୍ଚିତ ଭାବରେ ସଂସଦର ଉଭୟ ଗୃହରେ ଦାଖଲ ହେବ। ଏଇଠି ଏକ ପ୍ରଶ୍ନ ଉଠୁଛି - ଏ ନୋଟିସକୁ ଉଭୟ ଗୃହର ଅଧ୍ୟକ୍ଷ / ବାଚସ୍ପତି ଗ୍ରହଣ କରିବେ ତ ? ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ଅପ୍ରେଲ ମାସରେ ଏହି ସମାନ ମୁଖ୍ୟ ନିର୍ବାଚନ କମିଶନଙ୍କ ବିରୋଧରେ ବିରୋଧୀ ଦଳମାନେ ଯେଉଁ ବହିଷ୍କାର ପ୍ରସ୍ତାବ ଆଣିଥିଲେ, ତାକୁ ଉଭୟ ଗୃହର ଅଧ୍ୟକ୍ଷ/ ବାଚସ୍ପତି ନାକଚ କରି ଦେଇଥିଲେ। ଏଇଥିରୁ କୁହାଯାଇ ପାରିବ - ଏ ନିଷ୍ପତ୍ତି ମଧ୍ୟ ସରକାରୀ ଦଳର। ସଂଖ୍ୟାର ଖେଳ। ଜନତାର ସ୍ୱର, ନୀତି, ନୈତିକତା ର ବିଚାର ଏଠି ନାହିଁ।

ତେବେ ଜ୍ଞାନେଶ କୁମାରଙ୍କ ବହିଷ୍କାର ପାଇଁ ବାଟ ଫିଟି ପାରିବ। କିନ୍ତୁ, ଏଠିବି ଜନତାର ସ୍ୱର, ଅସନ୍ତୋଷ, ଅଭିଯୋଗ, ଅନିୟମିତତା, ନୀତି, ନୈତିକତାର ସ୍ଥାନ ନାହିଁ। ଏଠି ସଂଖ୍ୟାର ଖେଳ। ଅନ୍ୟ ଅର୍ଥରେ କହିଲେ - ନିଷ୍ପତ୍ତି ସରକାରୀ ଦଳର ଯାହା ଆରମ୍ଭରୁ ସ୍ପଷ୍ଟ। ଦେଶର ପ୍ରଶାସନିକ ଓ ରାଜନୈତିକ ଇତିହାସକୁ ଯଦି ଦେଖିବେ ଏବଂ ଘଟଣା, ଦୁର୍ଘଟଣା, ଦୁର୍ନୀତି, ବ୍ୟଭିଚାର, ଚୋରି, ଘୋଟାଲା ଇତ୍ୟାଦି ପ୍ରସଙ୍ଗରେ,ଦାୟିତ୍ୱରେ ଥିବା ମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ସାମ୍ବିଧାନିକ ପଦବୀରେ ଆସୀନ ବ୍ୟକ୍ତି ବିଶେଷଙ୍କ ନୈତିକତା ଆଧାରରେ ଇସ୍ତଫା କଥାକୁ ଦେଖିବେ, କେବଳ ହିଁ କେବଳ ଗୋଟିଏ ନାମ ଆସିବ ତାହା ହେଉଛି ସ୍ୱର୍ଗତ ଶାସ୍ତ୍ରୀଜୀଙ୍କ ର। ତାଙ୍କ ପରେ ଆଉ କେହି କେବେ ଏପରି ଇସ୍ତଫା ଦେଇ, ଦ୍ୱିତୀୟ ଶାସ୍ତ୍ରୀ ହେବାର ନଜିର ନାହିଁ। ସେ ସମୟ ଆଉ ନାହିଁ। ସୁଖ, ଭୋଗ, କ୍ଷମତା, ଅର୍ଥ ଉପାର୍ଜନ ଲାଳସାରେ ରାଜନୀତିକୁ ଆସୁଥିବା ବ୍ୟକ୍ତିଙ୍କ ପାଖରୁ ନୈତିକତା ଆଶା କରିବା ନିରାଶଜନକ। ଜ୍ଞାନେଶ କୁମାର ଦୋଷ ସ୍ୱୀକାର କରିବେ ନାହିଁ କି ନୈତିକତା ଆଧାରରେ ଇସ୍ତଫା ଦେବେ ନାହିଁ। ପ୍ରଧାନମନ୍ତ୍ରୀ ଇସ୍ତଫା ଦେବାକୁ କହିବେ ନାହିଁ। ବହିଷ୍କାର ପ୍ରସ୍ତାବ ଆସିଲେ, ତାହା ସଂଖ୍ୟାର ବଳ ଆଗରେ ବଳ ହରାଇବ। ଗଣତନ୍ତ୍ରରେ ଜନତା ମାଲିକ - ଏହା ବହୁବାର ଭୁଲ ପ୍ରମାଣିତ ହୋଇଛି, ଆଉଥରେ ହେବ।

**ଚାଣକ୍ୟ ପୁରୀ, ନୂଆଦିଲ୍ଲୀ**
**ମୋବାଇଲ୍:୭୯୭୮୨୧୦୮୨୧**

# ପ୍ରାର୍ଥନାରେ ପ୍ରସ୍ତାବନା ପାଠ ବାଧ୍ୟତାମୂଳକ ନୁହେଁ



## ଖାରଜ କଲେ ଜନସ୍ୱାର୍ଥ ମାମଲା

ନୂଆଦିଲ୍ଲୀ, ୬।୧୦ଃ ଦେଶର ସମସ୍ତ ସ୍କୁଲରେ ସକାଳ ପ୍ରାର୍ଥନା ସମୟରେ ସମ୍ବିଧାନର ପ୍ରସ୍ତାବନା ପାଠ କରିବାକୁ ସର୍ବଭାରତୀୟସ୍ତରରେ ବାଧ୍ୟତାମୂଳକ କରାଯିବା ନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଓ ଅଗଷ୍ଟାଇନ ଜର୍ଜ ମାସିହଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସମ୍ବିଧାନର ପ୍ରସ୍ତାବନା ପୂର୍ବରୁ ହିଁ ସ୍କୁଲ ପାଠ୍ୟକ୍ରମର ଏକ ଅବିଚ୍ଛେଦ୍ୟ ଅଂଶ ଅଟେ ଓ ଦେଶର ବିଭିନ୍ନ ସ୍କୁଲରେ ଷଷ୍ଠ ଶ୍ରେଣୀରୁ ଛାତ୍ରଛାତ୍ରୀମାନଙ୍କୁ ଏହା ପଢ଼ାଯାଇଥାଏ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜଧାନୀ କଲେଜର ସହାୟକ ପ୍ରଫେସର ଧୀରଜ କୁମାର ଏହି ଆବେଦନ ଦାଖଲ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମ୍ବିଧାନିକ ସାକ୍ଷରତା ଓ ନାଗରିକ ଚେତନାକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ସିବିଏସଇକୁ ଏକ ସମାନ ଜାତୀୟ ନୀତି ପ୍ରଣୟନ କରିବାକୁ ସେ ନିର୍ଦ୍ଦେଶ ଦାବି କରିଥିଲେ। ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଯେପରି ସ୍କୁଲଗୁଡ଼ିକରେ ସାମୂହିକ ଭାବରେ ଜାତୀୟ ସଙ୍ଗୀତ ଗାନ କରାଯାଉଛି, ସେହିପରି ସମ୍ବିଧାନର ପ୍ରସ୍ତାବନା ପାଠ ମଧ୍ୟ ପିଲାମାନଙ୍କ ମଧ୍ୟରେ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ଭଳି ମହାନ ସାମ୍ବିଧାନିକ ମୂଲ୍ୟବୋଧକୁ ଗଭୀର ଭାବରେ ଜାଗ୍ରତ କରିବ। ଆବେଦନରେ ସମ୍ବିଧାନର ଧାରା ୨୧-(କ) ଅନୁଯାୟୀ ଶିକ୍ଷାର ମୌଳିକ ଅଧିକାର ଓ ଧାରା ୫୧-କ(କ) ଅନୁଯାୟୀ ମୌଳିକ କର୍ତ୍ତବ୍ୟର ପ୍ରସଙ୍ଗ ଉଠାଯାଇଥିଲା। ଏହାବ୍ୟତୀତ ରାଜସ୍ଥାନ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ସରକାର ସେମାନଙ୍କ ରାଜ୍ୟରେ ଏଭଳି ସର୍କୁଲାର ଜାରି କରି ସକାଳ ସଭାରେ ପ୍ରସ୍ତାବନା ପାଠକୁ କାର୍ଯ୍ୟକାରୀ କରିଥିବା ଦୃଷ୍ଟାନ୍ତ ମଧ୍ୟ ଦିଆଯାଇଥିଲା। ତେବେ ସାମଗ୍ରିକ ଭାବେ ଏହାକୁ ସମଗ୍ର ଦେଶରେ ଆଇନଗତ ଭାବେ ବାଧ୍ୟତାମୂଳକ କରାଯାଇ ପାରିବ ନାହିଁ ବୋଲି ସ୍ପଷ୍ଟ କରି ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି।

## ମହିଳା ସୁରକ୍ଷା ଅଭିଯାନରେ ସାମିଲ ହେଲେ ଲଭଲିନା



ନୂଆଦିଲ୍ଲୀ, ୬।୧୦ଃ ଏସୀୟ କ୍ରୀଡ଼ା ୨୦୨୬ରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ଭାରତୀୟ ମହିଳା ବକ୍ସର ଲଭଲିନା ବର୍ଗୋହାଇନ୍ ସୋମବାର ଦିଲ୍ଲୀ ପୁଲିସର ମହିଳା ସୁରକ୍ଷା ଅଭିଯାନରେ ଯୋଗଦେଇଛନ୍ତି। ଏହି ଅବସରରେ ସେ ରାଜୌରୀ ଗାର୍ଡେନ୍ ବଜାର ଅଞ୍ଚଳରେ ମହିଳା ପୁଲିସ କର୍ମଚାରୀଙ୍କ ସହିତ ମିଶି ପାଟ୍ରୋଲିଂ କରିଛନ୍ତି। ଏହି ଅଭିଯାନରେ ଭାଗ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଲଭଲିନା କହିଛନ୍ତି ଯେ ଦିଲ୍ଲୀ ପୁଲିସର ଏହା ଏକ ଅତ୍ୟନ୍ତ ପ୍ରଶଂସନୀୟ ପଦକ୍ଷେପ। ଦେଶ ପାଇଁ ପଦକ ଆଣିବା ଗୋଟିଏ କଥା, କିନ୍ତୁ ଏସୀୟ କ୍ରୀଡ଼ାରେ ମହିଳାମାନଙ୍କର ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି ବୋଲି ସେ ମତପ୍ରକାଶ କରିଛନ୍ତି। ମହିଳାମାନେ ଯେପରି ବିନା କୌଣସି ଭୟରେ ସ୍ୱାଧୀନ ଓ ଆତ୍ମବିଶ୍ୱାସର ସହିତ ଆଗକୁ ବଢ଼ିପାରିବେ, ସେଥିପାଇଁ ଏପରି ପ୍ରୟାସ ନିଶ୍ଚିତ ଭାବେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବ ବୋଲି ସେ କହିଛନ୍ତି। ମହିଳା ଆଥଲେଟ୍‌ମାନଙ୍କର ଦେଶ ପ୍ରତି ଓ ମହିଳା ସଶକ୍ତିକରଣ ଦିଗରେ ଏକ ବିଶେଷ ଦାୟିତ୍ୱ ରହିଛି ବୋଲି ଲଭଲିନା ମତ ଦେଇଛନ୍ତି। ଚଳିତ ମାସ ୨ ତାରିଖରେ ନିଜର ୨୯ତମ ଜନ୍ମଦିନ ଅବସରରେ ସେ ଚୀନର ବାଓ ଜିୟିଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରି ୭୫ କିଲୋଗ୍ରାମ ବର୍ଗରେ ଭାରତ ପାଇଁ ପ୍ରଥମ ଥର ପାଇଁ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ହତ୍ୟାକାରୀ ସେନା ମେଜରକୁ ମୃତ୍ୟୁଦଣ୍ଡ



ୱାଶିଂଟନ, ୬।୧୦ଃ ଟେକ୍ସାସର ଫୋର୍ଟ ହୁଡ୍ ସାମରିକ ଘାଟିରେ ୧୭ ବର୍ଷ ତଳେ ୨୦୦୯ ମସିହାରେ ଗୁଳି କରି ୧୩ ଜଣଙ୍କୁ ହତ୍ୟା କରିଥିବା ସେନା ମେଜର ନିଦାଲ ମାଲିକ ହାସନଙ୍କୁ ଫାୟାରିଂ ସ୍କ୍ୱାଡ୍ ଦ୍ୱାରା ମୃତ୍ୟୁଦଣ୍ଡ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନୁମୋଦନ କରିଛନ୍ତି। ୧୯୬୧ ମସିହା ପରଠାରୁ ଆମେରିକା ସେନା କାହାକୁ ଫାଶୀ କିମ୍ବା ଅନ୍ୟ କୌଣସି ଉପାୟରେ ମୃତ୍ୟୁଦଣ୍ଡ ଦେଇନାହିଁ। ପେଣ୍ଟାଗନ୍ ମୁଖପାତ୍ର ସିଆନ୍ ପାର୍ନେଲ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କହିଛନ୍ତି ଯେ, ସେନା ସଚିବ ଏବେ ମୃତ୍ୟୁଦଣ୍ଡର ତାରିଖ ଏବଂ ସ୍ଥାନ ଚୟନ କରିବେ। ପେଣ୍ଟାଗନ ମୁଖପାତ୍ର କହିଛନ୍ତି, ହାସନ ସେତେବେଳେ ଆମେରିକୀୟ ସେନାରେ ଜଣେ ମନସ୍ତାତ୍ତ୍ୱିକ ଚିକିତ୍ସକ ଥିଲେ। ୨୦୦୯ ମସିହାରେ ସେ ଫୋର୍ଟ ହୁଡ୍‌ର ଏକ ମେଡିକାଲ ସେଣ୍ଟରରେ ପହଞ୍ଚିଥିଲେ। ସେଠାରେ ସୈନିକମାନଙ୍କର ଡାକ୍ତରୀ ପରୀକ୍ଷା କରାଯାଉଥିଲା। ହାସନ ହଠାତ୍ ଆଖିବୁଜା ଗୁଳିମାଡ଼ କରିଥିଲେ। ହାସନ ଲେଜର-ଗାଇଡେଡ୍ ପିସ୍ତଲ ସାହାଯ୍ୟରେ ସୈନିକଙ୍କ ଉପରେ ଗୁଳି ଚଳାଇବା ପୂର୍ବରୁ ଆଲ୍ଲାହୁ ଆକବର ଚିତ୍କାର କରିଥିଲେ। ଗୁଳିମାଡ଼ରେ ଘଟଣାସ୍ଥଳରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୩୦ ରୁ ଅଧିକ ଆହତ ହୋଇଥିଲେ।

## ୨ ଭାରତୀୟଙ୍କୁ ଗୁଳି କରିଛି ବିଏସଏଫ

### 'ପ୍ରଥମ ଆଲୋ'ରେ ବାଂଲାଦେଶର ଦାବି



ଢାକା, ୬।୧୦ଃ ବାଂଲାଦେଶୀ ଗଣମାଧ୍ୟମ ଦାବି କରିଛି ଯେ, ଭାରତର ସୀମା ସୁରକ୍ଷା ବଳ (ବିଏସଏଫ) ଦୁଇଜଣ ଭାରତୀୟ ନାଗରିକଙ୍କୁ ଗୁଳି କରିଛି। ଖବର କାଗଜ 'ପ୍ରଥମ ଆଲୋ'ରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, କୁରିଗ୍ରାମ ସୀମାରେ ଗୁଳିମାଡ଼ରେ ଆହତ ହୋଇଥିବା ଦୁଇ ଜଣ ଭାରତୀୟ ନାଗରିକଙ୍କୁ ପୁଲିସ ତତ୍ତ୍ୱାବଧାନରେ ରଙ୍ଗପୁର ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ରଙ୍ଗପୁର ମେଟ୍ରୋପଲିଟାନ୍ ଡିଟେକ୍ଟିଭ୍ ବ୍ରାଞ୍ଚ ପୁଲିସ ସୋମବାର ପ୍ରତ୍ୟୁଷରେ ସହରର ଏକ ଘରୋଇ କ୍ଲିନିକ୍‌ରୁ ଏହି ଦୁଇଜଣଙ୍କୁ ନିଜ ହେପାଜତକୁ ନେଇ ରଙ୍ଗପୁର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛି। ଆହତଙ୍କ ମଧ୍ୟରୁ ଜଣେ ହେଉଛନ୍ତି ୩୫ ବର୍ଷ ବୟସ୍କ ଇସମାଇଲ୍ ହୁସେନ୍ ଏବଂ ତାଙ୍କ ପିତାଙ୍କ ନାମ ଅବଦୁଲ୍ କରିମ୍ ଶେଖ୍। ସେ ଆସାମର ସିଂମାରି ଜିଲ୍ଲାର ଭୋରାମାରା ଗ୍ରାମର ବାସିନ୍ଦା। ଅନ୍ୟ ଆହତ ହେଉଛନ୍ତି ୩୯ ବର୍ଷ ବୟସ୍କ ଅବଦୁଲ୍ ଅନୀସ୍ ଓରଫ ଖ୍ୱାଜା ଏବଂ ତାଙ୍କ ପିତାଙ୍କ ନାମ ଅବଦୁଲ୍ ମାଜିଦ୍ ମଣ୍ଡଳ।

## ଆସାମରେ ଭୂମିକମ୍ପ ଝଟ୍‌କା

ଗୁଆହାଟୀ, ୬।୧୦ଃ ଆସାମର ନାଗାଓଁ ଜିଲ୍ଲାରେ ମଙ୍ଗଳବାର ସକାଳୁ ୪.୫ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି। ଏନ୍‌ସିଏସ୍ ସାମାଜିକ ଗଣମାଧ୍ୟମ 'ଏକ୍ସ' ରେ ଏକ ପୋଷ୍ଟରେ ଏହି ସୂଚନା ଦେଇଛି। ଭୂମିକମ୍ପ ସକାଳ ୪ଟା ୨୩ ମିନିଟରେ ୩୩ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ର ୨୬.୪୨୮ ଉତ୍ତର ଅକ୍ଷାଂଶ ଏବଂ ୯୩.୦୬୦ ପୂର୍ବ ଦ୍ରାଘିମାରେ ଥିଲା। ଅଧିକାଂଶ ଲୋକ ନିଜ ଘରେ ଶୋଇଥିବା ସମୟରେ ଭୂମିକମ୍ପଗୁଡ଼ିକ ସକାଳୁ ଅନୁଭବ କରାଯାଇଥିଲା। କୌଣସି କ୍ଷୟକ୍ଷତି କିମ୍ବା ମୃତାହତଙ୍କ ବିଷୟରେ ଅଧିକ ସୂଚନା ଅପେକ୍ଷା କରାଯାଇଛି। ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ହିମାଚଳ ପ୍ରଦେଶର ଉନାରେ ୨.୫ ତୀବ୍ରତାର ଏକ ଭୂମିକମ୍ପ ହୋଇଥିଲା। ଏନ୍‌ସିଏସ୍ କହିଛି ଯେ ଭୂମିକମ୍ପଗୁଡ଼ିକ ଭାରତୀୟ ମାନକ ସମୟରେ ୨୩ଃ ୪୮ ଃ ୩୫ରେ ଅନୁଭୂତ ହୋଇଥିଲା।

## ତିନି ରାଜ୍ୟ ଓ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ଉପନିର୍ବାଚନ

### ପଶ୍ଚିମବଙ୍ଗରେ ମମତାଙ୍କ ଅସ୍ତିତ୍ୱର ଲଢ଼େଇ

### ମୁଖ୍ୟମନ୍ତ୍ରୀ ବିଜୟଙ୍କ ପାଇଁ ବଡ଼ ଆହ୍ୱାନ

### ଆସାମ ଓ ପୁଡୁଚେରୀରେ ଶାସକ ଦଳର ଶକ୍ତି ପରୀକ୍ଷା



ଚେନ୍ନାଇ/କୋଲକାତା, ୬।୧୦ଃ ତିନୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ପାଞ୍ଚଟି ବିଧାନସଭା ଆସନ ତଥା ଗୋଟିଏ ଲୋକସଭା ଆସନ ପାଇଁ ଉପନିର୍ବାଚନ ମତଦାନ ଜାରି ରହିଛି। ଆଜି ସକାଳୁ ମତଦାନ କେନ୍ଦ୍ରଗୁଡ଼ିକରେ ଭୋଟରମାନେ ଧାଡ଼ିବାନ୍ଧି ନିଜ ନିଜର ମତଦାନ ଅଧିକାର ସାବ୍ୟସ୍ତ କରୁଛନ୍ତି। ପଶ୍ଚିମବଙ୍ଗର ରେଜିନଗର ଓ ନନ୍ଦିଗ୍ରାମ ବିଧାନସଭା ଆସନ, ତାମିଲନାଡୁର ମଦୁରନ୍ତକମ୍ ଓ ଧରାପୁରମ୍, ପୁଡୁଚେରୀର ଥଟ୍ଟାଞ୍ଚାବାଡି ଏବଂ ଆସାମର ନାଗାଓଁ ଲୋକସଭା ଆସନରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ଚାଲିଛି। ଏହି ସମସ୍ତ ଉପନିର୍ବାଚନର ଫଳାଫଳ ଆସନ୍ତା ଅକ୍ଟୋବର ୯ ତାରିଖରେ ପ୍ରକାଶ ପାଇବ।

ପଶ୍ଚିମବଙ୍ଗରେ ଚଳିତ ବର୍ଷ ମେ' ମାସର ଆରମ୍ଭରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପି ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ବିପକ୍ଷରେ ମୋଟ ୨୯୪ ଆସନରୁ ୨୦୮ ଆସନ ଜିତି ଏକ ବିପୁଳ ବିଜୟ ହାସଲ କରିଥିଲା। ତେବେ ଏହି ଉପନିର୍ବାଚନ ଉପରେ ସମସ୍ତଙ୍କର କଡ଼ା ନଜର ରହିଛି, କାରଣ ଏହା ରାଜ୍ୟର ନବନିର୍ବାଚିତ ସରକାର ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ଏକ ବଡ଼ ପରୀକ୍ଷା ପାଲଟିଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ଖାଲି ପଡ଼ିଥିବା ନନ୍ଦିଗ୍ରାମ ଆସନ ଓ ଟିଏମସି ବିଦ୍ରୋହୀ ନେତା ହୁମାୟୁନ କବୀରଙ୍କ ଦ୍ୱାରା ଖାଲି ହୋଇଥିବା ରେଜିନଗର ଆସନରେ ଏହି ମତଦାନ ହେଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନରେ ପରାସ୍ତ ହେବା ଏବଂ ଦଳ ଭିତରେ ବଡ଼ ଧରଣର ବିଦ୍ରୋହର ସମ୍ମୁଖୀନ ହେବା ପରେ ଏହା ତାଙ୍କ ପାଇଁ ପ୍ରଥମ ବଡ଼ ସମ୍ମାନର ଲଢ଼େଇ ଅଟେ। ନନ୍ଦିଗ୍ରାମରେ ମମତା କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନଙ୍କୁ ସମର୍ଥନ କରୁଛନ୍ତି। ଫଳାଫଳ ଅନୁସାରେ ସେ ରାଜ୍ୟ ରାଜନୀତିରେ ନିଜର ପ୍ରାସଙ୍ଗିକତା ପ୍ରମାଣ କରିବା ସହିତ ନିଜକୁ ଟିଏମସିର ନିର୍ବିବାଦୀୟ ମୁଖ୍ୟ ଭାବରେ ପ୍ରତିଷ୍ଠିତ କରିବାକୁ ଏବଂ ବିଦ୍ରୋହୀ ଗୋଷ୍ଠୀଙ୍କୁ କଡ଼ା ବାର୍ତ୍ତା ଦେବାକୁ ଚେଷ୍ଟା କରୁଛନ୍ତି।

ସେହିପରି, ଦକ୍ଷିଣ ରାଜ୍ୟ ତାମିଲନାଡୁର ମଦୁରନ୍ତକମ୍ ଓ ଧରାପୁରମ୍ ଆସନରେ ଉପନିର୍ବାଚନ ଦୁଇ ଜଣ ଏଆଇଏଡିଏମକେ ବିଧାୟକ ଶାସକ ଟିଭିକେ ସହିତ ମେଣ୍ଟ କରିବା ପରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ପ୍ରାରମ୍ଭରେ ହୋଇଥିବା ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନେତୃତ୍ୱାଧୀନ ଦଳ ବହୁମତରୁ ବଞ୍ଚିତ ହୋଇଥିବାରୁ ଏହି ଫଳାଫଳ ରାଜ୍ୟ ବିଧାନସଭାର ସମୀକରଣକୁ ପରିବର୍ତ୍ତନ କରିପାରେ। ମୁଖ୍ୟମନ୍ତ୍ରୀ ଉଭୟ ଆସନରେ ବ୍ୟାପକ ପ୍ରଚାର କରିଥିବା ବେଳେ ଡିଏମକେ, ଏଆଇଏଡିଏମକେ ଏବଂ ସିପିଆଇ ମଧ୍ୟ ନିର୍ବାଚନ ମଇଦାନରେ ଅଛନ୍ତି।

ଅନ୍ୟପକ୍ଷରେ, ଏପ୍ରିଲ ମାସରେ ବିଜେପିରେ ଯୋଗ ଦେଇଥିବା ପୂର୍ବତନ କଂଗ୍ରେସ ସାଂସଦ ପ୍ରଦ୍ୟୁତ ବୋର୍ଦୋଲୋଇଙ୍କ ଇସ୍ତଫା ପରେ ଆସାମର ନାଗାଓଁ ଲୋକସଭା ଆସନ ପାଇଁ ମତଦାନ ଚାଲିଛି।

## ଭାରତର ସ୍ଥାୟୀ ସଦସ୍ୟତାକୁ ପାକିସ୍ତାନର ବିରୋଧ



ନ୍ୟୁୟର୍କ, ୬।୧୦ଃ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଭାରତର ଦାବିକୁ ପାକିସ୍ତାନ ପୁଣି ଥରେ ବିରୋଧ କରିଛି। ଭାରତର ନାମ ନ ନେଇ ଜାତିସଂଘରେ ପାକିସ୍ତାନର ରାଷ୍ଟ୍ରଦୂତ ଅସୀମ ଇଫତିକାର ଅହମ୍ମଦ କହିଛନ୍ତି ଯେ, ଇସଲାମାବାଦ ଜାତିସଂଘ ସୁରକ୍ଷା ପରିଷଦରେ ନୂତନ ସ୍ଥାୟୀ ସଦସ୍ୟଙ୍କୁ ସାମିଲ କରିବାକୁ ବିରୋଧ କରେ। ସେ ଅସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧିକୁ ସମର୍ଥନ କରିଥିଲେ। ଇଫତିକାର ଅହମ୍ମଦଙ୍କୁ ପାକିସ୍ତାନର ନୂତନ ବୈଦେଶିକ ସଚିବ ଭାବରେ ନିଯୁକ୍ତ କରାଯାଇଛି। ସେ ଆସନ୍ତା ସପ୍ତାହରେ ଏହି ପଦବୀ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ପାକିସ୍ତାନୀ ଖବରକାଗଜ ଡନ୍ ସହ କଥାବାର୍ତ୍ତା କରି ଇଫତିଖାର ଅହମ୍ମଦ କହିଛନ୍ତି, ସୁରକ୍ଷା ପରିଷଦରେ ସଦସ୍ୟ ରାଷ୍ଟ୍ରଙ୍କ ଏକ ବୃହତ ସଂଖ୍ୟାଗରିଷ୍ଠତାର ବିଶ୍ୱାସକୁ ଦୃଢ଼ କରିଛି ଯେ, ଆମକୁ ଏକ ଅଧିକ ଗଣତାନ୍ତ୍ରିକ, ପ୍ରତିନିଧିତ୍ୱପୂର୍ଣ୍ଣ ଏବଂ ଦାୟିତ୍ୱବାନ ସୁରକ୍ଷା ପରିଷଦର ଆବଶ୍ୟକତା ଅଛି। ସେ କହିଛନ୍ତି, ନୂତନ ସ୍ଥାୟୀ ସଦସ୍ୟ ଯୋଡ଼ିବା ଦ୍ୱାରା ସମସ୍ୟାର ସମାଧାନ ହେବ ନାହିଁ। କୌଣସି ନୂତନ ସ୍ଥାୟୀ ସଦସ୍ୟଙ୍କ ସାମିଲ ସମସ୍ୟାକୁ ଆହୁରି ବଢ଼ାଇବ।

## ପଦୋନ୍ନତି ସ୍ଥଗିତ ରଖିବାକୁ ପତ୍ର



ନୂଆଦିଲ୍ଲୀ, ୬।୧୦ଃ ଦିଲ୍ଲୀ ପୁଲିସର ଅତିରିକ୍ତ ପୁଲିସ ଡେପୁଟି କମିଶନର (ଏଡିସିପି) ଭାବେ ପଦୋନ୍ନତି ପାଇଥିବା ପୁଲିସ ଅଧିକାରୀ ବିବେକ ଭଗତ ନିଜେ କମିଶନରଙ୍କୁ ପତ୍ର ଲେଖି ତାଙ୍କର ପଦୋନ୍ନତି ଆଦେଶକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଛନ୍ତି। ତାଙ୍କୁ ଜଣେ ୟୁଟ୍ୟୁବର୍ (ଯାହାଙ୍କୁ 'କକ୍ରୋଚ୍ ଜନତା ପାର୍ଟି' ସହ ସମ୍ପୃକ୍ତ ବୋଲି କୁହାଯାଉଛି) ଲଗାଇଥିବା ଯୌନ ନିର୍ଯାତନା ଅଭିଯୋଗ ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ମାମଲାର ଯାଞ୍ଚ ଚାଲିଥିବାରୁ ସେ ଏପରି ପଦକ୍ଷେପ ନେଇଛନ୍ତି।

ଗତ ଅକ୍ଟୋବର ୫ (ସୋମବାର) ଦିନ ଗୃହ ବିଭାଗର ଡେପୁଟି ସେକ୍ରେଟାରୀ ରମେଶ କୁମାରଙ୍କ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ ଦିଲ୍ଲୀ ପୁଲିସର ୧୨ ଜଣ ଅଧିକାରୀଙ୍କୁ ଅତିରିକ୍ତ ଡିସିପି ଭାବେ ପଦୋନ୍ନତି ଦିଆଯାଇଥିଲା। ବର୍ତ୍ତମାନ ନୂତନ ଦିଲ୍ଲୀର କନଟ୍ ପ୍ଲେସ୍ ଥାନାରେ ସବ୍-ଡିଭିଜନାଲ୍ ପୁଲିସ ଅଧିକାରୀ (ଏସ୍‌ଡିପିଓ) ଭାବେ କାର୍ଯ୍ୟରତ ଥିବା ବିବେକ ଭଗତ ମଧ୍ୟ ଏହି ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କ ମଧ୍ୟରେ ସାମିଲ ଥିଲେ।

ମାତ୍ର ପଦୋନ୍ନତି ଆଦେଶ ଆସିବା ପରେ ସେ ସୋମବାର ଦିନ ଦିଲ୍ଲୀ ପୁଲିସ କମିଶନରଙ୍କୁ ଏକ ପତ୍ର ଲେଖି ସ୍ୱେଚ୍ଛାରେ ନିଜର ପଦୋନ୍ନତିକୁ ଅଟକାଇ ରଖିବାକୁ କହିଛନ୍ତି। ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, କ୍ରାଇମବ୍ରାଞ୍ଚରେ ତାଙ୍କ ବିରୋଧରେ ଏକ ଯାଞ୍ଚ ଚାଲିଥିବାରୁ, କେବଳ ତାଙ୍କ ନିଜ ନାମ ସମ୍ବନ୍ଧିତ ପଦୋନ୍ନତି ଆଦେଶକୁ ସ୍ଥଗିତ ରଖିବା ପାଇଁ ସେ ସମ୍ପୂର୍ଣ୍ଣ ସମ୍ମତି ଜଣାଉଛନ୍ତି। ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଚାଲିଥିବା ତଦନ୍ତ ସମାପ୍ତ ନ ହେବା ପର୍ଯ୍ୟନ୍ତ ସେ ଏହି ପଦୋନ୍ନତି ଗ୍ରହଣ କରିବାକୁ ଚାହୁଁନାହାନ୍ତି ବୋଲି ଜଣାପଡ଼ିଛି।

## ଶପଥ ନେଲେ ୩ ନୂଆ ବିଚାରପତି

### ପରମ୍ପରା ଭାଙ୍ଗିଲେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ

### ୩୭କୁ ବୃଦ୍ଧି ପାଇଲା ବିଚାରପତି ସଂଖ୍ୟା



ନୂଆଦିଲ୍ଲୀ, ୬।୧୦ଃ ସୁପ୍ରିମକୋର୍ଟର ଦୀର୍ଘ ଦିନର ପୁରୁଣା ପରମ୍ପରାକୁ ଭଙ୍ଗ କରାଯାଇଛି। ସାଧାରଣତଃ ସକାଳେ ବିଚାରପତିଙ୍କ ଶପଥ ଗ୍ରହଣ କରାଯାଉଥିବା ବେଳେ ୧୯୫୦ ମସିହାରେ କୋର୍ଟ ପ୍ରତିଷ୍ଠା ହେବାଠାରୁ ପ୍ରଥମ ଥର ପାଇଁ ଅପରାହ୍ଣରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ ଏହି ନୂତନ ପରମ୍ପରାର ଶୁଭାରମ୍ଭ କରିଛନ୍ତି।

ସୁପ୍ରିମକୋର୍ଟର ଅଫିସିଆଲ୍ ବିଜ୍ଞପ୍ତି ଅନୁଯାୟୀ, ମଙ୍ଗଳବାର ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ଜଷ୍ଟିସ୍ ସୁନିତା ଅଗ୍ରୱାଲ, ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଓ ଜଷ୍ଟିସ୍ ଅପରେଶ କୁମାର ସିଂହ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ଏହି ନୂତନ ନିଯୁକ୍ତି ପରେ ସୁପ୍ରିମକୋର୍ଟରେ ସ୍ୱୀକୃତ ୩୮ ଜଣିଆ ସଂଖ୍ୟା ମଧ୍ୟରୁ ମୋଟ କାର୍ଯ୍ୟରତ ବିଚାରପତିଙ୍କ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି।

ଶପଥ ଗ୍ରହଣର ସମୟ ପରିବର୍ତ୍ତନ ପାଇଁ କୌଣସି ଆନୁଷ୍ଠାନିକ କାରଣ ସ୍ପଷ୍ଟ କରାଯାଇନାହିଁ। କେନ୍ଦ୍ର ସରକାର ସେମାନଙ୍କର ପଦୋନ୍ନତି ବିଜ୍ଞପ୍ତି ପ୍ରକାଶ କରିବା ପରେ, ଜଷ୍ଟିସ୍ ସୁନିତା ଅଗ୍ରୱାଲଙ୍କୁ ସୋମବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶପଥ ଗ୍ରହଣ କରିଥିବା ନୂତନ ବିଚାରପତିମାନଙ୍କ ମଧ୍ୟରେ ଗୁଜୁରାଟ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୁନିତା ଅଗ୍ରୱାଲ ଅଛନ୍ତି, ଯିଏକି ପୂର୍ବରୁ ଆଲ୍ଲାହାବାଦ ହାଇକୋର୍ଟର ବିଚାରପତି ଥିଲେ। ଏହି ନିଯୁକ୍ତି ପରେ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ତିନିରେ ପହଞ୍ଚିଛି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ କଲେଜିୟମ୍ ଦ୍ୱାରା ସୁପାରିଶ ହୋଇଥିବା ଜଷ୍ଟିସ୍ ଭି. ମୋହନାଙ୍କ ପରେ ସେ ହେଉଛନ୍ତି ଦ୍ୱିତୀୟ ମହିଳା ବିଚାରପତି, ଯାହାଙ୍କୁ ଏହି କଲେଜିୟମ୍ ସର୍ବୋଚ୍ଚ ଅଦାଲତକୁ ପଠାଇଛି।

## ହର୍ମୁଜରେ ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼



### ୧୧ ଭାରତୀୟ ନାବିକ ଆହତ, ଓମାନରେ ଚିକିତ୍ସାଧୀନ

ନୂଆଦିଲ୍ଲୀ, ୬।୧୦ଃ ହର୍ମୁଜ ପ୍ରଣାଳୀ ନିକଟରେ ଏକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା କ୍ଷେପଣାସ୍ତ୍ର ଆକ୍ରମଣରେ ୧୧ ଜଣ ଭାରତୀୟ ନାବିକ ଗୁରୁତର ଆହତ ହୋଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପାନାମା ପତାକାଧାରୀ ଜାହାଜ 'ଏମ୍‌ଟି ଅନ୍ ପିସ୍' ଓମାନ ଉପକୂଳରେ ଯାତ୍ରା କରୁଥିବା ସମୟରେ ଏହି ବିପର୍ଯ୍ୟୟ ଘଟିଛି। ଜାହାଜରେ ମୋଟ ୧୯ ଜଣ କର୍ମଚାରୀ ଥିବାବେଳେ ସେଥିମଧ୍ୟରୁ ୧୭ ଜଣ ଭାରତୀୟ ଥିଲେ। ଏହି ଆକ୍ରମଣରେ ଆହତ ହୋଇଥିବା ୧୨ ଜଣ କ୍ରୁ' ସଦସ୍ୟଙ୍କ ମଧ୍ୟରୁ ୧୧ ଜଣ ଭାରତୀୟ ଅଛନ୍ତି। ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ସମସ୍ତ ଆହତ ନାବିକମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଓମାନର ଖାସାବ୍ ଅଞ୍ଚଳରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣକୁ ଭାରତ ସରକାର ଦୃଢ଼ ନିନ୍ଦା କରିବା ସହିତ ଓମାନ ପ୍ରଶାସନକୁ ସହାୟତା ପାଇଁ ଧନ୍ୟବାଦ ଜଣାଇଛନ୍ତି। ଜାହାଜ ଚଳାଚଳ ଉପରେ ଏଭଳି ବାରମ୍ବାର ଆକ୍ରମଣ ଗଭୀର ଚିନ୍ତାର ବିଷୟ ବୋଲି ଦର୍ଶାଇ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଅନ୍ତର୍ଜାତୀୟ ଜଳପଥରେ ବାଣିଜ୍ୟ ଏବଂ ନାବିକଙ୍କ ସୁରକ୍ଷା ନିଶ୍ଚିତ କରାଯିବା ଆବଶ୍ୟକ। ସାମୁଦ୍ରିକ ଜଳପଥରେ ଶାନ୍ତି ଫେରାଇ ଆଣିବାକୁ ଭାରତ ପକ୍ଷରୁ କୁହାଯାଇଛି।

## ଚିହ୍ନ ନ ରଖି ବି ବ୍ରହ୍ମାଣ୍ଡକୁ ଭେଦ କରୁଛି ନ୍ୟୁଟ୍ରିନୋ




### ଅଦୃଶ୍ୟ କଣିକାର ରହସ୍ୟମୟ ଯାତ୍ରା ପାଇଁ ମିଳିଲା ନୋବେଲ୍

ଷ୍ଟକହୋମ, ୬।୧୦ଃ ପ୍ରତି ଏକ ସେକେଣ୍ଡରେ କୋଟି କୋଟି ଅଦୃଶ୍ୟ କଣିକା କୌଣସି ଚିହ୍ନ ନ ରଖି ମାନବ ଶରୀର, କୋଠାବାଡ଼ି ଓ ସମଗ୍ର ପୃଥିବୀକୁ ଭେଦ କରି ଚାଲିଯାଉଥାଏ। ଏହି ରହସ୍ୟମୟ କଣିକା 'ନ୍ୟୁଟ୍ରିନୋ' ଉପରେ ଗବେଷଣା ପାଇଁ ଚଳିତ ବର୍ଷର ପଦାର୍ଥ ବିଜ୍ଞାନ ନୋବେଲ୍ ପୁରସ୍କାର ଘୋଷଣା କରାଯାଇଛି। ଆମେରିକାର ୱିସକନସିନ୍-ମାଡ଼ିସନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଫ୍ରାନସିସ୍ ହାଲ୍‌ଜେନ୍‌ଙ୍କୁ 'ଆଇସ୍‌କ୍ୟୁବ୍ ନ୍ୟୁଟ୍ରିନୋ ଅବଜରଭେଟୋରି' ଏବଂ ମହାକାଶରୁ ଆସୁଥିବା ଅତି-ଉଚ୍ଚ ଶକ୍ତିସମ୍ପନ୍ନ ନ୍ୟୁଟ୍ରିନୋ ଆବିଷ୍କାର ପାଇଁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି।

ନ୍ୟୁଟ୍ରିନୋ ହେଉଛି ଅତି କ୍ଷୁଦ୍ର କଣିକା, ଯାହା ମହାକାଶର ସବୁଠାରୁ ଶକ୍ତିଶାଳୀ ଓ ବିଧ୍ୱଂସୀ ଘଟଣାଗୁଡ଼ିକ ଯଥା ସୂର୍ଯ୍ୟ କିମ୍ବା ବିସ୍ଫୋରିତ ତାରକାଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଥାଏ। ଆଲୋକ ପରି ଏହାକୁ କୌଣସି ଜିନିଷ ଅଟକାଇ ପାରେ ନାହିଁ। ଏହା ବିନା କୌଣସି ବାଧାରେ କୋଟିକୋଟି କିଲୋମିଟର ପଥ ଅତିକ୍ରମ କରିପାରେ। ଏହାର ଏହି ଭୂତପରି ଅଦୃଶ୍ୟ ଗତି ଯୋଗୁଁ ବୈଜ୍ଞାନିକମାନେ ଏହାକୁ ମହାକାଶର 'ଖବରବାହକ' ଭାବେ ବ୍ୟବହାର କରିଥାଆନ୍ତି।

ଏହି ଅଦୃଶ୍ୟ କଣିକାଗୁଡ଼ିକୁ ଧରିବା ଅତ୍ୟନ୍ତ କଷ୍ଟକର ଥିବାରୁ ବୈଜ୍ଞାନିକ ଫ୍ରାନସିସ୍ ହାଲ୍‌ଜେନ୍ ଏକ ଅଭୁତ ଉପାୟ ବାହାର କରିଥିଲେ। ସେ ଦକ୍ଷିଣ ମେରୁର ବିଶାଳ ସ୍ୱଚ୍ଛ ବରଫସ୍ତରକୁ ଏକ ବିରାଟ କଣିକା ସନ୍ଧାନ କେନ୍ଦ୍ର ଭାବେ ବ୍ୟବହାର କରିବାକୁ ପ୍ରସ୍ତାବ ଦେଇଥିଲେ। ବରଫ ତଳେ ହଜାର ହଜାର ଆଲୋକ ସେନ୍ସର ବା ସୂଚକ ବସାଯାଇଥିଲା, ଯାହା ଦ୍ୱାରା ଉଚ୍ଚ-ଶକ୍ତିସମ୍ପନ୍ନ ନ୍ୟୁଟ୍ରିନୋ ବରଫର ପରମାଣୁ ସହ ଧକ୍କା ହେଲେ ସୃଷ୍ଟି ହେଉଥିବା କ୍ଷୁଦ୍ର ଆଲୋକର ଝଲକକୁ ଚିହ୍ନଟ କରାଯାଇପାରିବ। ୨୦୧୧ ମସିହାରେ ଏହି ବରଫ ପରୀକ୍ଷାଗାରର କାମ ସମ୍ପୂର୍ଣ୍ଣ ହୋଇଥିଲା।

ମହାକାଶର କେଉଁଠାରୁ ଏହି ଶକ୍ତିଶାଳୀ କଣିକାଗୁଡ଼ିକ ଆସୁଛି, ତାହା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ନଥିଲା। ମାତ୍ର ନ୍ୟୁଟ୍ରିନୋଗୁଡ଼ିକ ଆଲୋକ ପରି ଏକ ସଳଖ-ପଥରେ ଗତି କରୁଥିବାରୁ ବୈଜ୍ଞାନିକମାନେ ସେଗୁଡ଼ିକର ଉତ୍ସକୁ ଠାବ କରିବାରେ ସଫଳ ହୋଇଛନ୍ତି। ଏହି ଅଭୂତପୂର୍ବ ଆବିଷ୍କାର ମହାକାଶ ବିଜ୍ଞାନରେ ଏକ ନୂତନ ଯୁଗର ଆରମ୍ଭ କରିଛି, ଯାହା ମାଧ୍ୟମରେ ଆଲୋକ ବଦଳରେ କଣିକା ସାହାଯ୍ୟରେ ମହାକାଶର ରହସ୍ୟ ଉନ୍ମୋଚନ କରାଯାଇପାରୁଛି।

### ପ୍ରଥମ ଟି-୨୦: ହୋପ୍ ଓ ରଦରଫୋର୍ଡଙ୍କ ଅର୍ଦ୍ଧଶତକ ବେକାର

# ଶ୍ରେୟସ୍‌ଙ୍କ ଅପରାଜିତ ଶତକ: ଭାରତ ବିଜୟୀ



ଲକ୍ଷ୍ନୌ,୬।୧୦: ଆଜିଠାରୁ ଏଠାରୁ ଚଳିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି-୨୦ ସିରିଜ୍ ଆରମ୍ଭ ହୋଇଥିବା ବେଳେ ଘରୋଇ ଭାରତ ଦମ୍‌ଦାର ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ବ୍ୟାଟିଂ ପାଇଥିବା ୱେଷ୍ଟଇଣ୍ଡିଜ୍ ୧୯.୧ ଓଭର୍‌ରେ ୧୭୧ ରନ୍ କରି ଅଲ୍‌ଆଉଟ୍ ହେବା ପରେ ଭାରତ ମାତ୍ର ୧୪.୪ ଓଭର୍‌ରେ ୨ଟି ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳକୁ ବିଜୟୀ କରାଇବାରେ ଅଧିନାୟକ ଶ୍ରେୟସ୍ ଆୟର୍‌ଙ୍କ ଅପରାଜିତ ଶତକ ମୁଖ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଓପନର ତଥା ଦଳର ଅଧିନାୟକ ଶାଇ ହୋପ୍ ଚମତ୍କାର ବ୍ୟାଟିଂ କରି ୬ଟି ଚୌକା ଓ ୨ଟି ଛକା ମାଧ୍ୟମରେ ୫୨ ରନ୍ କରିଥିଲେ। ଏହାଛଡ଼ା ମଧ୍ୟଭାଗରେ ସର୍ଫେନ୍ ରଦରଫୋର୍ଡ ୬ଟି ଚୌକା ଓ ୩ଟି ଛକା ଜରିଆରେ ୫୬ ରନ୍‌ର ଦମ୍‌ଦାର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ଓପନର କାମିଲ୍ ପୂରନ୍ ୧୨ ଓ ଆକିଲ୍ ହୋସେନ୍ ୧୫ ରନ୍ କରିଥିଲେ। ଭାରତ ପକ୍ଷରୁ ନମନ୍ ଧୀର୍ ୩ଟି ଏବଂ ଅକ୍ଷର ପଟେଲ୍ ଓ କୁଲଦୀପ ଯାଦବ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଚମକପ୍ରଦ ପ୍ରଦର୍ଶନ କରିଥିଲେ। ସେ ପ୍ରତିପକ୍ଷ ବୋଲର୍‌ଙ୍କୁ ନିର୍ଦ୍ଧୂମ୍ ପିଟିବା ସହ ମାତ୍ର ୪୨ଟି ବଲ୍‌ରେ ତାଙ୍କ ଟି-୨୦ କ୍ୟାରିଅର୍‌ର ପ୍ରଥମ ଶତକ ହାସଲ କରିଥିଲେ। ସେ ଛକା ଜରିଆରେ ଏହି ଶତକ ପୂରଣ କରିଥିବା ବେଳେ ୪୩ ବଲ୍‌ରେ ୧୦୨ ରନ୍‌ରେ ଅପରାଜିତ ଥିଲେ। ତାଙ୍କର ଏହି ପ୍ରଭାବଶାଳୀ ଇନିଂସରେ ୧୦ଟି ଚୌକା ଓ ୧୦ଟି ଛକା ରହିଥିଲା। ଏହାଛଡ଼ା ଈଶାନ୍ କିଶନ୍ ୫ଟି ଚୌକା ସହ ଅପରାଜିତ ୩୭, ଓପନର ଅଭିଷେକ ଶର୍ମା ୩ଟି ଚୌକା ଓ ଗୋଟିଏ ଛକା ମାଧ୍ୟମରେ ୨୧ ଓ ଅନ୍ୟତମ ଓପନର ସଞ୍ଜୁ ସାମ୍‌ସନ୍ ୧୧ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ହୋସେନ୍ ଓ ରୋଷ୍ଟନ୍ ଚେଜ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୯ ତାରିଖରେ ରାଞ୍ଚିଠାରେ ଖେଳାଯିବ।

## ପ୍ରତିଶ୍ରୁତି ଦେଇ ଭୁଲିଗଲେ ସ୍ୱାସ୍ଥ୍ୟ ମନ୍ତ୍ରୀ!

● ଦାବି ପୂରଣ ନହେଲେ ପୁଣି ରାସ୍ତାକୁ ଓହ୍ଲାଇବେ ଡାକ୍ତର

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): କେବଳ ଆଶ୍ୱାସନା ଦେଲେ ହେବନାହିଁ, ସରକାର ପ୍ରତିଶ୍ରୁତି ପାଳନ କରନ୍ତୁ। ନ ହେଲେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍‌ସା)। ଡାକ୍ତରମାନଙ୍କ ଦାବି ଉପରେ ସରକାର ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହାନ୍ତି। ପୂର୍ବ ଆନ୍ଦୋଳନ ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବ ଡାକ୍ତରଙ୍କୁ ଅନେକ ପ୍ରତିଶ୍ରୁତି ଦେଇଥିଲେ। ଓମ୍‌ସା ପକ୍ଷରୁ କୁହାଯାଇଛି ଯେ କେବିକେ ଅଞ୍ଚଳରେ ୫ ବର୍ଷର ସେବା ପୂରଣ କରିଥିବା ଡାକ୍ତରଙ୍କୁ ନିଜ ପସନ୍ଦର ସ୍ଥାନକୁ ବଦଳି କରିବା ପାଇଁ ରାଜ୍ୟ ସରକାରଙ୍କ ନିଜସ୍ୱ ନୀତି ରହିଛି। ଚଳିତ ବର୍ଷ ଜାନୁଆରୀରେ ବଦଳି ପୋର୍ଟାଲରେ ଏଥିପାଇଁ ଡାକ୍ତରଙ୍କ ପସନ୍ଦର ସ୍ଥାନ ନିଆଯାଇଥିଲା। ହେଲେ ୮ ମାସ ପରେ ମଧ୍ୟ ବଦଳି ଆଦେଶ ଜାରି ନ ହେବା ଦୁଃଖଦାୟକ। ସମ୍ପୃକ୍ତ ଫାଇଲ୍ ପ୍ରାୟ ୭ ମାସ ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସ୍ତରରେ ଅଟକି ରହିଛି ବୋଲି ଓମସା ଅଭିଯୋଗ କରିଛି। କଠିନ ଓ ଦୁର୍ଗମ ଅଞ୍ଚଳରେ ରୋଗୀ ସେବା ଯୋଗାଉଥିବା ଡାକ୍ତରଙ୍କ କ୍ଷେତ୍ରରେ କୌଣସି ଅନୁଗ୍ରହ ନୁହେଁ ବରଂ ଅଧିକାର ଓ ସରକାରଙ୍କ ନୀତି କାର୍ଯ୍ୟକାରୀ ହେବା ଉଚିତ୍। ସେହିପରି ଗତ ଜୁଲାଇ ମାସରେ ସ୍ୱାସ୍ଥ୍ୟ ସଚିବଙ୍କ ସହ ଓମ୍ସାର ହୋଇଥିବା ଆଲୋଚନା ସମୟରେ ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ। ଏହାସହ ସେହିମାସ ୨୨ତାରିଖରେ ଓମ୍ସାର ଦାବି ଉପରେ ସଚିବସ୍ତରୀୟ କମିଟି ବୈଠକ ବସିଥିଲା ହେଲେ ଆଜି ପର୍ଯ୍ୟନ୍ତ ଆବଶ୍ୟକ ବିଜ୍ଞପ୍ତି ଜାରି ହୋଇନାହିଁ। ଅକ୍ଟୋବର ଶେଷସୁଦ୍ଧା କେବିକେ ଡାକ୍ତରଙ୍କ ବଦଳି ସମେତ ସମସ୍ତ ବିଚାରାଧୀନ ଦାବି ଉପରେ ତୁରନ୍ତ ନିଷ୍ପତ୍ତି ଓ ଆବଶ୍ୟକ ବିଜ୍ଞପ୍ତି ଜାରି କରାଯାଉ ଡାକ୍ତରମାନେ ବାରମ୍ବାର ଆଲୋଚନା ଓ ସମାଧାନର ପଥକୁ ବାଛିଛନ୍ତି।

## ଦୁର୍ଗାପୂଜାରେ ବିଦ୍ୟୁତ୍ ବ୍ୟବସ୍ଥା ସୁଦୃଢ଼ କରିବାକୁ ବୈଠକ



କଟକ, ୬।୧୦ (ସଂଚାର ବ୍ୟୁରୋ): ଚଳିତ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଏବଂ ପୂଜା ମଣ୍ଡପଗୁଡ଼ିକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂଜା ସମୟରେ କୌଣସି ବିଦ୍ୟୁତ୍ ବିଭ୍ରାଟ ଯେପରି ନଘଟେ, ସେଥିପାଇଁ ଟାଟା ପାୱାର ପକ୍ଷରୁ ସମସ୍ତ ପୂଜା ମଣ୍ଡପକୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ଏହା ସହିତ ବିଦ୍ୟୁତ୍ ତାର, ଖୁଣ୍ଟ ଓ ଅନ୍ୟାନ୍ୟ ଭିତ୍ତିଭୂମିର ଯାଞ୍ଚ କରାଯାଇ ଆବଶ୍ୟକ ସ୍ଥଳେ ଆଗୁଆ ମରାମତି କରାଯିବ ଏବଂ ପୂଜା ଦିନଗୁଡ଼ିକରେ ଟାଟା ପାୱାରର ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ରହି ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରିବେ ବୋଲି ସ୍ଥିର ହୋଇଛି। ଏହି ବୈଠକରେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଜଙ୍ଗଲରୁ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର

ଦିଗପହଣ୍ଡି,୬।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ତପ୍ତପାଣି ନିକଟସ୍ଥ ପାଲୁଖୁଲା ଗ୍ରାମ ନିକଟ ଜଙ୍ଗଲରୁ ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉଭୟେ କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ନେଇ ପ୍ରାଥମିକ ସୂଚନା ମିଳିଛି। ଭଗବାନ ସେଠୀ ଓ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। କୌଣସି କାରଣକୁ ନେଇ ଉଭୟ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ପାଲୁଖୁଲା ଗ୍ରାମ ନିକଟ ଜଙ୍ଗଲରେ ଉଭୟଙ୍କ ମୃତଦେହ ପଡ଼ିଥିଲା। ଏନେଇ ଖବର ପାଇ ଘଟଣାସ୍ଥଳରେ ପାଟପୁର ଥାନା ପୁଲିସ ପହଞ୍ଚି ଦୁଇଟି ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ସକାଶେ ଦିଗପହଣ୍ଡି ମେଡିକାଲକୁ ଆଣିଛି। ତେବେ ଘଟଣାର ପ୍ରକୃତ କାରଣ ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ୱେଷ୍ଟବେଙ୍ଗଲ ହେବ ପଶ୍ଚିମବଙ୍ଗ

କୋଲକାତା, ୬।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଭାବେ ନିଜ କାର୍ଯ୍ୟକାଳ ମଧ୍ୟରେ ମମତା ବାନାର୍ଜୀ ରାଜ୍ୟର ନାମ ବଦଳାଇ 'ବାଂଲା' ରଖିବାକୁ ଉଦ୍ୟମ କରିଥିଲେ ଏବଂ ଏନେଇ ବିଧାନସଭାରେ ଏକ ପ୍ରସ୍ତାବ ମଧ୍ୟ ପାରିତ କରିଥିଲେ। ତେବେ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରିପାରି ନଥିଲା। ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟର ଇଂରାଜୀ ନାମ 'ୱେଷ୍ଟ ବେଙ୍ଗଲ' କୁ ପରିବର୍ତ୍ତନ କରି 'ପଶ୍ଚିମବଙ୍ଗ' ରଖିବାକୁ ପଦକ୍ଷେପ ନେଉଛନ୍ତି। ଖବର ଅନୁଯାୟୀ, ଶାସକ ଦଳ ଖୁବ୍ ଶୀଘ୍ର ବିଧାନସଭାରେ ଏ ସମ୍ବନ୍ଧୀୟ ଏକ ପ୍ରସ୍ତାବ ଆଗତ କରିବାକୁ ଯୋଜନା କରୁଛି। ଏକ ସାମ୍ବାଦିକ ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ଶମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ୱେଷ୍ଟ ବେଙ୍ଗଲ୍' ନୁହେଁ, 'ବାଂଲା' ନୁହେଁ କିମ୍ବା 'ପଶ୍ଚିମବାଂଲା' ନୁହେଁ, ଏବେଠାରୁ ଆମ ରାଜ୍ୟର ନାମ କେବଳ 'ପଶ୍ଚିମବଙ୍ଗ' ହେବ। ଇତିହାସକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ କରାଯିବ।

## ଚୋରା ଚାଲାଣ ପୂର୍ବରୁ ଗଞ୍ଜେଇ ଜବତ, ଜଣେ ଗିରଫ

କୋଲକାତା, ୬।୧୦ (ସଂଚାର ବ୍ୟୁରୋ): ମଙ୍ଗଳବାର ଦିନ ଦକ୍ଷିଣ ଦିନାଜପୁରର ବୁନିଆଦପୁର ପୌରପାଳିକା ଅନ୍ତର୍ଗତ ସରାଇହାଟର ମାଲାମ ଅଞ୍ଚଳରୁ ଅବକାରୀ ବିଭାଗ ୬୦ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା। ଗଞ୍ଜେଇ ଚାଲାଣ ଓ କାରବାର ଅଭିଯୋଗରେ ଘଟଣାସ୍ଥଳରୁ ବିମଳ ମହନ୍ତ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

### ସିଇସିଙ୍କ ଇସ୍ତଫା ଦାବିରେ ଇଣ୍ଡିଆ ମେଣ୍ଟର ହଙ୍ଗାମା

# ଗଛମୂଳେ ବସିଲେ ରାହୁଲ ଓ ପ୍ରିୟଙ୍କା

● ଅଖିଳେଶ, ଡେରେକ୍ ଓ'ବ୍ରାଏନ୍ ଓ ଅଭିଷେକ ବାନାର୍ଜୀ ଅଟକ
● ଫର୍ମ-୬କୁ ନେଇ ଉଗ୍ର ହେଲା ବିରୋଧୀଙ୍କ ଆନ୍ଦୋଳନ



ନୂଆଦିଲ୍ଲୀ,୬।୧୦: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକରି ଇଣ୍ଡିଆ ମେଣ୍ଟ ପକ୍ଷରୁ କରାଯାଇଥିବା ବିକ୍ଷୋଭ ଶେଷରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି। ସଂସଦ ଷ୍ଟ୍ରିଟ୍‌ରୁ ନିର୍ବାଚନ ଆୟୋଗ (ଇସି) ମୁଖ୍ୟାଳୟ ଅଭିମୁଖେ ଯାଉଥିବା ବିରୋଧୀ ଦଳର ଏହି ପଦଯାତ୍ରାକୁ ପୁଲିସ ଅଟକାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ ନେତା ଆକାଶବାଣୀ ଭବନ ପରିସରରେ ଧାରଣା ଦେଇଛନ୍ତି।

ଭୋଟ୍ ଚୋରି ଅଭିଯୋଗ ଓ ସୁପ୍ରିମକୋର୍ଟଙ୍କ ଟିପ୍ପଣୀକୁ ଆଧାର କରି ଇଣ୍ଡିଆ ମେଣ୍ଟ ସଦସ୍ୟମାନେ ସଂସଦର ମକର ଦ୍ୱାରରୁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ (ନିର୍ବାଚନ ସଦନ) ଆଡ଼କୁ ଶୋଭାଯାତ୍ରାରେ ବାହାରିଥିଲେ। ତେବେ ନୀତି ଆୟୋଗ ନିକଟରେ ପୁଲିସ ବ୍ୟାରିକେଡ୍ ଲଗାଇ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ଏସପି ମୁଖ୍ୟ ଅଖିଳେଶ ଯାଦବ, ଟିଏମସି ସାଂସଦ ଅଭିଷେକ ବାନାର୍ଜୀ, ଡେରେକ୍ ଓ'ବ୍ରାଏନ୍ ପ୍ରମୁଖ ନେତାଙ୍କୁ ପୁଲିସ ଅଟକ ରଖି ବସ୍ ଯୋଗେ ନେଇଥିବା ବେଳେ ରାହୁଲ ଓ ପ୍ରିୟଙ୍କା ବ୍ୟାରିକେଡ୍ସ ଅତିକ୍ରମ କରି ଆକାଶବାଣୀ ଭବନରେ ପ୍ରବେଶ କରିଥିଲେ। ପୁଲିସ ବାରମ୍ବାର ଖାଲି କରିବାକୁ କହିଥିଲେ ମଧ୍ୟ ସେମାନେ ଏକ ଗଛମୂଳେ ବସି ରହିଥିଲେ। ରାହୁଲ ଗାନ୍ଧୀ କହିଥିଲେ ଯେ, ସେ କେବଳ ସିଇସିଙ୍କୁ ଭେଟି ଭୋଟ୍ ଚୋରି ସମ୍ପର୍କରେ କହିବାକୁ ଚାହାନ୍ତି।

## ଓଡ଼ିଶା-ଗୁଜରାଟ ସହଯୋଗରେ ସୁଦୃଢ଼ ହେବ ବିପର୍ଯ୍ୟୟ ପରିଚାଳନା

● ଗୁଜରାଟ ଗସ୍ତରେ ରାଜସ୍ୱ ମନ୍ତ୍ରୀ ଓ ଓସଡମା ଅଧିକାରୀ



ଗାନ୍ଧିନଗର,୬।୧୦: ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଓ ଜ୍ଞାନ ବିନିମୟ ସହ ପରସ୍ପର ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ତଥା ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଗୁଜରାଟ ଗସ୍ତ କରିଛନ୍ତି। ଗସ୍ତ ସମୟରେ ମନ୍ତ୍ରୀଙ୍କ ସହ ସ୍ପେଶାଲ୍ ରିଲିଫ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଏବଂ ଓସଡମାର ବରିଷ୍ଠ ଅଧିକାରୀ ଗାନ୍ଧିନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପରିଦର୍ଶନ କରିବା ସହ ଭୁଜସ୍ଥିତ ସ୍ମୃତିବନ ଭୂମିକମ୍ପ ସ୍ମାରକୀ ଓ ସଂଗ୍ରହାଳୟ ବୁଲି ଦେଖିଥିଲେ। ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ରଭାଇ ପଟେଲଙ୍କୁ ସାକ୍ଷାତ କରି ଉଭୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ। ଏଥିସହ ଗୁଜରାଟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସିଂହ ବିଜୟ ସିଂହ ମହିଦା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଜୟନ୍ତୀ ଏସ୍. ରବି, ରିଲିଫ୍ କମିଶନର ଗୌରାଙ୍ଗ ଏଚ୍. ମକୱାଣାଙ୍କ ସମେତ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା।

## ଓଡ଼ିଶା ବନ୍ଦର ସଫଳତା ପାଇଁ ଇଣ୍ଡିଆ ବ୍ଲକ୍‌ର ଚୂଡ଼ାନ୍ତ ପ୍ରସ୍ତୁତି



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଆସନ୍ତା ୮ ତାରିଖରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ଇଣ୍ଡିଆ ବ୍ଲକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବନ୍ଦ୍‌ର ଚୂଡ଼ାନ୍ତ ପ୍ରସ୍ତୁତି, ଜିଲ୍ଲା ଓ ବ୍ଲକ ସ୍ତରରେ ସମନ୍ୱୟ, ବନ୍ଦକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ ଓ ସମସ୍ତ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିଙ୍କୁ ସାମିଲ କରିବା ପାଇଁ ଆହ୍ୱାନ ଦିଆଯାଇଛି। ବୈଠକରେ କଂଗ୍ରେସ, ସିପିଆଇ, ସିପିଆଇଏମ୍, ସିପିଆଇଏମ୍‌ଏଲ ଲିବରେସନ, ଫରୱାର୍ଡ ବ୍ଲକ, ଏନ୍‌ସିପି, ସମାଜବାଦୀ ପାର୍ଟି, ଆର୍‌ଜେଡି ଓ ଜେଏମ୍‌ଏମ୍ ସମେତ ଇଣ୍ଡିଆ ବ୍ଲକ୍‌ର ଅଂଶୀଦାର ଦଳର ନେତୃବୃନ୍ଦ ଯୋଗଦେଇଥିଲେ।

ବୈଠକରେ କୁହାଯାଇଛି ଯେ, ଓଡ଼ିଶାର ଗଣତାନ୍ତ୍ରିକ ଅଧିକାର, ରାଜ୍ୟର ସ୍ୱାର୍ଥ, ଲୋକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଏହି ବନ୍ଦ ଆହ୍ୱାନ କରାଯାଇଛି। ତେଣୁ ସମସ୍ତ ବିରୋଧୀ ଦଳ, ବାମପନ୍ଥୀ ଶକ୍ତି, ଗଣସଂଗଠନ, ଶ୍ରମିକ, କୃଷକ, ଓକିଲ,ଯୁବ, ଛାତ୍ର ଓ ସାଧାରଣ ଲୋକଙ୍କୁ ଏହି ବନ୍ଦରେ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ କରାଯାଇଛି। ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ସମ୍ପୂର୍ଣ୍ଣ ରଦ୍ଦ କରିବା, ନିର୍ବାଚନ କମିଶନର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବରଖାସ୍ତ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଓ ବନ୍ୟା ପ୍ରଭାବିତ ସମସ୍ତ ଲୋକଙ୍କୁ ତୁରନ୍ତ ଓ ପର୍ଯ୍ୟାପ୍ତ ରିଲିଫ୍ ଏବଂ ପୁନର୍ବାସ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି।

## ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ଅମିତ ଓ ଶୀଳାନନ୍ଦଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ନିକଟରେ ଜାପାନରେ ଶେଷ ହୋଇଥିବା ଏସୀୟ କ୍ରୀଡ଼ା ୨୦୨୬ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ୨୦୨୮ ଲସ୍ ଏଞ୍ଜେଲସ୍ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ହକି ଟିମ୍‌ର ଓଡ଼ିଶା ତାରକା ଅମିତ ରୋହିଦାସ ଓ ଶୀଳାନନ୍ଦ ଲାକ୍ରା ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନଙ୍କୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମ୍‌ଠାରେ ସମ୍ବର୍ଦ୍ଧନା ଜଣାଇଛନ୍ତି। ଖେଳାଳିମାନଙ୍କ ସହ ଆଲୋଚନା କରି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ ସେମାନେ ଓଡ଼ିଶାର ଗୌରବ ଏବଂ ସାରା ଦେଶର ଯୁବବର୍ଗଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ଐତିହାସିକ ସଫଳତା ପାଇଁ ସେ ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ଛାତ୍ର ସଂସଦ ନିର୍ବାଚନ ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

# ବିଶୃଙ୍ଖଳା ବା ହିଂସା ପରିସ୍ଥିତିରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ

**ଶିକ୍ଷାନୁଷ୍ଠାନଙ୍କୁ ସହଯୋଗ ଯୋଗାଇବାକୁ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ**



ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଚଳିତ ବର୍ଷ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ଯେପରି ଶାନ୍ତି ଓ ଶୃଙ୍ଖଳାର ସହ ଅନୁଷ୍ଠିତ ହେବ, ସେ ନେଇ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷର ବ୍ୟବଧାନ ପରେ ଚଳିତ ବର୍ଷ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ଜିଲ୍ଲାରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଶାନ୍ତି ଓ ଶୃଙ୍ଖଳାର ସହ ନିର୍ବାଚନ ସୁପରିଚାଳିତ ହେବ, ତାହାକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଛାତ୍ର ସଂସଦ ନିର୍ବାଚନ ପାଇଁ ଆସନ୍ତା ୯ ତାରିଖରେ ପ୍ରାର୍ଥୀମାନଙ୍କର ନୋମିନେସନ୍ ଫାଇଲିଂ ଥିବା ବେଳେ ୧୫ ତାରିଖ ଦିନ ନିର୍ବାଚନ ହେବା ସହ ନିର୍ବାଚନର ଫଳାଫଳ ଘୋଷଣା ହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି କ୍ୟାମ୍ପସ୍‌ରେ ଯେପରି କୌଣସି ପ୍ରକାର ହିଂସା ବା ବିଶୃଙ୍ଖଳା ପରିସ୍ଥିତି ନ ଉପୁଜେ, ତାହାକୁ ଜିଲ୍ଲାପାଳ ଓ ଏସ୍‌ପିମାନେ ସୁନିଶ୍ଚିତ କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ଲିଙ୍ଗଡୋ କମିଶନ ରିପୋର୍ଟ ଅନୁଯାୟୀ ଛାତ୍ର ସଂସଦ ନିର୍ବାଚନ ସମୟରେ ଅଣଛାତ୍ରମାନଙ୍କର ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍ ମଧ୍ୟରେ ପ୍ରବେଶ ଓ ଅଯଥା ହସ୍ତକ୍ଷେପ ଏବଂ ବିଶୃଙ୍ଖଳା ସୃଷ୍ଟିକୁ ନିଷେଧ କରାଯାଇଛି।

## ନେରେଡି ବ୍ୟାରେଜ ନିର୍ମାଣକୁ ନେଇ ଷ୍ଟାଣ୍ଡିଂ କମିଟିର ଉଦବେଗ

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଆନ୍ଧ୍ର ପ୍ରଦେଶ ଦ୍ୱାରା ପ୍ରସ୍ତାବିତ ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶାରୁ ୧୦୬ ଏକର ଜମି ଅଧିଗ୍ରହଣ ଓ ଆନ୍ଧ୍ରପ୍ରଦେଶକୁ ହସ୍ତାନ୍ତର ପ୍ରସଙ୍ଗରେ ଓଡ଼ିଶାର ଜମି, ଜଳ ଅଧିକାର, କୃଷକ ଓ ପରିବେଶର ସ୍ୱାର୍ଥ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଟ୍ରିବ୍ୟୁନାଲଙ୍କ ଏହି ଆଦେଶକୁ ଓଡିଶାର ସ୍ୱାର୍ଥ ପାଇଁ ପରିପନ୍ଥୀ ଭାବେ ଓଡ଼ିଶାର ଲୋକେ ଅନୁଭବ କରୁଛନ୍ତି। ରାଜନୈତିକ ଭାବେ ଆନ୍ଧ୍ରପ୍ରଦେଶ ଓ ଏହାର ମୁଖ୍ୟମନ୍ତ୍ରୀଙ୍କର ଦିଲ୍ଲୀ ଦରବାରରେ ଅଧିକ କାଟତି ଥିବାରୁ ଏହି ନିଷ୍ପତ୍ତିକୁ ଏକପାଖିଆ ଏବଂ ଓଡ଼ିଶା ବିରୋଧୀ ଭାବେ ସ୍ଥାନୀୟ ଜନସାଧାରଣ ମନେ କରୁଛନ୍ତି। ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଧାନସଭାର ସ୍ଥାୟୀ କମିଟି ଗତ ୫ ତାରିଖରେ ଏହି ପ୍ରସଙ୍ଗକୁ ନେଇ ସରଗରମ ଆଲୋଚନା ଅନୁଷ୍ଠିତ ହୋଇଥିଲା। କମିଟିର ଦ୍ୱାଦଶ ବୈଠକ ପାଇଁ ନେରେଡି ବ୍ୟାରେଜ୍‌ର ଓଡ଼ିଶା ଅଂଶ ସମ୍ପର୍କିତ ତଥ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ଦାଖଲ କରାଯାଇଥିଲା। ଏହି କମିଟିର ଆଲୋଚନା ରେ ସ୍ଥାନୀୟ ପ୍ରଭାବିତ ଓ ପ୍ରଭାବିତ ହେବାକୁ ଥିବା ଲୋକଙ୍କ ଉଦବେଗକୁ ନେଇ ସମ୍ପୃକ୍ତ ବିଭାଗଠାରୁ ଜବାବ ତଲବ କରାଯାଇଥିଲା। ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ୨୦୨୬ ମାର୍ଚ୍ଚ ୩ଠରେ ଆଦେଶାନୁଯାୟୀ, ଆନ୍ଧ୍ର ପ୍ରଦେଶକୁ ନେରେଡି ବ୍ୟାରେଜ୍ ନିର୍ମାଣ ପାଇଁ ଅନୁମତି ମିଳିଛି। ଆଦେଶର ଧାରା ୪ ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପାଇଁ ଡାହାଣ ପଟ ସ୍ଲୁଇସ କେନାଲ ଦେଇ ୮,୦୦୦ କ୍ୟୁସେକ୍ ଏବଂ ଓଡ଼ିଶା ପାଇଁ ବାମପଟ ସ୍ଲୁଇସ କେନାଲ ଦେଇ ଜଳ ଅଧିକାରର ବ୍ୟବସ୍ଥା ରହିଛି। ସେହିପରି ଆଦେଶର ଅଷ୍ଟମ ଧାରା ଅନୁଯାୟୀ, ଓଡ଼ିଶା ସରକାରଙ୍କୁ ନିଜ ଅଞ୍ଚଳରୁ ୧୦୬ ଏକର ଜମି ଅଧିଗ୍ରହଣ କରି ଆନ୍ଧ୍ର ପ୍ରଦେଶକୁ ହସ୍ତାନ୍ତର କରିବାକୁ ହେବ। ଏହି ଜମି ଗେଜେଟ୍‌ରେ ଆଦେଶ ପ୍ରକାଶ ପାଇବା ତାରିଖଠାରୁ ଏକ ବର୍ଷ ମଧ୍ୟରେ ହସ୍ତାନ୍ତର କରିବାକୁ ଆଦେଶରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଦଶମ ଧାରା ଅନୁଯାୟୀ, ଜମି ଅଧିଗ୍ରହଣ ବାବଦରେ ଓଡ଼ିଶା ସରକାରଙ୍କ ହେବାକୁ ଥିବା କ୍ଷତିପୂରଣ, ଚାର୍ଜ ଓ ଅନ୍ୟାନ୍ୟ ଖର୍ଚ୍ଚ ଆନ୍ଧ୍ରପ୍ରଦେଶ ସରକାର ବହନ କରିବ।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାୟୁସେନାକୁ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହିସବୁ ଶିଳ୍ପଗୁଡ଼ିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଓଡ଼ିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲଡାଉନଷ୍ଟ୍ରିମ ଓ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ ତିଆରି କରୁଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥିଲେ। ହାଲ କୋରାପୁଟ ଡିଭିଜନ୍ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଣ୍ଟ ବିଷୟରେ ମତ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଗତ ୬୦ ବର୍ଷ ଧରି ଏହି ସଂସ୍ଥା ଦେଶର ସୁରକ୍ଷାରେ ଅତୁଳନୀୟ ଯୋଗଦାନ ଦେଇଆସୁଛି। ଆଜି ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ ଲାଇନ୍‌ର ଉଦ୍‌ଘାଟନ ଓ ୨୦୦୦ତମ ଇଞ୍ଜିନର ହସ୍ତାନ୍ତର ଓଡ଼ିଶାର ପ୍ରତିରକ୍ଷା ସାମର୍ଥ୍ୟର କ୍ରମବୃଦ୍ଧ ପ୍ରତୀକ। ହାଲ୍‌କା ହେଲିକପ୍ଟର ପାଇଁ ନିର୍ମିତ ଏହି ଦ୍ୱିତୀୟ ଲାଇନ ଦ୍ୱାରା ବାର୍ଷିକ ୧୦୦ଟି ଶକ୍ତି ଇଞ୍ଜିନ ଉତ୍ପାଦନ ହୋଇପାରିବ। ଏହାଛଡ଼ା ଏଏଲ-୩୧ ଏଫପି ଇଞ୍ଜିନ୍ ଉତ୍ପାଦନ କ୍ଷମତାକୁ ବାର୍ଷିକ ୩୦ରୁ ୫୦କୁ ବୃଦ୍ଧି କରାଯାଇଛି। ବର୍ତ୍ତମାନ ହାଲ କୋରାପୁଟ ଡିଭିଜନ ୧,୬୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ଏହା ସମସ୍ତ ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ। ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପରଠାରୁ ପ୍ରାୟ ୨୨.୫ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରସ୍ତାବ ମିଳିଛି, ଯାହା ମଧ୍ୟରୁ ୧୨.୫ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇସାରିଛି। ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ୧୫୨ଟି ଶିଳ୍ପର ଗ୍ରାଉଣ୍ଡ ହୋଇସାରିଛି, ଯାହାଦ୍ୱାରା ୨.୫୦ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ କେବଳ ଅଳ୍ପ କେତୋଟି ଜିଲ୍ଲାରେ ଶିଳ୍ପ ସୀମିତ ନ ରହି ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ସ୍ଥାପନ କରାଯାଉଛି। ସେମିକଣ୍ଡକ୍ଟର କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ନରାଉରେ ୮୭୦ ଏକର ପରିମିତ ସ୍ଥାନରେ 'ଓଡ଼ିଶା ସିଲିକନ ଭ୍ୟାଲି' ପ୍ରତିଷ୍ଠା କରାଯାଉଛି। ଏହା ସିକ୍ସସେମ୍ ଓ ଥ୍ରୀ-ଡିଏସ ପରି ପ୍ରକଳ୍ପଗୁଡ଼ିକ ନିର୍ମାଣାଧୀନ ଅଛି, ଯାହା ଭାରତକୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଥିଲେ। ଏହି ଅବସରରେ ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ର ବିଧାୟକ ରୂପୁ ଭତ୍ରା, ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉଁଟା, କୋରାପୁଟ ବିଧାୟକ ରଘୁରାମ ମାଛ, କେନ୍ଦ୍ରୀୟ ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର, ହାଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେ. ରବି, ଏୟାର ହେଡକ୍ୱାର୍ଟର୍ସର ଡେପୁଟି ଚିଫ୍ ଅଫ୍ ଏୟାର ଷ୍ଟାଫ୍ ଏୟାର ମାର୍ଶାଲ ତେଜପାଲ ସିଂହ ଏବଂ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉପସ୍ଥିତ ଥିଲେ।

## ପିଲାଙ୍କୁ ଅଳସୁଆ...

ଆଶ୍ୱାସନାପୂର୍ଣ୍ଣ ଭାଷା ବ୍ୟବହାର କରିବେ। ଏମିତି କିଛି ଏସଓପି ରାଜ୍ୟ ସରକାର ଜାରି କରିଛନ୍ତି। ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯିବା ସହ ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ଏଥିରେ ସ୍ପଷ୍ଟ ନିୟମ ଲାଗୁ କରାଯାଇଛି। କୌଣସି ପିଲା କିମ୍ବା ଛାତ୍ରଛାତ୍ରୀଙ୍କ ଅସ୍ୱାଭାବିକ ଆଚରଣ, କ୍ରମାଗତ ଉଦାସୀନତା, ଭୟ କିମ୍ବା ହିଂସ୍ର ମନୋଭାବ ଦୁଇ ସପ୍ତାହରୁ ଅଧିକ ସମୟ ଧରି ଲାଗିରହିଲେ ଏହାକୁ ଚିନ୍ତାଜନକ ବୋଲି ଧରାଯିବ। ସେମାନଙ୍କୁ ବୁଝାସୁଝା, ସହାୟତା, ନିରୀକ୍ଷଣ ଓ ରେଫର୍ କରିବାର ଏକ ଶୃଙ୍ଖଳିତ ନିୟମ କରଯାଇଛି। ପିଲାମାନଙ୍କ ଆଚରଣକୁ ଦେଖି ସେମାନଙ୍କୁ ସବୁଜ, ହଳଦିଆ ଏବଂ ଲାଲ ବର୍ଗରେ ବିଭକ୍ତ କରାଯିବ। ସେହି ଅନୁସାରେ ସେମାନଙ୍କୁ ଯତ୍ନର ବର୍ଗୀକରଣ କରାଯିବ। ରାଜ୍ୟର ଅଙ୍ଗନୱାଡ଼ି କେନ୍ଦ୍ରଠୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ପଢୁଥିବା ଶିଶୁ, କିଶୋର ତଥା ଉଚ୍ଚଶିକ୍ଷା ଅଧ୍ୟୟନରତ ଯୁବପିଢ଼ିଙ୍କ 'ମାନସିକ ସୁସ୍ଥତା' ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏହି ଏସଓପିକୁ ଜାରି କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଉପରୁ ପରୀକ୍ଷା ଚାପ କମାଇବା ପାଇଁ ୨୫ ମିନିଟ୍ ପାଠପଢ଼ା ପରେ ୫ ମିନିଟ୍ ବିରତି, ଗଭୀର ଶ୍ୱାସକ୍ରିୟା ଓ ନିୟମିତ ଶୋଇବା ଅଭ୍ୟାସ ଶିକ୍ଷା ଦେବାକୁ ଏସଓପିରେ ପରାମର୍ଶ ଦିଆଯାଇଛି। ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଘରଠାରୁ ଦୂରରେ ରହିବା, ର୍‍ୟାଗିଂ, ଭେଦଭାବ, ସମ୍ପର୍କରେ ବିଫଳତା ଓ ନିଶା ସେବନ ଭଳି ଜଟିଳତା ଦୂର କରିବାକୁ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଏକ ପୂର୍ଣ୍ଣାଙ୍ଗ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ କେନ୍ଦ୍ର ପ୍ରତିଷ୍ଠା କରିବାକୁ କୁହାଯାଇଛି। ଏସଓପିରେ ପିଲାମାନଙ୍କ ନିୟମିତ ମାନସିକ ସ୍ୱାସ୍ଥ୍ୟ ସଚେତନତା, ସମସ୍ୟା ଚିହ୍ନଟ ଓ ପ୍ରତିକ୍ରିୟା, ନିରୀକ୍ଷଣ ତଥା ରିପୋର୍ଟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ 'ଅପରେସନାଲ୍ ଗାଇଡଲାଇନ ଅନ୍ ମେଣ୍ଟାଲ୍ ହେଲଥ୍ ଆଣ୍ଡ ୱେଲ-ବିଙ୍ଗ ଅଫ୍ ଚିଲଡ୍ରେନ୍, ଆଡୋଲେସେଣ୍ଟସ ଆଣ୍ଡ ୟଙ୍ଗ ଆଡଲ୍ଟସ୍' ଶୀର୍ଷକ ରିପୋର୍ଟକୁ ଆଧାର କରି ଏହି ଏସଓପି ଜାରି କରାଯାଇଛି।

## ପଦାର୍ଥ ବିଜ୍ଞାନରେ...

କୋଟି ନ୍ୟୁଟ୍ରିନୋ ଆମ ଶରୀର ଭିତଦେଇ ଗତି କରିଥାଏ; ମାତ୍ର ଆମକୁ ତାହା ଜଣା ପଡ଼େନା। ଚାର୍ଜଯୁକ୍ତ କଣିକାଗୁଡ଼ିକ ଚୁମ୍ବକୀୟ କ୍ଷେତ୍ର ଦ୍ୱାରା ବିଚ୍ୟୁତ ହେଉଥିବାବେଳେ ଅତ୍ୟଧିକ ଶକ୍ତିଶାଳୀ ନ୍ୟୁଟ୍ରିନୋଗୁଡ଼ିକ ବିନା କୌଣସି ବାଧାରେ ମହାକାଶର ଅନେକ ଦୂରତା ସିଧାସଳଖ ଅତିକ୍ରମ କରିପାରେ ଓ ଏହା କେଉଁଠାରୁ ଉତ୍ପନ୍ନ ହୋଇଛି ତାହାର ସୂଚନା ପ୍ରଦାନ କରିଥାଏ। ହାଲଜେନ୍ ପ୍ରଥମ ଥର ପାଇଁ ୧୯୯୮ ମସିହାରେ ଦକ୍ଷିଣ ମେରୁରେ ନ୍ୟୁଟ୍ରିନୋ କ୍ୟାପ୍‌ଚର ପାଇଁ ତାଙ୍କର ପଦ୍ଧତି ପ୍ରସ୍ତାବ ଦେଇଥିଲେ। ତାଙ୍କ ପଦ୍ଧତି ଅନୁଯାୟୀ, ଯେତେବେଳେ କୌଣସି ନ୍ୟୁଟ୍ରିନୋ ଏକ ପରମାଣୁ ନ୍ୟୁକ୍ଲିୟସ୍ ସହିତ ଧକ୍କା ହୁଏ, ସେତେବେଳେ ଏହା ଆଲୋକର ଏକ ଫ୍ଲାସ ଉତ୍ପନ୍ନ କରିଥାଏ। ଏହା ସଫା ଗ୍ଲେସିୟରର ବରଫରେ ଆଚ୍ଛାଦିତ ସେନ୍ସର ଦ୍ୱାରା ଟ୍ରାକ୍ କରାଯାଇପାରିବ। ତାଙ୍କର ଏହି ପ୍ରକଳ୍ପ ୨୦୧୧ ମସିହାରେ ସମ୍ପୂର୍ଣ୍ଣ ହୋଇଥିଲା।

## ଏନ୍‌ଏଚ୍ ୫୫ର...

ଦ୍ୱିତୀୟତଃ ଏନଏଚ-୫୫ର ଅନୁଗୋଳ-ସମ୍ବଲପୁର ସେକ୍ସନ୍‌ରେ ଖଣିଜ ଓ ବାଣିଜ୍ୟିକ ଯାନବାହନ ଚଳାଚଳ ହେତୁ ସ୍ଥାନୀୟ ଲୋକ ଓ ପଦଚାରୀଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ସଡ଼କ ସୁରକ୍ଷାକୁ ଆଖି ଆଗରେ ରଖି ପିଆଇୟୁ ସମ୍ବଲପୁର ଦ୍ୱାରା ପ୍ରସ୍ତାବିତ ଜିନ୍ଦଲ ରୋଡ୍, ଜରପଡ଼ା, ଜେରାଙ୍ଗ ଓ ଚାରମାଳଠାରେ ୪ଟି ଅଣ୍ଡରପାସ୍ ନିର୍ମାଣ ପାଇଁ ତୁରନ୍ତ ପ୍ରଶାସନିକ ଓ ଆର୍ଥିକ ମଞ୍ଜୁରୀ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।, ଏହାଛଡ଼ା ଏନ୍‌ଏଚ୍-୫୩ସ୍ଥିତ ସମ୍ବଲପୁର ସିଟି ରେଳ ଷ୍ଟେସନ୍ ଛକରେ ପ୍ରତିଦିନ ଅନେକ ସଂଖ୍ୟକ ରେଳ ଯାତ୍ରୀ ଜାତୀୟ ରାଜପଥ ପାର୍ ହେଉଛନ୍ତି, ଯାହାକି ଗମନାଗମନରେ ସମସ୍ୟା ସୃଷ୍ଟି କରିବା ସହ ଏହାକୁ ଏକ ସମ୍ଭାବ୍ୟ 'ବ୍ଲାକ୍ ସ୍ପଟ୍' ଭାବେ ଚିହ୍ନଟ କରାଯାଇଛି। ଏହି ସ୍ଥାନରେ ଲୋକଙ୍କ ନିରାପଦ ଯାତାୟାତ ପାଇଁ ଏକ ଫ୍ଲାଏଓଭର ନିର୍ମାଣ ପ୍ରସ୍ତାବକୁ ଶୀଘ୍ର ମଞ୍ଜୁରୀ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି। ସଡ଼କ ପରିବହନ ମନ୍ତ୍ରଣାଳୟ ଓ ଏନଏଚଏଆଇର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ଏହି ପ୍ରସ୍ତାବଗୁଡ଼ିକୁ ପ୍ରାଥମିକତା ଆଧାରରେ କାର୍ଯ୍ୟକାରୀ କରାଗଲେ ଓଡ଼ିଶାର ଶିଳ୍ପ ଓ ଆର୍ଥିକ ବିକାଶ ଆହୁରି ଦ୍ରୁତଗାମୀ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

## ଆଶୁତୋଷ ଦୀକ୍ଷିତ...

ଉପ-ମୁଖ୍ୟ ଭାବରେ କାର୍ଯ୍ୟରତ ଅଛନ୍ତି। ମିରାଜ-୨୦୦୦, ମିଗ୍, ଜାଗୁଆର ଓ ତେଜସ୍ ଭଳି ଅତ୍ୟାଧୁନିକ ବିମାନ ଉଡ଼ାଇବାରେ ୩, ୫୦୦ରୁ ଅଧିକ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ତାଙ୍କର ରହିଛି। ଅପରେସନ୍ ସଫେଦ ସାଗର ଓ ରକ୍ଷକ ଭଳି ପ୍ରମୁଖ ଅଭିଯାନରେ ଭୂମିକା ଗ୍ରହଣ କରିଥିବା ଦୀକ୍ଷିତଙ୍କୁ ତାଙ୍କର ଅତୁଳନୀୟ ସେବା ପାଇଁ ବାୟୁସେନା ପଦକ, ବିଶିଷ୍ଟ ସେବା ପଦକ, ଅତି ବିଶିଷ୍ଟ ସେବା ପଦକ ଏବଂ ପରମ ବିଶିଷ୍ଟ ସେବା ପଦକରେ ସମ୍ମାନିତ କରାଯାଇଛି।

## ଆଜି ପାଳିଥାନ୍ତେ...

ଡାକ୍ତରଖାନାରେ ସଂରକ୍ଷିତ କରି ରଖାଯାଇଛି ବୋଲି ସାନ ଭାଇ ସୂଚନା ଦେଇଛନ୍ତି। ଆଜି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ହାଇଦ୍ରାବାଦ ଦେଇ ତେଜାଙ୍କ ପାର୍ଥିବ ଶରୀର ବିଶାଖାପାଟଣା ଅଣାଯିବ। ସେଠାରୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଅଣାଯିବା ନେଇ ସୂଚନା ମିଳିଛି। ତେଜାଙ୍କ ସହିଦ ହେବା ଖବର ପହଞ୍ଚିବା ପରେ ରାୟଗଡ଼ାରେ ଶୋକର ଛାୟା ଖେଳିଯାଇଛି। ଓଡ଼ିଆ ଯବାନଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ମାତୃଭୂମିର ସେବାରେ ତାଙ୍କର ସର୍ବୋଚ୍ଚ ବଳିଦାନ ଓ ନିଷ୍ଠା ଚିରକାଳ ସ୍ମରଣୀୟ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ କହିଛନ୍ତି।

## ବିଜେଡିକୁ ଅଡୁଆ...

ବିଶ୍ୱାସ କରୁ। ଦିଲ୍ଲୀରେ ସିଜେପି କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଆନ୍ଦୋଳନ କରୁଥିବା ବେଳେ ସେଥିରେ ଯୋଗଦେବା ପାଇଁ ରାଜ୍ୟ ବିଜେଡିର ଯୁବ ନେତାମାନେ ଦିଲ୍ଲୀ ଯାଇଥିଲେ। ହେଲେ ସେଠାରେ ପହଞ୍ଚିବା ପରେ ଦଳ ହଠାତ୍ ତାହାର ମତ ପରିବର୍ତ୍ତନ କରିଥିଲା। କଙ୍ଗ୍ରେସ ଆନ୍ଦୋଳନରୁ ଦୂରେଇ ରହିବା ସହ ଉତ୍ସାହୀ ଯୁବନେତାଙ୍କୁ ଓଡ଼ିଶା ଫେରିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ହେଲେ ଯେତେବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେଇ ଓଡ଼ିଶା ଫେରିଲେ ତାଙ୍କୁ ବିମାନବନ୍ଦରରେ ବିଜେଡିର ଯୁବ ନେତାମାନେ ବିରୋଧ କରିବାକୁ ପଛାଇଲେ ନାହିଁ। ନିକଟରେ ଏମ୍‌ଏମ୍‌ଡିଆର୍ ଆଇନକୁ ନେଇ ବିଜେଡି ଓ କଂଗ୍ରେସ ରାଜ୍ୟରେ ଜୋରଦାର ଆନ୍ଦୋଳନ କଲେ। ହେଲେ କେହି କାହାରି ମୁହଁକୁ ଚାହିଁଲେନି। ବିଧାନସଭା ଭିତରେ ବି ସମାନ ସ୍ଥିତି। ଗୋଟିଏ ଆନ୍ଦୋଳନ ପାଇଁ ଅଲଗା ଅଲଗା ବ୍ୟାନର ପୋଷ୍ଟର ଦେଖାଇଲେ। ବିଜେଡି ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନ କରିଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ବିରୋଧରେ ପଦୁଟିଏ କହିଲା ନାହିଁ। ଏବେ କିନ୍ତୁ ଜାତୀୟ ରାଜନୀତିରେ ନିଜର ଉପସ୍ଥିତି ଜାହିର ପାଇଁ ବିଜେଡି ଇଣ୍ଡି ମେଣ୍ଟ ସହ ସାମିଲ ହୋଇଛି। ହେଲେ କେନ୍ଦ୍ର ସରକାର କିମ୍ବା କେନ୍ଦ୍ରୀୟ ନେତାଙ୍କ ବିରୋଧରେ ପଦୁଟିଏ କହୁନାହିଁ। ବିଜେଡିର ଏଭଳି ରାଜନୀତି କେବଳ ଦଳୀୟ ନେତାଙ୍କ ଆଶ୍ଚର୍ଯ୍ୟଚକିତ କରୁନାହିଁ, କର୍ମୀଙ୍କୁ ବି ଦ୍ୱନ୍ଦ୍ୱରେ ପକାଇଲାଣି।

## ବିଧାୟକଙ୍କ ଦ୍ୱାରା ବ୍ୟାସନଗରରେ ମୁଖ୍ୟରାସ୍ତା ଉନ୍ନତିକରଣର ଶିଳାନ୍ୟାସ



ଯାଜପୁର ରୋଡ୍, ୬।୧୦ (ସଂଚାର ବ୍ୟୁରୋ)ଃ କୋରେଇ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହେବା ପରଠାରୁ କୋରେଇ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ଲୋକପ୍ରିୟ ବିଧାୟକ ଆକାଶ ଦାସନାୟକ। ଲୋକଙ୍କ ସୁଖଦୁଃଖରେ ଠିଆ ହେବା ଏବଂ ଜନକଲ୍ୟାଣକୁ ପ୍ରାଥମିକତା ଦେବା ତାଙ୍କୁ ଜଣେ ଲୋକପ୍ରିୟ ଜନନେତା ଭାବେ ପରିଚିତ କରାଇଛି। ବ୍ୟାସନଗର ପୌରାଅଂଚଳ ସହରର ଚୋରଦା ବାଇପାସ୍ କେଟିଲ ଛକ ଠାରେ ଆୟୋଜିତ ଶୁଭ ଶିଳାନ୍ୟାସ ଉତ୍ସବରେ ଯୋଗ ଦେଇ ବିଧାୟକ ଶ୍ରୀ ଦାସନାୟକ ବ୍ୟାସଦେବ ଟାଉନ୍ ହଲ୍ ଠାରୁ ଚୋରଦା ବାଇପାସ୍ ଏବଂ ଗୋପବନ୍ଧୁ ଛକ ଠାରୁ ଚୋରଦା ବାଇପାସ୍ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ରାସ୍ତା ଦୁଇଟିର ଉନ୍ନତିକରଣ ହେଲେ ବ୍ୟାସନଗର ସହରର ଟ୍ରାଫିକ୍ ସମସ୍ୟା ଦୂର ହେବା ସହ ସ୍ଥାନୀୟ ବ୍ୟବସାୟୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ବହୁ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ପୌର ପରିଷଦ ନଗରପାଳ ସୁବାସ ଚନ୍ଦ୍ର ବଳ, କୋରେଇ ବିଜେପିର ଟାଣୁଆ ନେତା ପ୍ରକାଶ କୁମାର ଧଳଙ୍କ ସମେତ ଶହ ଶହ ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ସାଇ ଗାୟତ୍ରୀ ପରିବାର ପକ୍ଷରୁ ନବରାତ୍ର ନିମନ୍ତେ ପ୍ରସ୍ତୁତି ବୈଠକ

ବୋରିଗୁମ୍ମା, ୬।୧୦ (ସଂଚାର ବ୍ୟୁରୋ)ଃ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାଇ ଗାୟତ୍ରୀ ପରିବାର ପକ୍ଷରୁ ନବରାତ୍ର ଅନୁଷ୍ଠିତ ହେବ।ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀ ଙ୍କ ବାସଭବନରେ ଚଳିତ ବର୍ଷ ନବରାତ୍ର ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଆସନ୍ତା ୧୧ ତାରିଖ ରୁ ନବରାତ୍ର ର ପ୍ରଥମ ଦିନରେ ବାବା ଙ୍କ ଅଭିଷେକ, କଳସ ସ୍ଥାପନ, ଅଖଣ୍ଡ ଦ୍ୱୀପ ପ୍ରଜ୍ୱଳନ, ଗାୟତ୍ରୀ ମହାମନ୍ତ୍ର ଜପ କରାଯିବ।ଆସନ୍ତା ୧୨ ତାରିଖ ରୁ ୧୮ ତାରିଖ ପର୍ଯ୍ୟନ୍ତ ଗାୟତ୍ରୀ ମହାମନ୍ତ୍ର ଜପ ଓ ସାଇ ସତଚରିତ ପାରାୟଣ କରାଯିବ।ନବମୀ ଦିନ ହୋମ, ସଂକୀର୍ତ୍ତନ ଓ ପୂର୍ଣ୍ଣାହୁତି କରାଯିବ ର କାର୍ଯ୍ୟକ୍ରମ ରହିଛି।ଏଥି ସହ ଅବସରପ୍ରାପ୍ତ ଶିକ୍ଷକ, ସୈନିକ, ବରିଷ୍ଠ ଓକିଲ, ନାଟଗୁରୁ, କଳାକାର,ସମାଜସେବୀ, ରକ୍ତଦାତା, ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନ, ଗରିବ ଗୁରୁବା ଓ ଦିବ୍ୟାଙ୍ଗ ମାନଙ୍କୁ ଆର୍ଥିକ ସହାୟତା ଓ ନାରାୟଣ ସେବା କରାଯିବ ବୋଲି ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି। ନବରାତ୍ର ର ଶେଷ ଦିବସରେ ମୁଖ୍ୟ ଅତିଥି ଜୟପୁର ମହାରାଜା ବିଶେଶ୍ୱର ଚନ୍ଦ୍ରଚୁଡ଼ ଦେବ ଓ ଓଡିଶା ଏଥେଲେଟିକ ଆସୋସିଏସନ ସଭାପତି ତଥା ଅଧ୍ୟକ୍ଷ, ଜାଭିୟର ସ୍କୁଲ ଶ୍ରୀନିବାସ ପଟ୍ଟନାୟକ ଯୋଗ ଦେବେ।

# ଖବର ପ୍ରସାରଣ ପରେ ଡଷ୍ଟ ବଦଳରେ ପଡ଼ିଲା ମାଟି

### ନୂଆ ସେତୁ ତଳୁ ଜେସିବି ଲଗାଇ ବାଲି ଉଠାଉଛି ଠିକା ସଂସ୍ଥା

### ଖଣି ବିଭାଗ ଓ ଆନନ୍ଦପୁର ପ୍ରଶାସନ ନିରବତାକୁ ନେଇ ପ୍ରଶ୍ନ



ଆନନ୍ଦପୁର,୬।୧୦ (ସଂଚାର ବ୍ୟୁରୋ)ଃ ବୈତରଣୀ ନଦୀ ଉପରେ ନୂତନ ଭାବେ ନିର୍ମାଣ ହୋଇଥିବା ଦ୍ୱିତୀୟ ସେତୁକୁ ସଂଯୋଗ କରିବା ପାଇଁ ଉଭୟ ପାର୍ଶ୍ୱରେ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ। ତେବେ ଏହି ନିର୍ମାଣ କାମରେ ନିୟମ ଉଲ୍ଲଂଘନ ଓ ଠିକା ସଂସ୍ଥାର ମନମାନିକୁ ନେଇ ଉଠିଛି ଅଭିଯୋଗ।

ସୂଚନା ଅନୁଯାୟୀ, ରାସ୍ତା ନିର୍ମାଣରେ ମାଟି ଓ ମରମ ବ୍ୟବହାର କରିବାର ବ୍ୟବସ୍ଥା ଥିବା ସତ୍ତ୍ୱେ ପ୍ରଥମ ପର୍ଯ୍ୟାୟରେ ନିମ୍ନମାନର ଡଷ୍ଟ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। ଏନେଇ ଆମ "ସଂଚାର" ରେ ଗତ ୨୬ତା ୯ରେ ଖବର ପ୍ରସାରଣ କରାଯାଇଥିଲା। ଖବର ପ୍ରସାରଣ ପରେ ଏବେ ରାସ୍ତାରେ ମାଟି ପକାଇବା ଆରମ୍ଭ ହୋଇଥିବା ଦେଖାଯାଇଛି।

କିନ୍ତୁ ଏହାରି ମଧ୍ୟରେ ଆଉ ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ବ୍ରିଜ୍ ଛକ ପଟେ ଚାଲିଥିବା ରାସ୍ତା କାମ ପାଇଁ ନୂତନ ସେତୁ ତଳୁ ଜେସିବି ମେସିନ୍ ଯୋଗେ ବାଲି ଉଠାଇ ହାଇୱାରେ ବୋଝେଇ କରି ଆଣାଯାଉଥିବା ଏବଂ ରାସ୍ତା ନିର୍ମାଣରେ ତାହା ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏପରିକି ବାଲି ଗଚ୍ଛିତ କରି ରଖାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ନୂତନ ସେତୁ ତଳୁ ବାଲି ଉଠାଇବା ପାଇଁ କାହାର ଅନୁମତି ରହିଛି? କେଉଁ ନିୟମ ଓ ଅଧିକାର ବଳରେ ନଦୀ ଶଯ୍ୟାରୁ ବାଲି ଉଠାଯାଉଛି? ଯଦି ଏଥିପାଇଁ ଅନୁମତି ରହିଛି, ତେବେ ତାହାର ବୈଧତା କ'ଣ— ଏଭଳି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଠିଛି।

ଅଭିଯୋଗ ଅନୁଯାୟୀ, ଦିନ ଦ୍ୱିପ୍ରହରରେ ବାଲି ଉଠାଯାଉଥିବା ସତ୍ତ୍ୱେ ଆନନ୍ଦପୁର ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ନଜର କାହିଁକି ପଡୁନାହିଁ, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେପଟେ ଠିକା ସଂସ୍ଥାର ଏଭଳି କାର୍ଯ୍ୟ ପଛରେ କାହାର ସମର୍ଥନ ରହିଛି କି, ଉପରସ୍ତରରୁ କୌଣସି 'ଆଶୀର୍ବାଦ' ମିଳୁଛି କି— ଏନେଇ ମଧ୍ୟ ସ୍ଥାନୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ବିଭାଗୀୟ ଅଧିକାରୀ, ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିମାନଙ୍କ ନୀରବତାକୁ ନେଇ ମଧ୍ୟ ଉଠିଛି ପ୍ରଶ୍ନ। ତେବେ ଏସବୁ ଅଭିଯୋଗର ସତ୍ୟତା କେତେ, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ନଦୀ ଶଯ୍ୟାରୁ ବାଲି ଉଠାଯାଇଥିବା ଘଟଣାରେ ଅନୁମତି ଓ ନିୟମ ପାଳନ ହୋଇଛି କି ନାହିଁ, ଏନେଇ ସମ୍ପୃକ୍ତ ବିଭାଗ ପକ୍ଷରୁ ତଦନ୍ତ କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ମହଲରେ ଦାବି ହେଉଛି। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ଦାୟୀ ବ୍ୟକ୍ତି କିମ୍ବା ସଂସ୍ଥା ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ହେବ କି? ନା ଅଭିଯୋଗଗୁଡ଼ିକ ତଦନ୍ତର ଆଳରେ ଚାପିହୋଇ ଯିବ କି ତଦନ୍ତ ହେବ ତାହା ଦେଖିବାକୁ ବାକି ରହିଲା।

ସଂଚାର ପ୍ରଭାବ

## ଭୋଟ ଚୋରି ପ୍ରସଙ୍ଗକୁ ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୋଭାଯାତ୍ରା




ଖୋର୍ଦ୍ଧା,୬।୧୦ (ସଂଚାର ବ୍ୟୁରୋ)ଃ ଇଣ୍ଡିଆ ମେଣ୍ଟ ,ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀଙ୍କ ନେତୃତ୍ୱରେ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୋଟ ଚୋରି ପ୍ରସଙ୍ଗକୁ ନେଇ ଇସ୍ତଫା ଦାବିରେ ଆଜି ଜଟଣୀ ମା ଡମୁଣେଇ ମନ୍ଦିର ନିକଟରୁ ବିରାଟ ଶୋଭାଯାତ୍ରା ବାହାରି ଜଟଣୀ ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରି ସୀତାରାମ ଛକ ଦେଇ ହନୁମାନ ମନ୍ଦିର ଠାରେ ପହଞ୍ଚି ଥିଲା ଆସନ୍ତା ତା୮-୧୦-୨୦୨୬ ରିଖ ଦିନ ଦୋକାନ ବଜାର,ସ୍କୁଲ, କଲେଜ,ସରକାରୀ ଅଫିସ,ଯାନବାହନ ସକାଳ ୬ ଘଟିକଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇ ଥିଲା।

ଏହି କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପ୍ରିୟବ୍ରତ ସାମନ୍ତରାୟ,ପିସିସି ଉପସଭାପତି ବିଶ୍ୱ ରଞ୍ଜନ ମହାନ୍ତି,ପୂର୍ବତନ ଜିଲ୍ଲା ସଭାପତି ଜାନକୀ ପଟ୍ଟନାୟକ, ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ପିସିସି ସାଧାରଣ ସମ୍ପାଦକ ରସିକ ପଟ୍ଟନାୟକ,ପିସିସି ସମ୍ପାଦକ ଅଶୋକ ମଙ୍ଗରାଜ, ସ୍ୱାଗତିକା ପଟ୍ଟନାୟକ, ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ, ବେଣୁ ଭୋଇ, ସଦାଶିବ ମହାପାତ୍ର, ରଞ୍ଜିତ ମହାପାତ୍ର, ଅମିତ୍ ମହାନ୍ତି,ସଇଲେନ୍ଦୁ ଦାସ,ଶୁଭ୍ରାଂଶୁ ପଟ୍ଟନାୟକ, ପ୍ରତାପ ବେହେରା,ତାପସ ମିଶ୍ର,ସମସ୍ତ ଜିଲ୍ଲା ପଦାଧିକାରୀ ଗଣ, ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ. ଏହି କାର୍ଯ୍ୟକ୍ରମ କୁ ଜଟଣୀ ନଗର ସଭାପତି ଶିବପ୍ରସାଦ ଦାସ ପରିଚାଳନା କରିଥିଲେ।

## ପାଣ୍ଡରା ମାଳି ସମାଜର ନୂଆଖାଇ ଭେଟଘାଟ

### ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୪୬ ୟୁନିଟ୍ ରକ୍ତ ସଂଗୃହିତ




ଧର୍ମଗଡ଼,୬।୧୦ (ସଂଚାର ବ୍ୟୁରୋ)ଃ ନୂଆଖାଇ ଭଳି ମହାନ୍ ପାରମ୍ପରିକ ଓ ସାଂସ୍କୃତିକ ପର୍ବକୁ ଭାଇଚାରା, ସମ୍ପ୍ରୀତି ଓ ସେବାର ଭାବନା ସହ ପାଳନ କରିବା ଉଦ୍ଦେଶ୍ୟରେ ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପଠାରେ ପାଣ୍ଡରା ମାଳି ସମାଜ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସମାଜ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଶିବିରରେ ସମାଜର ସ୍ୱେଚ୍ଛାସେବୀ ଓ ରକ୍ତଦାତାମାନେ ଉତ୍ସାହର ସହ ରକ୍ତଦାନ କରିଥିବା ବେଳେ ମୋଟ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷ୍ୟା ଅଗ୍ରୱାଲ ଯୋଗଦେଇ ନୂଆଖାଇର ଶୁଭେଚ୍ଛା ଜଣାଇବା ସହ ସମାଜର ଏଭଳି ସାମାଜିକ ଓ ଜନକଲ୍ୟାଣମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ବିଶେଷକରି ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ଅନ୍ୟର ଜୀବନ ରକ୍ଷା କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଧର୍ମଗଡ଼ସ୍ଥିତ ଭଣ୍ଡାରଘରଣୀ ମନ୍ଦିରଠାରୁ ଏକ ମଶାଲ ଯାତ୍ରା ବାହାରିଥିଲା। ଏହି ମଶାଲ ଯାତ୍ରା ଉତ୍ସାହ ଓ ଶୃଙ୍ଖଳାର ସହ ବିଜୁ କଲ୍ୟାଣ ମଣ୍ଡପସ୍ଥିତ ସଭାସ୍ଥଳରେ ପହଞ୍ଚିଥିଲା। ପରେ ପାଣ୍ଡରା ମାଳି ସମାଜର ସଭାପତି ଉମାକାନ୍ତ ମାଝୀଙ୍କ ସଭାପତିତ୍ୱରେ ମୁଖ୍ୟ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ନୂଆଖାଇର ମହତ୍ତ୍ୱ, ସମାଜର ଏକତା, ଯୁବପିଢ଼ିଙ୍କ ଭୂମିକା ଓ ସାମାଜିକ ଦାୟିତ୍ୱ ସମ୍ପର୍କରେ ଅତିଥି ଓ ସମାଜର କର୍ମକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଓ ସଫଳତା ହାସଲ କରିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜର ପ୍ରତିଭାକୁ ସମ୍ମାନ ଦେବା ସହ ଆଗାମୀ ପିଢ଼ିକୁ ଉତ୍ସାହିତ କରିବା ଏହି ସମ୍ବର୍ଦ୍ଧନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଭେଟଘାଟ କାର୍ଯ୍ୟକ୍ରମରେ କଳାହାଣ୍ଡି, ନୂଆପଡ଼ା ଓ ପଡ଼ୋଶୀ ଛତିଶଗଡ଼ ଅଞ୍ଚଳରୁ ପାଣ୍ଡରା ମାଳି ସମାଜର ବହୁ ସଂଖ୍ୟକ ସଦସ୍ୟ ଯୋଗଦେଇଥିଲେ। ଦୂରଦୂରାନ୍ତରୁ ଆସିଥିବା ସମାଜର ସଦସ୍ୟମାନେ ପରସ୍ପରକୁ ନୂଆଖାଇ ଜୁହାର ଜଣାଇବା ସହ ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ଦେଇଥିଲେ।

## କେହି ନଥିଲେ, ଶେଷ ଯାତ୍ରାରେ ସାଥୀ ହେଲେ ଗ୍ରାମବାସୀ



ପାରାଦ୍ୱୀପ, ୬।୧୦ (ସଂଚାର ବ୍ୟୁରୋ)ଃ ଫତେପୁର ପଞ୍ଚାୟତ ଅନ୍ତର୍ଗତ ପ୍ରତାପପୁର ଗ୍ରାମର ଅସହାୟ ବୃଦ୍ଧ ବୁଦ୍ଧିଜୀବୀ ଶ୍ରୀ କ୍ଷେତ୍ରବାସୀ ପଲ୍ଲେଇଙ୍କ ପରଲୋକ ଘଟିଛି। ତାଙ୍କର ନିଜର କେହି ନଥିଲେ ମଧ୍ୟ ଶେଷ ସମୟରେ ତାଙ୍କୁ ଏକା ଛାଡ଼ି ଦେଇନଥିଲେ ଗ୍ରାମବାସୀ।

ବିନୋରି ସେବା ଫାଉଣ୍ଡେସନର ସଭାପତି ପ୍ରଭାତ ବେହେରା, ଯୁବ ନେତା ବିକ୍ରମ କେଶରୀ ରାଉତରାୟ ପ୍ରମୁଖଙ୍କ ସହଯୋଗରେ ପ୍ରତାପପୁର ଗ୍ରାମର ମୁରବି, ଯୁବକ ଓ ଅଞ୍ଚଳବାସୀ ତାଙ୍କ ଶେଷ ଯାତ୍ରାରେ ସାମିଲ ହୋଇଥିଲେ। ମରଶରୀରକୁ ପଞ୍ଚାୟତ ପରିକ୍ରମା କରାଇବା ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

'କେହି ନାହିଁ ଯାହାର, ଆମେ ଅଛୁ ତାହାର' ଏହି ମାନବିକ ବାର୍ତ୍ତା ଦେଇ ଅସହାୟ ବୃଦ୍ଧଙ୍କ ଶେଷ ଯାତ୍ରାରେ ସାଥୀ ହୋଇଥିଲେ ସମସ୍ତେ। ମାନବିକତା ହିଁ ସବୁଠାରୁ ବଡ଼ ଧର୍ମ ବୋଲି ଏହି ଘଟଣା ପ୍ରମାଣିତ କରିଛି। ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ସମସ୍ତ ମୁରବି, ଯୁବକ ଓ ଅଞ୍ଚଳବାସୀଙ୍କୁ ବିନୋରି ସେବା ଫାଉଣ୍ଡେସନ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି।

## ଦ୍ୱିତୀୟ ଏସିଆ ବରିଷ୍ଠ ସନ୍ତରଣ ପ୍ରତିଯୋଗିତାକୁ ରାଜୀବ ମନୋନୀତ



ପୁରୀ, ୬।୧୦ (ସଂଚାର ବ୍ୟୁରୋ)ଃ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଏସିଆ ଆକ୍ୱାଟିକ୍ସ ଓ ଭାରତୀୟ ସନ୍ତରଣ ମହାସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଏସିଆ ବରିଷ୍ଠ ସନ୍ତରଣ ପ୍ରତିଯୋଗିତା ପାଇଁ ପୁରୀ ଜିଲ୍ଲା ବୀରହରେକୃଷ୍ଣପୁରର ରାଜୀବଲୋଚନ ଦାଶ ଯୋଗ୍ୟତା ଅର୍ଜନ କରିଛନ୍ତି। ୫୦ ବର୍ଷ ବର୍ଗରେ ୩ଟି ଇଭେଣ୍ଟ ପାଇଁ ଭାରତୀୟ ସନ୍ତରଣ ମହାସଂଘ ନିର୍ଦ୍ଧାରିତ ଯୋଗ୍ୟତା ସମୟ ହାସଲ କରି ସେ ଏହି ମହାଦେଶୀୟ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଥିପାଇଁ ସେ ଆସନ୍ତା ୮ ତାରିଖରେ ବେଙ୍ଗାଲୁରୁ ଯାତ୍ରା କରିବେ।

ପିଲାଦିନରୁ ସନ୍ତରଣ ପ୍ରତି ଆଗ୍ରହୀ ଥିବା ରାଜୀବ ଗୁରୁ ସ୍ୱର୍ଗତ ଖଟେଶ୍ୱର ପାଣ୍ଡେ ଓ ଗଦାଧର ବାରିକଙ୍କଠାରୁ ସନ୍ତରଣ ଶିକ୍ଷା ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ସହ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଅଧୀନରେ ସନ୍ତରଣ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ହାସଲ କରିଥିବା ରାଜୀବ ଅନେକ ପ୍ରତିଭାବାନ ସନ୍ତରଣବିତ୍ଙ୍କୁ ଗଢ଼ି ତୋଳିଛନ୍ତି। ଜାତୀୟ କ୍ରୀଡ଼ା ସମେତ ଭାରତ ସରକାରଙ୍କ 'ଖେଲୋ ଇଣ୍ଡିଆ' ସନ୍ତରଣ କାର୍ଯ୍ୟକ୍ରମରେ ସେ ଜଣେ ଦକ୍ଷ ବୈଷୟିକ ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟ କରିଆସୁଛନ୍ତି।

## ଚୋରି ଅଭିଯୋଗରେ ୩ ଗିରଫ



ଫୁଲବାଣୀ, ୬।୧୦ (ସଂଚାର ବ୍ୟୁରୋ)ଃ ଘରେ କେହି ନଥିବାର ସୁଯୋଗ ନେଇ ଝରକା ବାଟେ ପଶି ସୁନା ଅଳଙ୍କାର ଚୋରି। ଚୋରି କରିଥିବା ସୁନା ବିକ୍ରି କରି ସେହି ଟଙ୍କାରେ ଟ୍ରାକ୍ଟର କିଣିଥିବା ଅଭିଯୋଗରେ କୋଟଗଡ଼ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୨.୦୮୫ ଗ୍ରାମ ସୁନା, ନଗଦ ୨,୧୦୦ ଟଙ୍କା ଏବଂ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଶ୍ରୀରାମପୁର ନୂଆସାହିର ଲେଟ୍ ଚକ୍ରଧର ଉଠାଣସିଂହଙ୍କ ପୁଅ ଲିଟୁ ଉଠାଣସିଂହ, ଶ୍ରୀରାମପୁର ଓଡ଼ିଆସାହିର ନିରାକାର ବଡ଼କାନହରଙ୍କ ପୁଅ ପିତାବାସ ବଡ଼କାନହର ଏବଂ ମିଶନସାହି ଜୁବାଗୁଡ଼ାର କର୍ମ ବଡ଼ସେଠଙ୍କ ପୁଅ ପ୍ରେମାନନ୍ଦ ବଡ଼ସେଠ। ୩ ଜଣଙ୍କୁ ପୁଲିସ ଗିରଫ କରିବା ପରେ ଅଦାଲତକୁ ଚାଲାଣ କରିଛି।

**ଏସଆଇଆରରେ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କୁ ତାଲିକାରେ ସାମିଲ ପାଇଁ ସୁଯୋଗ**

# ୭, ୮ ଓ ୯ରେ ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ

- ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ଯୁବକ-ଯୁବତୀ କରିପାରିବେ ଆବେଦନ
- ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରଙ୍କ ତାଲିକା ସିଇଓ ଓଡ଼ିଶା ଓ ସମ୍ପୃକ୍ତ ଜିଲ୍ଲା ୱେବସାଇଟରେ ଉପଲବ୍ଧ ହେବ

ମାଲକାନଗିରି,୬।୧୦ (ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲି ଠାରୁ ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ଜିଲ୍ଲାବ୍ୟାପୀ ଅନୁଷ୍ଠିତ ହେବ।

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରମାନଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା ଏବଂ ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟରମାନଙ୍କୁ ତାଲିକାରେ ସାମିଲ କରିବା।

ଯେଉଁ ଯୁବକ-ଯୁବତୀମାନେ ୧.୧୦.୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ।

ଏଥିସହିତ, ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରମାନଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ।

ଭୋଟର ତାଲିକାକୁ ଅଧିକ ନିର୍ଭୁଲ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ଚିହ୍ନଟ ହୋଇଥିବା ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଦୋହରା ଭୋଟରମାନଙ୍କ ସମ୍ପର୍କିତ ତାଲିକା ସମ୍ପୃକ୍ତ ଜିଲ୍ଲା ଏବଂ ସିଇଓ ଓଡ଼ିଶାଙ୍କ ୱେବସାଇଟରେ ଉପଲବ୍ଧ କରାଯିବ। ଏହି ତାଲିକା ସମ୍ପର୍କରେ ଆବଶ୍ୟକ ଯାଞ୍ଚ କରିବା ଓ ଯଦି କୌଣସି ଯୋଗ୍ୟ ଭୋଟରଙ୍କ ନାମ ଭୁଲବଶତଃ ଏଥିରେ ବାଦ୍ ପଡିଥାଏ ତେବେ ତାହା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ସୁଯୋଗ ରହିବ। ଏହି ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଜିଲ୍ଲାରେ ଏକ ସ୍ୱଚ୍ଛ, ନିର୍ଭୁଲ, ସମାବେଶୀ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ରହିଛି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଠାବ

ଫୁଲବାଣୀ, ୬।୧୦ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ରେନବୋ ଜଳପ୍ରପାତ ନିକଟରୁ ଝୁଲନ୍ତା ଅବସ୍ଥାରେ ଏକ ଗଳିତ ମୃତଦେହକୁ ପୁଲିସ ଠାବ କରିଛି। ମୃତଦେହ ନିକଟରେ ଥିବା ଏକ ବ୍ୟାଗ ମିଳିଥିଲା। ବ୍ୟାଗ ଭିତରୁ ମୋବାଇଲ, ହାତଘଣ୍ଟା, ଆଧାର କାର୍ଡ ଆଦି ମିଳିଥିଲା। ଆଧାର କାର୍ଡ ମାଧ୍ୟମରେ ପୁଲିସ ମୃତକଙ୍କ ପରିଚୟ ଜାଣିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଛି। ମୃତକ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର କିଶୋର ନାୟକଙ୍କ ପୁଅ ଜଗନ୍ନାଥ ନାୟକ ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି।

ତେବେ ମୃତଦେହଟି ଯେଉଁ ଅବସ୍ଥାରେ ଦଉଡ଼ିରେ ଝୁଲି ରହିଛି, ତାହାକୁ ନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଏନେଇ ଦାରିଙ୍ଗବାଡ଼ି ପୁଲିସ ଏକ ଅପମୃତ୍ୟୁ ମାମଲା (୧୪/୨୬) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ମୃତକ ପର୍ଯ୍ୟଟକ ହୋଇଥିବା ନେଇ ମଧ୍ୟ ପ୍ରାଥମିକ ଭାବେ ଆଶଙ୍କା କରାଯାଉଛି। ମୃତକ କିଛି ଦିନ ପୂର୍ବରୁ ଦାରିଙ୍ଗବାଡ଼ିର ଏକ ହୋଟେଲରେ ରହିଥିବା ଏବଂ ସେଠାରୁ ରେନବୋ ଜଳପ୍ରପାତକୁ ଯାଇଥିବା ପୁଲିସ ଜାଣିପାରିଛି।

## ଆଇଟିବିପିରେ ସ୍ଥାନ ପାଇଥିବା ରୀତା ଗଣ୍ଡଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା



ରାଇଘର, ୬।୧୦ (ସଂଚାର ବ୍ୟୁରୋ)ଃ ନବରଙ୍ଗପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ରାଇଘର ବ୍ଲକ ଅନ୍ତର୍ଗତ କାନାହାଣ୍ଡି ଗ୍ରାମର ଝିଅ ରୀତା ଗଣ୍ଡ ଆଇଟିବିପିରେ ସ୍ଥାନ ପାଇ ନିଜ ଗ୍ରାମ ସମେତ ସମଗ୍ର ରାଇଘର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଦୃଢ଼ ଇଚ୍ଛାଶକ୍ତି, ନିରନ୍ତର ପରିଶ୍ରମ ଓ ସଫଳତା ପାଇଁ ଅଦମ୍ୟ ପ୍ରୟାସ ତାଙ୍କୁ ଏହି ସଫଳତା ଦେଇଛି। ରୀତାଙ୍କ ଏହି ସଫଳତାର ଖବର ପ୍ରଚାର ପରେ କାନାହାଣ୍ଡି ଗ୍ରାମରେ ଖୁସିର ମାହୋଲ ସୃଷ୍ଟି ହୋଇଛି।

ଆଇଟିବିପିରେ ସ୍ଥାନ ପାଇବା ପରେ ରୀତା ନିଜ ଗ୍ରାମକୁ ଫେରିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଗ୍ରାମରେ ରୀତାଙ୍କୁ ପାଛୋଟି ନେଇ ଫୁଲମାଳ ପିନ୍ଧାଇବା ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ନିଜ ଗ୍ରାମର ଝିଅ ଏଭଳି ସଫଳତା ହାସଲ କରିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା। ପରିବାର, ସମ୍ପର୍କୀୟ ଓ ଗ୍ରାମବାସୀ ରୀତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ରୀତାଙ୍କ ଏହି ସଫଳତା କେବଳ ତାଙ୍କ ପରିବାର ପାଇଁ ଗର୍ବର ବିଷୟ ନୁହେଁ, ବରଂ ସମଗ୍ର କାନାହାଣ୍ଡି ଗ୍ରାମ ଓ ରାଇଘର ବ୍ଲକ ପାଇଁ ଏକ ବଡ଼ ଗୌରବର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଅନେକ ସମସ୍ୟା ଓ ସୀମିତ ସୁବିଧା ମଧ୍ୟରେ ରହି ମଧ୍ୟ ଜଣେ ଆଦିବାସୀ ଯୁବତୀ ନିଜ ପରିଶ୍ରମ ବଳରେ ଦେଶର ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବାହିନୀରେ ସ୍ଥାନ ପାଇବା ଅଞ୍ଚଳବାସୀଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟକ ଘଟଣା।

**ଦ୍ୱୈତ ଶାସନରେ ଫସିଲା ଅସ୍ତରଙ୍ଗ**

# ସରପଞ୍ଚଙ୍କ ଭାଗ୍ୟ ସୂତା ଖିଅରେ

### ଦଳ ବଦଳକୁ ଭୟ, ରହିଲେ ଅସହ୍ୟ ବେଦନା

### ବିଜେପିରେ ଗୋଷ୍ଠୀ କନ୍ଦଳ ଉଗ୍ର

କାକଟପୁର /ଅସ୍ତରଙ୍ଗ,୬।୧୦ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବରଙ୍କ ରାଜନୈତିକ ଭାଗ୍ୟ ଏବେ ସୂତା ଖିଅରେ ଝୁଲୁଛି। ଗୋଟିଏ ପଟେ ବିଧାୟକ ବିଜେଡିର, ଅନ୍ୟ ପଟେ ସାଂସଦ ବିଜେପିର ଏବଂ ରାଜ୍ୟରେ ବିଜେପି ସରକାର। ଏହି ଦ୍ୱୈତ ଶାସନ ଭିତରେ ଅସ୍ତରଙ୍ଗର ପଞ୍ଚାୟତ ପ୍ରତିନିଧିମାନେ ଦିଗହରା ହୋଇଛନ୍ତି। ନା ସେମାନେ ବିଜେଡିରେ ରହି ପଡିଆରା ଦେଖାଇ ପାରୁଛନ୍ତି, ନା ସମ୍ପୂର୍ଣ୍ଣ ଭାବେ ବିଜେପିରେ ମିଶି ସ୍ଥାନ ପକ୍କା କରି ପାରୁଛନ୍ତି। ଫଳରେ ପ୍ରତିନିଧିମାନେ ଗୋଳିଆ ପାଣି ଭଳି ଯେଉଁଆଡେ ଢଳ ସେହିଆଡେ ଗଡୁଛନ୍ତି। ରାଜନୈତିକ ଅନିଶ୍ଚିତତା ମଧ୍ୟରେ ଉନ୍ନୟନ କାମ ପ୍ରଭାବିତ ହେଉଛି ଏବଂ ଲୋକେ ହତାଶ ହେଉଛନ୍ତି।

ଇତିହାସ କହୁଛି ୨୦୨୨ ପଞ୍ଚାୟତ ନିର୍ବାଚନରେ ଅସ୍ତରଙ୍ଗ ବ୍ଲକରେ ବିଜେଡିକୁ ଗାଦିଚ୍ୟୁତ କରିବାକୁ କଂଗ୍ରେସ, ବିଜେପି ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଏକାଠି ହୋଇ ଏକ ମିଳିତ ମେଣ୍ଟ ଗଠନ କରିଥିଲେ। ସେହି ମେଣ୍ଟ ବିଜେଡିକୁ ହଟାଇ ବ୍ଲକ ଦଖଲ କରିଥିଲା ଏବଂ ଅଧ୍ୟକ୍ଷା ଗାଦି ହାତେଇଥିଲା। ହେଲେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେହି ମେଣ୍ଟରେ ବଡ ବିଭାଜନ ହୋଇଗଲା। କିଛି ନେତା ବର୍ଷା ଯୁଆଡେ ଛତା ସେଆଡେ ନୀତିରେ ଶାସକ ବିଜେପିରେ ମିଶିଗଲେ, ଆଉ କିଛି କଂଗ୍ରେସରେ ରହିଗଲେ ଏବଂ ଅନେକ ଅସନ୍ତୁଷ୍ଟ ହୋଇ ମଝିରେ ରହିଗଲେ। ମେଣ୍ଟର ବିଭାଜନ ପରେ ବ୍ଲକ ରାଜନୀତି ଆହୁରି ଜଟିଳ ହୋଇଛି ଏବଂ ବିଶ୍ୱାସ ଭାଙ୍ଗିଛି।

ଗତ ବିଧାନସଭା ନିର୍ବାଚନରେ କାକଟପୁରରେ ବିଜେଡି ବିଧାୟକ ବାଜିମାତ କରିଥିବା ବେଳେ ଜଗତସିଂହପୁର ଲୋକସଭା ଆସନରେ ବିଜେପି ସାଂସଦ ବିଜୟୀ ହୋଇଛନ୍ତି। ଏହି ଦୁଇମୁହାଁ ଫଳାଫଳ ପଞ୍ଚାୟତ ସ୍ତରରେ ଦ୍ୱନ୍ଦ୍ୱ ବଢାଇ ଦେଇଛି। ବିଧାୟକଙ୍କର ସେତେଟା ଦବଦବା ନଥିବା ଚର୍ଚ୍ଚା ହେଉଥିବା ବେଳେ ଜଣେ ପ୍ରଭାବଶାଳୀ ସରପଞ୍ଚ କହିଛନ୍ତି ବିଧାୟକଙ୍କୁ ୨ ଜଣ ସରପଞ୍ଚ କଡ ଲେଉଟାଇଛନ୍ତି ବୋଲି ଚର୍ଚ୍ଚା। ଅନ୍ୟ ପଟେ ବିଜେପି ଭିତରେ ଦୁଇ ପୂର୍ବତନ ବିଧାୟକଙ୍କ ଗୋଷ୍ଠୀ ମଧ୍ୟରେ ତୀବ୍ର ଅନ୍ତଃ କନ୍ଦଳ ଚାଲିଛି। ବର୍ତ୍ତମାନ ଦୁଇରୁ ଚାରି ଜଣ ସରପଞ୍ଚଙ୍କୁ ଛାଡିଦେଲେ ଅଧିକାଂଶ ସରପଞ୍ଚ ନିର୍ଣ୍ଣୟ ନେଇ ପାରୁନାହାନ୍ତି ଯେ କେଉଁ ଦଳରେ ରହିବେ। ଆଶ୍ଚର୍ଯ୍ୟ କଥା ହେଉଛି ନିଜକୁ ଦଳର ଆଗଧାଡିର ନେତା ବୋଲାଉଥିବା କିଛି କର୍ମୀ ଦୁଇ ଦଳରେ ହାତ ମିଶାଇ ଚାଲିଛନ୍ତି। ଗୋଟିଏ ନହେଲେ ଆଉ ଗୋଟିଏ ଦଳରୁ ଫାଇଦା ଉଠାଉଛନ୍ତି ଏବଂ ସାଧାରଣ ଭୋଟରଙ୍କୁ ଦ୍ୱନ୍ଦ୍ୱରେ ପକାଉଛନ୍ତି।

ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଅସ୍ତରଙ୍ଗ ପଞ୍ଚାୟତ ସମିତି ଦଖଲ ପାଇଁ ରାଜନୈତିକ କସରତ ଆରମ୍ଭ ହୋଇଛି। ଏଭଳି ସ୍ଥିତିରେ ଅସ୍ତରଙ୍ଗ ବ୍ଲକ ବିଭିନ୍ନ ପଂଚାୟତ ସରପଞ୍ଚଙ୍କ ଭାଗ୍ୟଚକ୍ର କୁଆଡେ ଗଡିବ ଏବଂ ଶେଷରେ କିଏ କେଉଁ ଦଳରେ ସ୍ଥାୟୀ ହେବ ତାହା ଦେଖିବାକୁ ସାଧାରଣ ଲୋକେ ଚାହିଁ ବସିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

*୨୮୨ ଜଣଙ୍କ ପଞ୍ଜିକରଣ, ସହାୟକ ଉପକରଣ ଓ ପ୍ରମାଣପତ୍ର ବଣ୍ଟନ*



ସଇଁତଲା, ୬।୧୦ (ସଂଚାର ବ୍ୟୁରୋ)ଃ ସଇଁତଲା ବ୍ଲକ ରେଡକ୍ରସ ସ୍କୁଲ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସଇଁତଲା ବିଡ଼ିଓ ଅଧିକାରୀ ପୁରୁଷୋତ୍ତମ ମିର୍ଧାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସାଂସଦଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ଭୋଇ, ହିମାଞ୍ଚଳ ବୁଡ଼େକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ଭୋଇ ଓ ସିଡିପିଓ ଗୋଲାପୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଉମାକାନ୍ତ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।

ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ମୋଟ ୨୮୨ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିଲେ। ଏହି ଅବସରରେ ଆବଶ୍ୟକତା ଅନୁଯାୟୀ ହ୍ୱିଲଚେୟାର, ଆଶାବାଡ଼ି, ଶ୍ରବଣ ଯନ୍ତ୍ର ସମେତ ବିଭିନ୍ନ ସହାୟକ ଉପକରଣ ଓ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ଭିନ୍ନକ୍ଷମ ବ୍ୟକ୍ତିମାନେ ସରକାରୀ ସୁବିଧା ଓ ଯୋଜନାର ଲାଭ ପାଇବାରେ ସହାୟତା ପାଇବେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଲା ପୁଲିସ



● ଛାତ୍ର ନେତାଙ୍କ ସହ ସମନ୍ୱୟ ରଖି ସୁରକ୍ଷିତ ନିର୍ବାଚନ ପାଇଁ ପରାମର୍ଶ
● ସବୁ ରେଞ୍ଜ ଆଇଜି, ଡିଆଇଜି ଓ ଏସପିଙ୍କ ସହ ଡିଜିପିଙ୍କ ଆଲୋଚନା
● ଭୋଜିଭାତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ନଜର ରଖିବାକୁ ପରାମର୍ଶ

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନ ନିର୍ବାଚନକୁ ହିଂସାମୁକ୍ତ କରିବାକୁ ରାଜ୍ୟ ପୁଲିସରେ ଆରମ୍ଭ ହୋଇଛି ମାନସମନ୍ଥନ। ଛାତ୍ରଛାତ୍ରୀମାନେ ଏକ ସମ୍ବେଦନଶୀଳ ସମ୍ପ୍ରଦାୟ ହୋଇଥିବାରୁ ସେମାନଙ୍କ ସହ ପୁଲିସର ନିୟମିତ ଓ ବ୍ୟକ୍ତିଗତ ଯୋଗାଯୋଗ ରହିବା ଆବଶ୍ୟକ। ଥାନା ଭାରପ୍ରାପ୍ତ ଅଧିକାରୀ ଓ ଏସ୍‌ଡିପିଓମାନେ ଛାତ୍ର ନେତାମାନଙ୍କ ସହ ବୈଠକ କରି ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସମନ୍ୱୟ ରଖିବାକୁ ଆଜି ଡିଜିପିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜି/ଡିଆଇଜିଙ୍କ ଉଚ୍ଚସ୍ତରୀୟ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। କଲେଜ ପରିସରକୁ ଅଣଛାତ୍ର ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ରୋକିବା, ଛାତ୍ରାବାସ ଓ ମେସ୍‌ଗୁଡ଼ିକ ଉପରେ ନଜର ରଖିବା ଏବଂ ଛାତ୍ରଛାତ୍ରୀଙ୍କ ସହ ନିୟମିତ ସମ୍ପର୍କ ରଖିବାକୁ ସେ କହିଥିଲେ। ହିଂସାର ଆଶଙ୍କା ନଥିଲେ ଅନାବଶ୍ୟକ ଭାବେ ପୁଲିସ ବଳ ମୁତୟନ ନ କରିବାକୁ ମଧ୍ୟ ଡିଜିପି ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଛାତ୍ରଛାତ୍ରୀଙ୍କ ଭୋଜିଭାତ ଓ ଅନ୍ୟାନ୍ୟ ଆୟୋଜନ ଉପରେ ମଧ୍ୟ ନଜର ରଖିବାକୁ ସେ କହିଥିଲେ।

ନିର୍ବାଚନ ସମୟରେ ସମନ୍ୱୟ ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଏସ୍‌ପି, ଉପଜିଲ୍ଲାପାଳ ଓ କଲେଜ ଅଧ୍ୟକ୍ଷଙ୍କ ମଧ୍ୟରେ ବୈଠକ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ନିର୍ବାଚନ ଫଳାଫଳ ପରେ ହିଂସାର ସମ୍ଭାବନା ଥିବାରୁ ସେ ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ମଧ୍ୟ କହିଥିଲେ। ସେହିପରି ସାଇବର ଅପରାଧ ନିୟନ୍ତ୍ରଣ ପାଇଁ ସାଇବର ପୁଲିସ ଷ୍ଟେସନଗୁଡ଼ିକର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଏବଂ ମାମଲାର ତଦନ୍ତ ଓ ଆଇନଗତ ପଦକ୍ଷେପକୁ ଅଧିକ ଫଳପ୍ରଦ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏତଦବ୍ୟତୀତ ମହିଳା ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ସମ୍ବେଦନଶୀଳ ମାମଲାଗୁଡ଼ିକର ଦ୍ରୁତ, ନିରପେକ୍ଷ ଓ ଫଳପ୍ରଦ ତଦନ୍ତ ସୁନିଶ୍ଚିତ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ନିକଟରେ ଭୁବନେଶ୍ୱରରେ ଘଟିଥିବା ଯୁବତୀଙ୍କ ବିରୋଧରେ ଅପରାଧିକ ଘଟଣାକୁ ଗମ୍ଭୀରତାର ସହ ନେଇ ରାଜ୍ୟସାରା ମହିଳା ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ଏବଂ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ନେବାକୁ ସେ କହିଥିଲେ। ବୈଠକରେ ଆସନ୍ତା ୧୫ରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ, ପର୍ବପର୍ବାଣୀ ସମୟରେ ଆଇନଶୃଙ୍ଖଳା, ମହିଳା ସୁରକ୍ଷା, ସାଇବର ଅପରାଧ, ଅପରାଧ ନିୟନ୍ତ୍ରଣ ଏବଂ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଡିଜିପି ବିସ୍ତୃତ ସମୀକ୍ଷା କରିଥିଲେ।

ଏମଓୟୁ ସହଭାଗିତା ମାଧ୍ୟମରେ ସୁଦୃଢ଼ ହେଉଛି ଦକ୍ଷତା ଇକୋସିଷ୍ଟମ

## ଶିଳ୍ପ ସହଯୋଗ, ଉତ୍କର୍ଷ କେନ୍ଦ୍ର ଓ ନିଯୁକ୍ତି କ୍ଷମତା ବୃଦ୍ଧିକୁ ଗୁରୁତ୍ୱ



ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ଭବିଷ୍ୟତ ପାଇଁ ଏକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱକୁ ଅଧିକ ସୁଦୃଢ଼ କରିବା ଦିଗରେ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ସ୍ଥାନୀୟ 'ୱାର୍ଲ୍ଡ ସ୍କିଲ ସେଣ୍ଟର'ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ବିଭିନ୍ନ ରଣନୈତିକ ଅଂଶୀଦାରଙ୍କ ସହ ଏମଓୟୁ ଆଦାନପ୍ରଦାନ କରାଯାଇଛି। ଏହି ସହଯୋଗିତା ରାଜ୍ୟର ଯୁବବର୍ଗଙ୍କ ପାଇଁ ଦକ୍ଷତା ବୃଦ୍ଧି, ଶିଳ୍ପ ଆବଶ୍ୟକତା ସହ ଯୋଡ଼ିହେବା, ବୈଷୟିକ ଶିକ୍ଷା, ଉତ୍କର୍ଷ କେନ୍ଦ୍ର, ଇନୋଭେସନ ଏବଂ ନିଯୁକ୍ତି ସୁଯୋଗକୁ ସୁଦୃଢ଼ କରିବ।

ସମାବେଶକୁ ସମ୍ବୋଧିତ କରି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏସବୁ ବୁଝାମଣାପତ୍ରଗୁଡ଼ିକୁ ମାନବ ସମ୍ବଳରେ ଗୁରୁତ୍ୱପୂର୍ଣ୍ଣ ନିବେଶ ବୋଲି କହିଥିଲେ। ସେ କହିଥିଲେ ଯେ ଏହି ସହଭାଗିତା ଓଡ଼ିଶାର ସମ୍ପ୍ରସାରିତ ହେଉଥିବା ଶିଳ୍ପ ଇକୋସିଷ୍ଟମ ପାଇଁ ଆବଶ୍ୟକ ଦକ୍ଷ କାର୍ଯ୍ୟବଳ ପ୍ରସ୍ତୁତ କରିବା ସହ ଯୁବପିଢ଼ିଙ୍କୁ ଗୁଣାତ୍ମକ ତାଲିମ, ନିଯୁକ୍ତି ଓ କ୍ୟାରିୟରର ଅଗ୍ରଗତି ପାଇଁ ସୁଯୋଗ ପ୍ରଦାନ କରିବ। ଏହି ସହଯୋଗିତାଗୁଡ଼ିକ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଆଡଭାନ୍ସ ମାନୁଫ୍ୟାକ୍ଚରିଂ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ସାଇବର ସୁରକ୍ଷା, ରୋବୋଟିକ୍ସ, ସେମିକଣ୍ଡକ୍ଟର, ଗ୍ରୀନ ଜବ୍ସ ଓ ଅଟୋମୋଟିଭ ଟେକ୍ନୋଲୋଜି ଭଳି ଦ୍ରୁତ ବିକାଶଶୀଳ କ୍ଷେତ୍ରଗୁଡ଼ିକ ଉପରେ ଆଧାରିତ। ଏହି ଏମଓୟୁଗୁଡ଼ିକ ଉତ୍କର୍ଷ କେନ୍ଦ୍ରଗୁଡ଼ିକୁ ସହାୟତା କରିବା ସହ ଶିଳ୍ପଭିତ୍ତିକ ତାଲିମ, ପାଠ୍ୟକ୍ରମର ସଂସ୍କାର, ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି, ଜ୍ଞାନ ଆଦାନପ୍ରଦାନ, ଆପ୍ରେଣ୍ଟିସସିପ୍ ଓ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସହଯୋଗ କରିବ। ପ୍ରଶିକ୍ଷାର୍ଥୀମାନେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଶିଳ୍ପର ଶ୍ରେଷ୍ଠ ପ୍ରକ୍ରିୟାଗୁଡ଼ିକ ସହ ଜଡ଼ିତ ହେବାର ଅଧିକ ସୁଯୋଗ ପାଇବେ, ଯାହା ତାଲିମକୁ ବଜାରର ଆବଶ୍ୟକତା ସହ ସମନ୍ୱୟ ରଖିବାରେ ସାହାଯ୍ୟ କରିବ।

ଏହି ଭାଗିଦାରୀ ବିଶେଷ ଭାବେ ଭବିଷ୍ୟତର କୌଶଳ ଓ ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱ ଦେଉଛି। ଏହାର ଲକ୍ଷ୍ୟ ହେଉଛି, ନୂତନ ଭାବେ ସୃଷ୍ଟି ହେଉଥିବା ଚାକିରି ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରିବା ସହ ନବସୃଜନ, ଡିଜିଟାଲ୍ ରୂପାନ୍ତରଣ ଓ ସବୁଜ ବିକାଶକୁ ଆଗେଇ ନେବା। ଏହି ସହଯୋଗିତା ବୈଷୟିକ ଶିକ୍ଷା ଏବଂ କୁଶଳୀ ନିଯୁକ୍ତି କ୍ଷେତ୍ରରେ ମହିଳା ଓ ବଞ୍ଚିତ ବର୍ଗଙ୍କ ପାଇଁ ମଧ୍ୟ ସୁଯୋଗ ବଢ଼ାଇବ।

ସୌମ୍ୟରଞ୍ଜନ ମାମଲା

## ହାଇକୋର୍ଟରେ ବିଦ୍ୟାଭାରତୀଙ୍କ ଆଗୁଆ ଜାମିନ୍ ଆବେଦନ



କଟକ,୬।୧୦ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ନ ମିଳିବା ପରେ ସେ ଏହି ଆବେଦନ କରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ବିଦ୍ୟାଭାରତୀଙ୍କ ହାଜର ହେବା ସମୟ ସୀମାକୁ ହାଇକୋର୍ଟ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଗତ ସେପ୍ଟେମ୍ବର ୩ ତାରିଖର ଆଦେଶରେ ବିଦ୍ୟାଭାରତୀଙ୍କ ବ୍ୟକ୍ତିଗତ ହାଜରରୁ ଛାଡ଼ ପାଇଁ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ଏଥିସହ ଗତ ୧ ତାରିଖ ସୁଦ୍ଧା ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମକୋର୍ଟ ଯାଇଥିଲେ। ତେବେ ସୁପ୍ରିମକୋର୍ଟ ତାଙ୍କୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିବା ପାଇଁ ସୁଯୋଗ ଦେଇଥିଲେ। ଏହାପରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାଖଲ ପ୍ରକ୍ରିୟା ଚାଲିଥିବା ଦର୍ଶାଇ ବିଦ୍ୟାଭାରତୀଙ୍କ ଓକିଲ ହାଜର ସମୟ ସୀମା ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଯୁକ୍ତି ଶୁଣିବା ପରେ ହାଇକୋର୍ଟ ହାଜର ସମୟ ସୀମାକୁ ଆସନ୍ତା ଅକ୍ଟୋବର ୩୦ ଯାଏ ବୃଦ୍ଧି କରିଥିବା ଜଣାପଡ଼ିଛି।

ଜେଲ୍ ଭିତରୁ ସାକ୍ଷୀଙ୍କୁ ଧମକ ଦେବା ଘଟଣା

## ଥାନାରେ ବିକ୍ରମଙ୍କୁ ୪ ଘଣ୍ଟା ଜେରା

ବ୍ରହ୍ମପୁର,୬।୧୦(ସଂଚାର ବ୍ୟୁରୋ): ଜେଲ୍ ଭିତରେ ଥାଇ ସାକ୍ଷୀଙ୍କୁ ଧମକ ଦେବା ଘଟଣାରେ ଗୋଷାଣୀ ନୂଆଗାଁ ଥାନାରେ ହାଜର ହୋଇ ପକ୍ଷ ରଖିଲେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା। ପାଖାପାଖି ୪ ଘଣ୍ଟାର ଜେରା ପରେ ଥାନାରୁ ବାହାରି ଘରକୁ ଗଲେ। ବିଜେଡିର ପୂର୍ବତନ ବିଧାୟକ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାକୁ ଆଜି ବର୍ଷେ ପୂରିଛି। ଏକ ବର୍ଷ ପରେ ମଧ୍ୟ ଘଟଣାକୁ ନେଇ ସହରରେ ଲାଗି ରହିଛି ଚର୍ଚ୍ଚା। ଆବଶ୍ୟକ ସ୍ଥଳେ ଅନ୍ୟମାନଙ୍କୁ ମଧ୍ୟ ଜେରା କରାଯିବ କହିଛନ୍ତି ବ୍ରହ୍ମପୁର ଏସପି। ଆସନ୍ତା ୧୬ରେ ତାରିଖରେ ପୁଣି ବିକ୍ରମ ହାଜର ହେବେ କହିଛନ୍ତି ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ। ବିକ୍ରମ ଜେଲ୍ ମଧ୍ୟରେ ଥିବା ବେଳେ ପୀତବାସ ହତ୍ୟା ଘଟଣାର ସାକ୍ଷୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ପୀତବାସ ହତ୍ୟା ଘଟଣାର ସାକ୍ଷୀ ଲଳିତ ମୋହନ ମଙ୍ଗରାଜଙ୍କୁ ବିକ୍ରମ ଧମକ ଦେଇଥିବା ନେଇ ଗୋଷାଣୀ ନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ କ୍ରମେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି। ଥାନାରେ ହାଜର ହେବାକୁ ଆଜି ନୋଟିସ ହୋଇଥିବା ବେଳେ ବିକ୍ରମ ଆଜି ଗୋସାଇଁ ନୂଆଗାଁ ଥାନାରେ ହାଜର ହୋଇ ପକ୍ଷ ରଖିଛନ୍ତି।

● ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ଅନ୍ତର୍ଜାତୀୟ ବିମାନ ବନ୍ଦର

## ମିଳିଲା ସିଆରଜେଡ୍ କ୍ଲିୟରାନ୍ସ



ପୁରୀ,୬।୧୦(ସଂଚାର ବ୍ୟୁରୋ): ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନ ବନ୍ଦର ସ୍ୱପ୍ନ ଆଉ ପାଦେ ଆଗେଇଛି। ଏୟାରପୋର୍ଟ ପାଇଁ ରହିଥିବା ଜଙ୍ଗଲ ବିଭାଗର ସମସ୍ୟା ସମାଧାନ ହେବା ସହ ସିଆରଜେଡ୍ କ୍ଲିୟରାନ୍ସ ମଧ୍ୟ ମିଳିଛି। ଏହାପରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ସହଯୋଗରେ ଏୟାରପୋର୍ଟ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ ହେବ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟରଞ୍ଜନ ପରିଡ଼ା କହିଛନ୍ତି। ପୂର୍ବରୁ ବିମାନ ବନ୍ଦର ପାଇଁ ଷ୍ଟେଜ-୧ ଅନୁମତି ମିଳିଥିଲା। ଏଥିରେ ରହିଥିବା ସର୍ତ୍ତ ପୂରଣ କରି ରିପୋର୍ଟ ଦିଆଯାଇଥିଲା ଏୟାରପୋର୍ଟ ପାଇଁ। ଅଦ୍ୟାବଧି ଏହି ପ୍ରକଳ୍ପ ପାଇଁ ମୋଟ ୧୧୬୪.୭୫୪ ଏକର ଜମି ଅଧିଗ୍ରହଣ ହୋଇଛି। ସେଥିମଧ୍ୟରୁ ୨୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ। ବାକି ୯୪୨.୮୬୩ ଏକର ସରକାରୀ ଜମି ରହିଛି। ଉଭୟ ଶିପସରୁବାଲି ଓ ଷଣ୍ଢପୁର ମୌଜାରୁ ମୋଟ ୧୨୯ ପରିବାର ବିସ୍ଥାପିତ ହେବେ। ଏଣୁ ବିସ୍ଥାପିତଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ପାଇଁ ବିସ୍ଥାପନ ଭତ୍ତା ବାବଦକୁ ପ୍ରତି ବିସ୍ଥାପିତ ପରିବାର ହିସାବରେ ୫ ଲକ୍ଷ ଟଙ୍କା ଗୃହ ସହାୟତା ଅଧୀନରେ ଏବଂ ନୂତନ ଘର ନିର୍ମାଣ ପାଇଁ ୩.୩୯ ଲକ୍ଷ ଟଙ୍କାରୁ ଅଧିକ ରାଶି, ସ୍ଥାନାନ୍ତର ସହାୟତା ପାଇଁ ଘରୋଇ ସାମଗ୍ରୀର ପରିବହନ ଓ ସ୍ଥାନାନ୍ତର ବାବଦକୁ ୧.୧୩ ଲକ୍ଷ ଟଙ୍କା ଦିଆଯାଇଛି। ଜୀବିକା ସହାୟତା ଅଧୀନରେ ଗୋଟିଏ ବର୍ଷ ପାଇଁ ଜୀବିକା ନିର୍ବାହ ପାଇଁ ୫୪,୩୦୦ ଟଙ୍କା ସହ ବ୍ୟବସାୟ ସହାୟତା ଅଧୀନରେ ଦୋକାନ ସ୍ଥାପନ ପାଇଁ ୨୫,୦୦୦ ଟଙ୍କା ପ୍ୟାକେଜ ଘୋଷଣା ହୋଇଥିଲା।

ସୌମ୍ୟ ହତ୍ୟା ମାମଲାରେ ଡିଜିପିଙ୍କ ପ୍ରତିକ୍ରିୟା

## ପୂର୍ଣ୍ଣାଙ୍ଗ ସତ୍ୟ ସାମ୍ନାକୁ ଆସିବା ପର୍ଯ୍ୟନ୍ତ ହେବ ତଦନ୍ତ

ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ସୌମ୍ୟରଞ୍ଜନ ସ୍ୱାଇଁ ହତ୍ୟା ମାମଲାରେ ଲାଇ ଡିଟେକ୍ସନ ଟେଷ୍ଟ ନେଇ ପ୍ରତିକ୍ରିୟା ରଖିଛନ୍ତି ଡିଜିପି ବିନୟତୋଷ ମିଶ୍ର। କୌଣସି ବୟାନ ଉପରେ ସନ୍ଦେହ ସୃଷ୍ଟି ହେଲେ, ଲାଇ ଡିଟେକ୍ସନ୍ ଟେଷ୍ଟ କରାଯାଏ। ଅଭିଯୋଗ ଆସିବା ମାତ୍ରେ ଲାଇ ଡିଟେକ୍ସନ୍ କରିବା ତଦନ୍ତ ବିରୁଦ୍ଧ ବୋଲି କହିଛନ୍ତି ଡିଜିପି ଶ୍ରୀ ମିଶ୍ର। ସୌମ୍ୟ ହତ୍ୟା ମାମଲାର ତଦନ୍ତ ପ୍ରକ୍ରିୟାରେ ଯେଉଁଠି ସନ୍ଦେହ ଉପୁଜିଛି ସେହିଠାରେ ହିଁ ପଲିଗ୍ରାଫ୍ ଟେଷ୍ଟ ହୋଇଛି। ସୌମ୍ୟଙ୍କ ବନ୍ଧୁ ଓମଙ୍କର ପଲିଗ୍ରାଫ୍ ଟେଷ୍ଟ କରାଯାଇସାରିଛି। ଏଥିସହ କ୍ରାଇମବ୍ରାଞ୍ଚ ସମ୍ପୂର୍ଣ୍ଣ ପେସାଦାର ତରିକାରେ କାର୍ଯ୍ୟ କରୁଛି ଓ କୌଣସି ବାହ୍ୟ ଚାପରେ କାମ କରିବାର ପ୍ରଶ୍ନ ଉଠୁନାହିଁ। ଘଟଣାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏଫ୍‌ଆଇଆର୍‌ରେ କେବଳ ଡାକନାମ ଥିବାରୁ ଓ ଚାପ ଯୋଗୁଁ କିଛି ଲୋକଙ୍କୁ ଗିରଫ କରାଯାଇଥିଲା।

କିନ୍ତୁ ପରବର୍ତ୍ତୀ ସମୟରେ ସେମାନେ ନିର୍ଦ୍ଦୋଷ ବୋଲି ଜାଣିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ସୌମ୍ୟଙ୍କ ବାପା ଉଠାଇଥିବା ପ୍ରତ୍ୟେକଟି ପଏଣ୍ଟକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଘଟଣାର ତାରିଖ, ସମୟ, ପ୍ରତ୍ୟକ୍ଷଦର୍ଶୀଙ୍କ



ବୟାନ, ଭିଡିଓ ଫୁଟେଜ୍ ଓ ସାଇଣ୍ଟିଫିକ୍ ପ୍ରମାଣ ଭିତ୍ତିରେ ତଦନ୍ତ ଜାରି ରହିଛି। ଯେପର୍ଯ୍ୟନ୍ତ ଏ ଘଟଣାର ପୂର୍ଣ୍ଣାଙ୍ଗ ସତ୍ୟାସତ୍ୟ ସାମ୍ନାକୁ ନ ଆସିଛି, ସେପର୍ଯ୍ୟନ୍ତ ତଦନ୍ତ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବେ ଜାରି ରହିବ ବୋଲି ଡିଜିପି ସୂଚନା ଦେଇଛନ୍ତି।

ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର ଓ ଯୁବ ଭୋଟରଙ୍କ ପାଇଁ ସୁଯୋଗ

## ଆଜିଠାରୁ ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅଭିଯାନ




ଗତ ୧ ସୁଦ୍ଧା ୧୮ ବର୍ଷ ବୟସ୍କ ଯୁବକଯୁବତୀ କରିପାରିବେ ଆବେଦନ

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପରିପ୍ରେକ୍ଷୀରେ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲିଠାରୁ ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଅକ୍ଟୋବର ୭, ୮ ଓ ୯ ତାରିଖରେ ଏହି ସ୍ୱତନ୍ତ୍ର ଅଭିଯାନ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଏସଆଇଆର ପ୍ରକ୍ରିୟାରେ କୌଣସି କାରଣରୁ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ପୁନଃ ଭୋଟର ତାଲିକାରେ ସାମିଲ କରିବା। ଯେଉଁ ଯୁବକଯୁବତୀମାନେ ଗତ ୧ ତାରିଖ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜ ନାମ ସାମିଲ କରିବା ପାଇଁ ଆବେଦନ କରିପାରିବେ। ଯୋଗ୍ୟ ଯୁବ ଭୋଟରମାନେ ଫର୍ମ-୬ ମାଧ୍ୟମରେ ନାମ ପଞ୍ଜୀକରଣ ପାଇଁ ନିଜ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିପାରିବେ। ଏଥିସହ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ସମୟରେ ଯେଉଁ ଯୋଗ୍ୟ ଭୋଟରଙ୍କ ନାମ କୌଣସି କାରଣରୁ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରିନାହିଁ, ସେମାନେ ମଧ୍ୟ ଏହି ସ୍ୱତନ୍ତ୍ର ଅଭିଯାନ ସମୟରେ ନିଜ ନାମ ଯୋଡ଼ିବା ପାଇଁ ଆବେଦନ କରିପାରିବେ।

ଇଚ୍ଛୁକ ଯୋଗ୍ୟ ଭୋଟରମାନେ ନିଜ ନିଜ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲଓ) ଙ୍କ ସହ ଯୋଗାଯୋଗ କରି ଆବେଦନ ପ୍ରକ୍ରିୟା ସମ୍ପର୍କରେ ସହାୟତା ନେଇପାରିବେ। ବୁଥ୍‌ସ୍ତରୀୟ ଅଧିକାରୀମାନେ ଯୋଗ୍ୟ ଭୋଟରଙ୍କୁ ଆବେଦନ ଦାଖଲ ପ୍ରକ୍ରିୟା ସମ୍ପର୍କରେ ଆବଶ୍ୟକ ସହଯୋଗ ପ୍ରଦାନ କରିବେ। ତେଣୁ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ରେ ନାମ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟର, ନୂତନ ଭାବେ ଯୋଗ୍ୟ ହୋଇଥିବା ଯୁବ ଭୋଟର ଏବଂ ଭୋଟର ତାଲିକାରେ ନିଜ ନାମ ସାମିଲ କରିବାକୁ ଯୋଗ୍ୟ ସମସ୍ତ ବ୍ୟକ୍ତି ଅକ୍ଟୋବର ୭, ୮ ଓ ୯ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଅଭିଯାନର ସୁଯୋଗ ନେଇ ଫର୍ମ-୬ ମାଧ୍ୟମରେ ଆବେଦନ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

ନୟାପଲ୍ଲୀ ଦୁଷ୍କର୍ମ ମାମଲା

## ଅଭିଯୁକ୍ତ ଘରୁ ମିଳିଲା ସାଙ୍ଘାତିକ ପ୍ରମାଣ

ଭୁବନେଶ୍ୱର,୬।୧୦(ସଂଚାର ବ୍ୟୁରୋ): ନୟାପଲ୍ଲୀ ଦୁଷ୍କର୍ମ ମାମଲାର ଅଭିଯୁକ୍ତ ଘରୁ ପୁଲିସ୍‌କୁ ମିଳିଛି ସାଙ୍ଘାତିକ ପ୍ରମାଣ। ଦୁଷ୍କର୍ମ ସମୟରେ ଅଭିଯୁକ୍ତ ପିନ୍ଧିଥିବା କପଡ଼ା ଜବତ କରିଛି ପୁଲିସ। ଏହାକୁ ସାଇଣ୍ଟିଫିକ ଭାବେ ଉପସ୍ଥାପନ କରି ପୁଲିସ୍ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବ। ଏଥିପାଇଁ ଅଭିଯୁକ୍ତର ଚକେଇସିଆଣିସ୍ଥିତ ଘରେ ଆଜି ପୁଲିସ୍ ଚଢ଼ାଉ କରି ତଲାସୀ କରିବା ସମୟରେ ଏହି ପ୍ରମାଣ ପାଇଛି। ଦୁଷ୍କର୍ମ ପରେ ଅଭିଯୁକ୍ତ ଶ୍ରୀଧର ପଣ୍ଡା ତା'ର କପଡ଼ାକୁ ନିଜ ଘରେ ଆଣି ଲୁଚାଇ ରଖିଥିଲା। ସମ୍ବେଦନଶୀଳ ଘଟଣା ପାଇଁ ଅଭିଯୁକ୍ତ ଲୁଚାଇଥିବା ପ୍ରମାଣକୁ ଖୋଜି ଜବତ କରିଛି ପୁଲିସ। ସେହିପରି ତଲାସୀ ସମୟରେ ପୁଲିସ୍‌କୁ ଶ୍ରୀଧର ଘରୁ କେତେକ ଚୋରି ମୋବାଇଲ୍ ମଧ୍ୟ ମିଳିଛି। ତା'ଛଡ଼ା ସେଠାରୁ ପୁଲିସ୍ ଏକ ଟୟ ଗନ ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ଗତ ୩୦ ତାରିଖ ସନ୍ଧ୍ୟାରେ ଆଜି ଜବତ ହୋଇଥିବା ଡ୍ରେସ ପିନ୍ଧି ଚୋରି ଉଦ୍ଦେଶ୍ୟ ରେ ଅଭିଯୁକ୍ତ ଶ୍ରୀଧର ପୀଡ଼ିତା ଘରେ ପଶିଥିଲା। କିନ୍ତୁ ସେଠାରେ ପୀଡ଼ିତାଙ୍କୁ ଏକାକୀ ପାଇ ସେ ତାଙ୍କୁ ଦୁଷ୍କର୍ମ କରିଥିଲା। ପରେ ପୁଲିସ୍ ତାକୁ ଧରିବାକୁ ଉଦ୍ୟମ କରିବା ସମୟରେ ଶ୍ରୀଧର ଗୁଳିଚାଳନା କରିଥିଲା। ଆତ୍ମରକ୍ଷା ପାଇଁ ପୁଲିସ୍ ପାଲଟା ଗୁଳି ଚଳାଇବା ଫଳରେ ଶ୍ରୀଧର ଆହତ ହୋଇଥିଲା। ତା'ର ଗୋଡ଼ରେ ଗୁଳି ବାଜିଥିବାରୁ ତାକୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା।



## ଛାତ୍ର ସଂସଦ ନିର୍ବାଚନ ନେଇ ଉଚ୍ଚସ୍ତରୀୟ ସମୀକ୍ଷା




କଟକ, ୬।୧୦ (ସଂଚାର ବ୍ୟୁରୋ): ରାଜ୍ୟ ପୁଲିସ ମୁଖ୍ୟାଳୟରେ ଡିଜିପି ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୫ ତାରିଖରେ ହେବାକୁଥିବା ଛାତ୍ର ସଂସଦ ନିର୍ବାଚନ, ପର୍ବପର୍ବାଣୀ ସମୟରେ ଆଇନଶୃଙ୍ଖଳା, ମହିଳା ସୁରକ୍ଷା, ସାଇବର ଅପରାଧ ନିୟନ୍ତ୍ରଣ ଏବଂ 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଉପରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ଥାନା ଭାରପ୍ରାପ୍ତ ଅଧିକାରୀ ଓ ଏସ୍‌ଡିପିଓମାନେ ଛାତ୍ର ନେତାମାନଙ୍କ ସହ ସମନ୍ୱୟ ରଖିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। କଲେଜ ପରିସରକୁ ଅଣଛାତ୍ର ଓ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ରୋକିବା ସହ ଛାତ୍ରାବାସ ଓ ମେସ୍‌ଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ବିଶେଷ କରି ନିର୍ବାଚନ ଫଳାଫଳ ପରେ ସମ୍ଭାବ୍ୟ ହିଂସାକୁ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଭୁବନେଶ୍ୱର ଗଲ୍ଫ କ୍ଲବ୍ ନିର୍ବାଚନରେ ଜାଲିଆତି ଅଭିଯୋଗ




● ପୁନଃନିର୍ବାଚନ ଓ ସିସିଟିଭି ଫୁଟେଜ୍ ଦାବି କଲେ ସଦସ୍ୟ
● ଜଳଜଳ ଦିଶୁଛି ଭୋଟ୍ ସଂଖ୍ୟାରେ ଗଡ଼ବଡ଼ି

ଭୁବନେଶ୍ୱର,୬।୧୦ (ସଂଚାର ବ୍ୟୁରୋ): ରାଜଧାନୀର ପ୍ରତିଷ୍ଠିତ ଭୁବନେଶ୍ୱର ଗଲ୍ଫ କ୍ଲବ୍ (ବିଜିସି) ର ୨୦୨୬-୨୮ ବର୍ଷ ପାଇଁ ଗତ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ ହୋଇଥିବା ନିର୍ବାଚନକୁ ନେଇ ବିବାଦ ଏବେ ଉଗ୍ର ରୂପ ଧାରଣ କରିଛି। ଏହି ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ଅଯୋଗ୍ୟ ଭୋଟରଙ୍କ ସମ୍ପୃକ୍ତି, ଜାଲ୍ ଭୋଟିଂ ଏବଂ ରିଟର୍ଣ୍ଣିଂ ଅଫିସରଙ୍କ ମନମୁଖୀ କାର୍ଯ୍ୟକଳାପ ହୋଇଥିବା ନେଇ କ୍ଲବ୍‌ର ଜଣେ ବରିଷ୍ଠ ସଦସ୍ୟ ସମ୍ବିତ କୁମାର ପରିଡ଼ା କ୍ଲବ୍‌ର ସମ୍ପାଦକ ଅଶୋକ ମିଶ୍ରଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଥି ସହିତ ସେ ସମଗ୍ର ନିର୍ବାଚନ ପ୍ରକ୍ରିୟାକୁ ରଦ୍ଦ କରି ପୁନଃ ନିର୍ବାଚନ କରିବା ପାଇଁ ଦାବି କରିଛନ୍ତି।

ସଦସ୍ୟ ଶ୍ରୀ ପରିଡ଼ାଙ୍କ ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର 6 ତାରିଖରେ ଭୋଟ୍ ଗଣତି ଶେଷ ହେବା ପରେ ସଭାପତି ପଦ ପାଇଁ ମୋଟ୍ ୮୨୧ଟି ଭୋଟ୍ ଗଣାଯାଇଥିବା ନେଇ ଉଭୟ ପ୍ରାର୍ଥୀଙ୍କ କାଉଣ୍ଟିଂ ଏଜେଣ୍ଟମାନେ ସ୍ୱାକ୍ଷର କରିଥିଲେ। ମାତ୍ର ଏହାର ୪୮ ଘଣ୍ଟା ପରେ, ଅର୍ଥାତ୍ ସେପ୍ଟେମ୍ବର ୮ ତାରିଖରେ, ରିଟର୍ଣ୍ଣିଂ ଅଫିସର ଏ.କେ. ସାବତ ମୋଟ୍ ଭୋଟ୍ ସଂଖ୍ୟା ୮୨୨ ବୋଲି ଦର୍ଶାଇଥିଲେ। ଏହି ଅତିରିକ୍ତ ଏକଖଣ୍ଡ ଭୋଟ୍ ୪୮ ଘଣ୍ଟା ପରେ କେଉଁଠାରୁ ଆସିଲା, ତାହାକୁ ନେଇ କ୍ଲବ୍ ସଦସ୍ୟଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଦିଲୀପ ପଟ୍ଟନାୟକଙ୍କ ଏକ ସ୍ୱାକ୍ଷରିତ ବିବୃତି ଅନୁଯାୟୀ, ନିର୍ବାଚନ ଦିନ ମୋଟ୍ ୮୦୩ଟି ଟୋକନ୍ ଇସ୍ୟୁ କରାଯାଇଥିଲା, ମାତ୍ର ବାକ୍ସରୁ ୮୨୨ଟି ବାଲଟ୍ ପେପର ବାହାରିଥିଲା, ଯାହାକି ୧୯ଟି ଭୋଟ୍‌ର ସିଧାସଳଖ ପାର୍ଥକ୍ୟ ଦର୍ଶାଉଛି। ଏହାଠାରୁ ଆହୁରି ଚାଞ୍ଚଲ୍ୟକର ତଥ୍ୟ ହେଉଛି, ଭୋଟର ଭେରିଫିକେସନ ରେଜିଷ୍ଟରରେ ମାତ୍ର ୭୮୩ ଜଣ ସଦସ୍ୟଙ୍କ ସ୍ୱାକ୍ଷର ରହିଛି। ଅର୍ଥାତ୍ ରେଜିଷ୍ଟର ତୁଳନାରେ ୩୯ଟି ଅଧିକ ବାଲଟ୍ ବାକ୍ସରୁ ମିଳିଛି। ଏହି ଗୁରୁତ୍ୱପୂର୍ଣ୍ଣ ଭୋଟର ରେଜିଷ୍ଟରଟି କିଛି ସମୟ ପାଇଁ ଗାୟବ ହୋଇଯିବା ଏବଂ ପରେ ପୁଣି ମିଳିବା ଘଟଣା ନିର୍ବାଚନର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଯେଉଁ ଟେବୁଲରେ ରିଟର୍ଣ୍ଣିଂ ଅଫିସର ବାଲଟ୍ ପେପର ଇସ୍ୟୁ କରୁଥିଲେ, ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାର ରେକର୍ଡିଂ ଅପରାହ୍ଣ ୨:୦୦:୦୨ ରୁ ୨:28:୫୫ (୨୮ ମିନିଟ୍ ୫୩ ସେକେଣ୍ଡ) ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହି ୨୯ ମିନିଟ୍‌ର ସମୟ ସୀମା ମଧ୍ୟରେ କ୍ଲବ୍ ବାହାରର ଅଣ-ସଦସ୍ୟମାନେ ଆସି ଭୋଟ୍ ଦେଇଥିବା ଏବଂ କିଛି ସଦସ୍ୟ ଏକାଧିକ ବାର ଭୋଟ୍ ଦେଇଥିବା ନେଇ କ୍ଲବ୍ କରିଡର ଓ ଭୁବନେଶ୍ୱରର ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି।

ଅନ୍ୟପଟେ, ନିର୍ବାଚନରେ ସଭାପତି ଭାବେ ନିର୍ବାଚିତ ହୋଇଥିବା ଡଃ ପ୍ରଦୀପ୍ତ ମହାନ୍ତି (ଯିଏକି ୪୧୫ ଭୋଟ୍ ପାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଜୀବ ଶେଖର ସାହୁଙ୍କୁ ୧୫ ଭୋଟ୍‌ରେ ପରାସ୍ତ କରିଛନ୍ତି) ସେପ୍ଟେମ୍ବର ୧୬ ତାରିଖରେ ଭୁବନେଶ୍ୱର ସିଭିଲ୍ ଜଜ୍ କୋର୍ଟରେ ଏକ କାଭିଏଟ୍ ଆବେଦନ କରିଛନ୍ତି, ଯାହାକୁ ନେଇ କ୍ଲବ୍ ସଦସ୍ୟଙ୍କ ମଧ୍ୟରେ ଅସନ୍ତୋଷ ଆହୁରି ବଢ଼ିଛି। ପରାଜିତ ସଭାପତି ପ୍ରାର୍ଥୀ ରାଜୀବ ଶେଖର ସାହୁ ଏ ସମ୍ପର୍କରେ ରିଟର୍ଣ୍ଣିଂ ଅଫିସରଙ୍କ ଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ।

## ହାଇୱା ଧକ୍କାରେ ଚାଲିଗଲା କଲେଜ ଛାତ୍ରୀଙ୍କ ଜୀବନ

କ୍ଷତିପୂରଣ ଦାବିରେ ଉତ୍ତେଜନା

ଆଠଗଡ଼,୬।୧୦(ସଂଚାର ବ୍ୟୁରୋ): ଆଠଗଡ଼ ଚାନ୍ଦବାଲି ଛକରେ ମର୍ମନ୍ତୁଦ ଦୁର୍ଘଟଣା। କ୍ଲାସ୍ ସାରି ଘରକୁ ଫେରୁଥିବା ସମୟରେ ଚାନ୍ଦବାଲି ଛକରେ ୨ ଜଣ କଲେଜ ଛାତ୍ରୀଙ୍କୁ ଚାପିଦେଲା ହାଇୱା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ମୃତା




ଛାତ୍ରୀ ଜଣଙ୍କ ଆଠଗଡ଼ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢ଼ୁଥିଲେ। ତାଙ୍କ ଘର ଢେଙ୍କାନାଳର ଦେଓପଡ଼ା ଗାଁରେ ହୋଇଥିବା ବେଳେ ଦୁର୍ଘଟଣା ପରେ ଚାନ୍ଦବାଲି ଛକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆଠଗଡ଼ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟରୁ କ୍ଲାସ୍ ସାରି ୨ ଛାତ୍ରୀ ଘରକୁ ଫେରୁଥିଲେ। ତେବେ ଚାନ୍ଦବାଲି ଛକ ନିକଟରେ ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା ହାଇୱା। ଘଟଣାସ୍ଥଳରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଛାତ୍ରୀ ଗୁରୁତର ହୋଇଥିଲେ। ଗୁରୁତର ଛାତ୍ରୀଙ୍କୁ ଆଠଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଆଠଗଡ଼ ବିଧାୟକଙ୍କ ସମେତ କଲେଜ ପିଲା ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବରେଲିର ପାରମ୍ପରିକ ହସ୍ତଶିଳ୍ପକୁ ମିଳୁଛି ନୂଆ ବଜାର



ବରେଲି,୬।୧୦: ଉତ୍ତର ପ୍ରଦେଶର ବରେଲି ତାହାର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ଦକ୍ଷ କାରିଗର ଏବଂ ପାରମ୍ପରିକ ଶିଳ୍ପ ପାଇଁ ବେଶ ପରିଚିତ। ପିଢ଼ି ପରେ ପିଢ଼ି ଚାଲିଆସୁଥିବା ହସ୍ତଶିଳ୍ପ ପରମ୍ପରା ଆଜି ମଧ୍ୟ ହଜାର ହଜାର କାରିଗରଙ୍କ ଜୀବିକାର ମୁଖ୍ୟ ଆଧାର। ବିଶେଷକରି ବାଉଁଶ ଓ ବେତରେ ତିଆରି ବିଭିନ୍ନ ସାମଗ୍ରୀ ବରେଲିର ପାରମ୍ପରିକ କାରିଗରୀକୁ ଆଧୁନିକ ବଜାର ସହ ଯୋଡୁଛି। ବରେଲିର ଜରଦୋଜି କଢ଼େଇ ତାହାର ସୂକ୍ଷ୍ମ କାମ ଓ ଆକର୍ଷଣୀୟ ଡିଜାଇନ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଧାତୁର ଧାଗା, ଜରି, ସିକ୍ୱିନ୍, ମୋତି ଓ ବିଭିନ୍ନ ସାଜସଜ୍ଜା ସାମଗ୍ରୀ ବ୍ୟବହାର କରି କାରିଗରମାନେ ପୋଷାକ, ହୋମ୍ ଫର୍ନିଶିଂ ଓ ଫ୍ୟାଶନ୍ ସାମଗ୍ରୀରେ ହାତରେ ସୂକ୍ଷ୍ମ କଢ଼େଇ କରୁଛନ୍ତି।

ପାରମ୍ପରିକ କୌଶଳରେ ତିଆରି ହେଉଥିବା ଏହି ଜଟିଳ ଡିଜାଇନରେ କାରିଗରଙ୍କ ଦକ୍ଷତା, ଧୈର୍ଯ୍ୟ ଓ ସୃଜନଶୀଳତାର ପ୍ରତିଫଳନ ଦେଖିବାକୁ ମିଳେ। ଏହି କାରଣରୁ ବରେଲିର ଜରଦୋଜି ଉତ୍ପାଦର ଚାହିଦା ଦେଶୀୟ ବଜାର ସହ ବିଦେଶୀ ବଜାରରେ ମଧ୍ୟ ରହିଛି। ବରେଲିର ପାରମ୍ପରିକ ହସ୍ତଶିଳ୍ପରେ ବାଉଁଶ ଓ ବେତର କାମର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। କାରିଗରମାନେ ପ୍ରାକୃତିକ ବାଉଁଶ ଓ ବେତ ବ୍ୟବହାର କରି ଟୋକେଇ, ଫର୍ନିଚର, ଟ୍ରେ, ଲ୍ୟାମ୍ପଶେଡ୍, ଷ୍ଟୋରେଜ୍ ବକ୍ସ, ଘର ସଜାଣା ସାମଗ୍ରୀ ଓ ଅନ୍ୟାନ୍ୟ ଉପଯୋଗୀ ଜିନିଷ ପ୍ରସ୍ତୁତ କରୁଛନ୍ତି। ଏହି ସାମଗ୍ରୀଗୁଡ଼ିକରେ ପ୍ରାକୃତିକ ଉପାଦାନ ସହ କାରିଗରଙ୍କ ସୃଜନଶୀଳତାର ଚମତ୍କାର ସମନ୍ୱୟ ଦେଖାଯାଏ। ପରିବେଶ ଅନୁକୂଳ, ଟିକାଉ ଓ ଉପଯୋଗୀ ହୋଇଥିବାରୁ ଏଗୁଡ଼ିକର ଚାହିଦା ଘରୋଇ ବଜାର ସହ ରପ୍ତାନି ବଜାରରେ ମଧ୍ୟ ବଢ଼ୁଛି। ବରେଲିର ଜରଦୋଜି ଏବଂ ବାଉଁଶ-ବେତ ଶିଳ୍ପ ପାରମ୍ପରିକ କାରିଗରୀର ଦୁଇଟି ଭିନ୍ନ ରୂପକୁ ପ୍ରତିନିଧିତ୍ୱ କରୁଛି। ଜରଦୋଜି ମାଧ୍ୟମରେ ପୋଷାକ ଓ ଫ୍ୟାଶନ୍ ସାମଗ୍ରୀକୁ ଆକର୍ଷଣୀୟ କରାଯାଉଥିବା ବେଳେ ବାଉଁଶ ଓ ବେତରେ ଦୈନନ୍ଦିନ ବ୍ୟବହାର ସହ ଘର ସଜାଣା ପାଇଁ ବିଭିନ୍ନ ସାମଗ୍ରୀ ତିଆରି ହେଉଛି। ବଦଳୁଥିବା ବଜାର ଚାହିଦା ସହ ପାରମ୍ପରିକ ଶିଳ୍ପକୁ ଯୋଡ଼ିବା ଫଳରେ କାରିଗରମାନଙ୍କ ପାଇଁ ବ୍ୟବସାୟ ଓ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେଉଛି। ଏହା ବରେଲିର ସାଂସ୍କୃତିକ ପରିଚୟକୁ ସୁଦୃଢ଼ କରିବା ସହ ସ୍ଥାନୀୟ ଅର୍ଥନୀତିକୁ ମଧ୍ୟ ମଜବୁତ କରୁଛି।ବରେଲିର ପାରମ୍ପରିକ କାରିଗରୀ କେବଳ ଉତ୍ପାଦ ତିଆରିରେ ସୀମିତ ନୁହେଁ। ଏହା ପିଢ଼ି ପରେ ପିଢ଼ି ଚାଲିଆସୁଥିବା କୌଶଳ ଓ ସ୍ଥାନୀୟ ସଂସ୍କୃତିକୁ ଆଗକୁ ନେବାର ଏକ ମାଧ୍ୟମ। ଜରଦୋଜିର ଚମକ ଏବଂ ବାଉଁଶ-ବେତର ସରଳତା ବରେଲିର ହସ୍ତଶିଳ୍ପକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ପାରମ୍ପରିକ କୌଶଳ, ପ୍ରାକୃତିକ ସମ୍ପଦ ଓ ଆଧୁନିକ ବଜାରର ସମନ୍ୱୟ ମାଧ୍ୟମରେ ବରେଲିର କାରିଗରମାନେ ନିଜ ହୁନରକୁ ନୂଆ ସୁଯୋଗ ସହ ଯୋଡୁଛନ୍ତି। ଏହା ହସ୍ତଶିଳ୍ପ ଆଧାରିତ ବ୍ୟବସାୟକୁ ବଢ଼ାଇବା ସହ ସ୍ଥାନୀୟ ସ୍ତରରେ ଜୀବିକାର ସୁଯୋଗକୁ ମଧ୍ୟ ଅଧିକ ସୁଦୃଢ଼ କରୁଛି।

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୬,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୬,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୬,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୩୩୦ ଟଙ୍କା ଓ ୨୨ କ୍ୟାରଟେ ୧,୩୬,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୧୮୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୬,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ହ୍ରାସ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ମଙ୍ଗଳବାର ସୁନା ଓ ରୁପା ଦରରେ ବଡ଼ ହ୍ରାସ



ନୂଆଦିଲ୍ଲୀ,୬।୧୦: ମଙ୍ଗଳବାର(ଅକ୍ଟୋବର ୬) ସୁନା ଓ ରୁପା ମୂଲ୍ୟରେ ହ୍ରାସ ଘଟିଛି। ଇଣ୍ଡିଆ ବୁଲିଅନ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (IBJA) ଆନୁସାରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟରେ ୯୨୦ ଟଙ୍କା ହ୍ରାସ ପାଇଛି। ଫଳରେ ଦର ୧ ଲକ୍ଷ ୪୭ ହଜାର ଟଙ୍କାକୁ ଖସି ଆସିଛି। ସେହିପରି ଆଜି ରୁପା ମୂଲ୍ୟରେ ୩,୧୭୬ ଟଙ୍କା ହ୍ରାସ ପାଇ ଏକ କିଲୋଗ୍ରାମ ରୁପା ଦର ୨ ଲକ୍ଷ ୨୧ ହଜାର ଟଙ୍କା ହୋଇଛି। ଅକ୍ଟୋବର ମାସରେ ସୁନା ଓ ରୁପା ଦର କମ-ବେଶି ହେଉଥିବା ବେଳେ ସେପ୍ଟେମ୍ବରରେ ଉଭୟ ଧାତୁର ମୂଲ୍ୟ କମିଥିଲା। ସେପ୍ଟେମ୍ବର ମାସରେ ସୁନା ମୂଲ୍ୟରେ ୮ ହଜାର ଟଙ୍କା ହ୍ରାସ ପାଇଥିଲା। ରୁପା ମୂଲ୍ୟରେ ୧୫ ହଜାର କମିଥିଲା। ୩୧ ଅଗଷ୍ଟରେ ସୁନା ଦର ୧ ଲକ୍ଷ ୫୬ ହଜାର ଟଙ୍କା ଥିବା ବେଳେ ସେପ୍ଟେମ୍ବର ୩୦ରେ ଏହାର ଦାମ ହ୍ରାସ ପାଇ ୧ ଲକ୍ଷ ୪୮ ହଜାର ଟଙ୍କା ହୋଇଥିଲା। ସେହିପରି ଏକ କେଜି ରୁପା ଦର ୨.୩୭ ଲକ୍ଷରୁ ଖସି ୨.୨୦ ଲକ୍ଷ ଟଙ୍କା ହୋଇଯାଇଥିଲା। ବିଶେଷଜ୍ଞଙ୍କ କହିବା କଥା ହେଲା ବର୍ତ୍ତମାନ ସୁନା-ରୁପା ଦରରେ ଏମିତି ଉପର ତଳ ହୋଇପାରେ। ଆମେରିକା କେନ୍ଦ୍ରୀୟ ବ୍ୟାଙ୍କ ଫେଡରଲ ରିଜର୍ଭ ୩ ବର୍ଷରେ ପ୍ରଥମ ଥର ସୁଧ ହାର ବଢ଼ାଇଛି। ଏଣୁ ସୁନା ଦର ହ୍ରାସ ପାଉଛି। ତଥାପି ଯେହେତୁ ଆମେରିକା-ଇରାନ ଯୁଦ୍ଧ ଜାରି ରହିଛି, ତେଣୁ ନିବେଶକ ସୁନାକୁ ସୁରକ୍ଷିତ ନିବେଶ ଭାବେ ବାଛିପାରନ୍ତି। ତେବେ ନିବେଶକଙ୍କୁ ସତର୍କ ରହିବାକୁ ହେବ। ବଜାରରେ ବର୍ତ୍ତମାନ ଡାଉନ ଟ୍ରେଣ୍ଡ ଜାରି ରହିଛି। କେଉଁ ମୁହୂର୍ତ୍ତରେ ବି ବଡ଼ ହ୍ରାସ ହୋଇପାରେ। ଏହି ସମୟରେ ନିବେଶ କରିବା ଏକ ଭଲ ସୁଯୋଗ ହେବ।

# ଡାଇନିଂ ଟେବୁଲରେ ମହଙ୍ଗା ମାଡ଼!



ନୂଆଦିଲ୍ଲୀ, ୬।୧୦: ଘରର ମାସିକ ବଜେଟରେ ଖାଦ୍ୟ ସାମଗ୍ରୀର ବଢୁଥିବା ଦରର ପ୍ରଭାବ ହଠାତ୍ ଦେଖାଯାଏ ନାହିଁ। ଧୀରେ ଧୀରେ ଏହା ଘରର ରୋଷେଇ ଖର୍ଚ୍ଚକୁ ବଢ଼ାଇ ଦିଏ। ପିଆଜ, ଖାଇବା ତେଲ ଓ ଡାଲି ଭଳି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ବଢ଼ିଲେ ମାସ ଶେଷରେ ଏହାର ସିଧା ପ୍ରଭାବ ପରିବାର ବଜେଟ୍ ଉପରେ ପଡ଼େ। ତେବେ ଚଳିତ ସମୟରେ ସବୁ ଖାଦ୍ୟ ସାମଗ୍ରୀର ଦର ସମାନ ଭାବେ ବଢ଼ିନାହିଁ। ସରକାରୀ ତଥ୍ୟ ଅନୁସାରେ, ଅଗଷ୍ଟରେ ପିଆଜ ଦର ଗତବର୍ଷ ତୁଳନାରେ ୪୮.୨୭ ପ୍ରତିଶତ ବଢ଼ିଥିବା ବେଳେ ଟମାଟୋ ଦର ୩୧.୦୯ ପ୍ରତିଶତ ଏବଂ ଆଳୁ ଦର ୧୩.୧୪ ପ୍ରତିଶତ କମିଛି। କିନ୍ତୁ କିଛି ସାମଗ୍ରୀର ଦର କମିଥିଲେ ମଧ୍ୟ ଅନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ଏହା ପୂରଣ କରିପାରିନାହିଁ। ଫଳରେ ଖାଦ୍ୟ ମୁଦ୍ରାସ୍ଫୀତି ଜୁଲାଇର ୫.୫୨ ପ୍ରତିଶତରୁ ବଢ଼ି ଅଗଷ୍ଟରେ ୫.୯୫ ପ୍ରତିଶତରେ ପହଞ୍ଚିଛି। ଏହି ସମୟରେ ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ୪.୪୫ ପ୍ରତିଶତରୁ ବଢ଼ି ୪.୮୨ ପ୍ରତିଶତ ହୋଇଛି। ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ ଖାଦ୍ୟ ସାମଗ୍ରୀ ଦର ତୁରନ୍ତ କମିବା ଭଳି ସ୍ଥିତି ଦେଖାଯାଉନାହିଁ। ୩୬୦ ୱାନ୍ ଆସେଟର ସିନିୟର ଇକୋନୋମିଷ୍ଟ ବିକ୍ରମ ଛାବ୍ରାଙ୍କ ଆକଳନ ଅନୁସାରେ, ଆଗାମୀ ୩ରୁ ୬ ମାସ ମଧ୍ୟରେ ଖାଦ୍ୟ ମୁଦ୍ରାସ୍ଫୀତି ପ୍ରାୟ ୬ ପ୍ରତିଶତରୁ ବଢ଼ି ୭ରୁ ୮ ପ୍ରତିଶତ ପର୍ଯ୍ୟନ୍ତ ଯାଇପାରେ। ଆଇସିଆରଏ (ICRA)ର ଚିଫ୍ ଇକୋନୋମିଷ୍ଟ ଅଦିତି ନାୟରଙ୍କ ଅନୁମାନ ମଧ୍ୟ ଚିନ୍ତା ବଢ଼ାଇଛି। ତାଙ୍କ ମତରେ, ଅକ୍ଟୋବର ୨୦୨୬ ସୁଦ୍ଧା ଖାଦ୍ୟ ମୁଦ୍ରାସ୍ଫୀତି ୭ ପ୍ରତିଶତ ଉପରକୁ ଯାଇପାରେ। ଚଳିତ ଆର୍ଥିକ ବର୍ଷର ବାକି ସମୟରେ ମଧ୍ୟ ଏହା ୫ ପ୍ରତିଶତରୁ ଅଧିକ ରହିବାର ଆଶଙ୍କା ରହିଛି। ତାଙ୍କ ମତରେ, ମୌସୁମୀ ବର୍ଷାର ଅସମାନ ବଣ୍ଟନ ଓ ଏହାର ଫସଲ ଉତ୍ପାଦନ ଉପରେ ପ୍ରଭାବକୁ ନେଇ ଅନିଶ୍ଚିତତା ରହିଛି। ତେଣୁ ଆଗକୁ ଖାଦ୍ୟ ଦର ଆହୁରି ବଢ଼ିବାର ଆଶଙ୍କାକୁ ଏଡ଼ାଇ ହେବନାହିଁ। ପିଆଜ ଦରରେ ହଠାତ୍ ବୃଦ୍ଧି ଯୋଗାଣ ବ୍ୟବସ୍ଥାରେ ସାମାନ୍ୟ ବାଧା କିପରି ରୋଷେଇ ଘର ପର୍ଯ୍ୟନ୍ତ ପହଞ୍ଚିଥାଏ, ତାହାର ଏକ ଉଦାହରଣ। ପିଏଚଡିସିସିଆଇର ଜୁନେଜାଙ୍କ ଅନୁସାରେ, ପିଆଜର ପାଇକାରୀ ମୂଲ୍ୟ ବଢ଼ିଲେ ଖୁଚୁରା ବଜାରରେ ଏହାର ପ୍ରଭାବ ଶୀଘ୍ର ଦେଖାଯାଏ। କାରଣ ପିଆଜ ଘରେ ନିୟମିତ ବ୍ୟବହାର ହେଉଥିବା ସାମଗ୍ରୀ ଏବଂ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ନିୟମିତ ଭାବେ ଷ୍ଟକ୍ ଭରନ୍ତି। ତେବେ ପାଇକାରୀ ମୂଲ୍ୟ ବୃଦ୍ଧିର ପୂରା ପ୍ରଭାବ ସିଧାସଳଖ ଖୁଚୁରା ଦରରେ ପଡ଼େ ନାହିଁ। ପରିବହନ, ଷ୍ଟୋରେଜ୍, ହ୍ୟାଣ୍ଡଲିଂ, ନଷ୍ଟ ହେବାର ହାର ଏବଂ ପାଇକାରି ଓ ଖୁଚୁରା ବ୍ୟବସାୟୀଙ୍କ ମାର୍ଜିନ୍ ମଧ୍ୟ ଅନ୍ତିମ ଦର ନିର୍ଦ୍ଧାରଣ କରେ।

ସାଧାରଣତଃ ପନିପରିବା ଦର ବୃଦ୍ଧି ପ୍ରାୟ ଦୁଇ ମାସ ଯାଏଁ ରହିଥାଏ। କିନ୍ତୁ ପିଆଜ ଦର ବୃଦ୍ଧିର ଏହା ତୃତୀୟ ମାସ ବୋଲି ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଚିଫ୍ ଇକୋନୋମିଷ୍ଟ ଗୌରା ସେନଗୁପ୍ତା କହିଛନ୍ତି। ଏହା ସହିତ ପାର୍ବଣ ଋତୁ ଚାଲିଥିବାରୁ ଚାହିଦା ମଧ୍ୟ ଅଧିକ ରହିଥିବା ଆଶଙ୍କା କରାଯାଉଛି। ତେବେ ନୂଆ ପନିପରିବା ଫସଲ ବଜାରକୁ ଆସିବା ଓ ସରକାରଙ୍କ ପକ୍ଷରୁ ଯୋଗାଣ ବଢ଼ାଇବା ଭଳି ପଦକ୍ଷେପ ନିଆଗଲେ ପିଆଜ ଦରରେ ଖୁବଶୀଘ୍ର ଆଶ୍ୱସ୍ତି ମିଳିପାରେ। ଖାଦ୍ୟ ମୁଦ୍ରାସ୍ଫୀତି ପାଇଁ ପାଣିପାଗ ଏବେ ସବୁଠାରୁ ବଡ଼ ଚିନ୍ତାର କାରଣ ପାଲଟିଛି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ମଧ୍ୟ ଏନେଇ ଅନେକ ଥର ସତର୍କ କରିଛି। ଏପ୍ରିଲରେ ଆରବିଆଇ କହିଥିଲା ଯେ ଅଧିକ ଏନର୍ଜି ମୂଲ୍ୟ ଏବଂ ପାଣିପାଗରେ ସମ୍ଭାବ୍ୟ ପରିବର୍ତ୍ତନ ଖାଦ୍ୟ ସାମଗ୍ରୀ ଦର ଉପରେ ମୁଦ୍ରାସ୍ଫୀତିର ଚାପ ବଢ଼ାଇପାରେ। ଜୁନରେ ମଧ୍ୟ ମନିଟାରୀ ପଲିସି କମିଟି ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସାଧାରଣଠାରୁ କମ୍ ରହିବାର ଆଶଙ୍କା ଏବଂ ଏଲ୍ ନିନୋ କାରଣରୁ ଖାଦ୍ୟ ଯୋଗାଣକୁ ନେଇ ଅନିଶ୍ଚିତତା ଥିବା କହିଥିଲା।

ସବୁ ଫସଲ ପାଇଁ ବିପଦ ସମାନ ନୁହେଁ। କ୍ରିସିଲ୍ ଇଣ୍ଟେଲିଜେନ୍ସ (CRISIL Intelligence)ର ଡାଇରେକ୍ଟର ପୂଷଣ ଶର୍ମାଙ୍କ ଅନୁସାରେ, ତୈଳବୀଜ, ବିଶେଷକରି ସୋୟାବିନ୍ ଓ ବାଦାମ ଦର ବଢ଼ିବାର ଆଶଙ୍କା ରହିଛି। କମ୍ ପ୍ରାରମ୍ଭିକ ଷ୍ଟକ୍, ତେଲ ପାଇଁ ଅଧିକ ଚାହିଦା ଏବଂ ବିଶ୍ୱ ବଜାରରେ ଖାଦ୍ୟ ତେଲର ଉଚ୍ଚ ଦର ଏହାର ପ୍ରମୁଖ କାରଣ। ଘରୋଇ ଓ ରପ୍ତାନି ଚାହିଦା ମଜବୁତ ରହିଥିବାରୁ ଧାନ ଦର ମଧ୍ୟ ସ୍ଥିର ରହିପାରେ। ଅନ୍ୟପକ୍ଷରେ, ଗତବର୍ଷ ତୁଳନାରେ ଚାଉଳ ଚାଷ କମିଥିବାରୁ ଏହାର ଦର ଉପରେ ଚାପ ପଡ଼ିପାରେ। ଡାଲି ଚାଷ ଗତବର୍ଷ ତୁଳନାରେ ଅଧିକ ହୋଇଥିଲେ ମଧ୍ୟ ଅଧିକ ଚାଷ ଅର୍ଥ ଅଧିକ ଉତ୍ପାଦନ ନୁହେଁ। ମାଟିରେ ଆର୍ଦ୍ରତା, ପାଣିପାଗ ଓ କୃଷିର ଉପଲବ୍ଧତା ଉତ୍ପାଦନକୁ ପ୍ରଭାବିତ କରିପାରେ। ଅର୍ଥନୀତିଜ୍ଞମାନଙ୍କ ମତରେ, ହରଡ଼ ଡାଲି ଓ ମକା ଭଳି ଫସଲ ପାଣିପାଗର ଅନିୟମିତତା ଯୋଗୁଁ ଅଧିକ ପ୍ରଭାବିତ ହୋଇପାରନ୍ତି। ତେବେ ଦୀର୍ଘ ସମୟ ରହିପାରୁଥିବା ଖାଦ୍ୟଶସ୍ୟରେ ଅଧିକ ବଫର ଷ୍ଟକ୍ ଥିବାରୁ ଏହାର ଦରରେ ବଡ଼ ଅସ୍ଥିରତା ହେବାର ଆଶଙ୍କା କମ୍ ରହିଛି।

# ବଢ଼ିଲା ଇଣ୍ଡିଗୋ ଫ୍ୟୁଏଲ ସରଚାର୍ଜ

ମୁମ୍ବାଇ, ୬।୧୦:ବିମାନ ଯାତ୍ରୀଙ୍କ ପାଇଁ ସାମ୍ନାକୁ ଆସିଲା ବଡ଼ ଖବର। ଦୀପାବଳି ଏବଂ ଛଟ ପୂଜା ପୂର୍ବରୁ ବିମାନଯାତ୍ରୀଙ୍କୁ ବଡ଼ ଝଟକା ଲାଗିଛି। ଦେଶର ସବୁଠାରୁ ବଡ଼ ଏୟାରଲାଇନ୍ ଇଣ୍ଡିଗୋ ଫ୍ୟୁଏଲ ସରଚାର୍ଜ ବୃଦ୍ଧି ଘୋଷଣା କରିଛି। ଜେଟ୍ ଇନ୍ଧନର ବୃଦ୍ଧିକୁ ଦୃଷ୍ଟିରେ ରଖି ଘରୋଇ ଏବଂ ଅନ୍ତର୍ଜାତୀୟ ବିମାନ ପାଇଁ ଏହି ପଦକ୍ଷେପ ନିଆଯାଇଛି। ନୂଆ ଫ୍ୟୁଏଲ ସରଚାର୍ଜ ୬ ଅକ୍ଟୋବର ୨୦୨୬ରୁ ଲାଗୁ ହେବ। ଫଳରେ ଯାତ୍ରୀଙ୍କୁ ବିମାନ ଟିକେଟ୍ ପାଇଁ ପୂର୍ବାପେକ୍ଷା ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ।



ଇଣ୍ଡିଗୋ ଘରୋଇ ଇଡ଼ାଣର ଫ୍ୟୁଏଲ ସରଚାର୍ଜରେ ୧୦୦ ଟଙ୍କାରୁ ୩୫୦ ଟଙ୍କାକୁ ବୃଦ୍ଧି କରିଛି। ଯାତ୍ରାର ଦୂରତା ଅନୁସାରେ ଏହି ଚାର୍ଜ ଭିନ୍ନ ରହିବ। ଅର୍ଥାତ୍ ଅଳ୍ପ ଦୂରତାର ବିମାନ ଯାତ୍ରା ଓ ଅଧିକ ଦୂରତାର ବିମାନ ଯାତ୍ରା ପାଇଁ ଅଲଗା ଫ୍ୟୁଏଲ ସରଚାର୍ଜ ଦେବାକୁ ପଡ଼ିବ। ନୂଆ ଦର ୬ ଅକ୍ଟୋବରରୁ ଲାଗୁ ହେବାକୁ ଥିବାରୁ ପର୍ବପର୍ବାଣୀ ସମୟରେ ଯାତ୍ରା କରିବାକୁ ଥିବା ଲୋକଙ୍କ ବଜେଟ୍ ଉପରେ ଏହାର ପ୍ରଭାବ ପଡ଼ିପାରେ। କେବଳ ଏତିକି ନୁହେଁ ବରଂ ଇଣ୍ଡିଗୋ ଘରୋଇ ବିମାନ ସହିତ ଅନ୍ତରାଷ୍ଟ୍ରୀୟ ଉଡ଼ାଣ ପାଇଁ ମଧ୍ଯ ଫ୍ୟୁଏଲ ସରଚାର୍ଜରେ ପରିବର୍ତ୍ତନ ଆଣିଛି। କିନ୍ତୁ ବିଦେଶ ଯାତ୍ରା ପାଇଁ କେତେ ସରଚାର୍ଜ ପଡ଼ିବ, ତାହା ରୁଟ୍ ଓ ଯାତ୍ରା ଦୂରତା ଉପରେ ନିର୍ଭର କରିବ। ତେଣୁ ବିଦେଶ ଯାତ୍ରା ପାଇଁ ଟିକେଟ୍ ବୁକିଂ କରୁଥିବା ଯାତ୍ରୀମାନେ ଏହି ବଢ଼ିଥିବା ଖର୍ଚ୍ଚକୁ ଧ୍ୟାନରେ ରଖିବାକୁ ପଡ଼ିବ। ଇଣ୍ଡିଗୋ କମ୍ପାନୀ ଅନୁସାରେ, ଜେଟ୍ ଫ୍ୟୁଏଲର ମୂଲ୍ୟ ଲଗାତାର ବୃଦ୍ଧି ପାଉଛି। ଇନ୍ଧନର ମୂଲ୍ୟ ମାସିକ ଭିତ୍ତିରେ ୧୪%ରୁ ଅଧିକ ବଢ଼ିଛି। ଏହି କାରଣରୁ ATFର ମୂଲ୍ୟ ପ୍ରାୟ ଏକ ଦଶକ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏୟାରଲାଇନ୍ସଗୁଡ଼ିକର ମୋଟ ପରିଚାଳନା ଖର୍ଚ୍ଚରେ ବିମାନ ଇନ୍ଧନର ବଡ଼ ଭାଗ ରହିଥାଏ। ତେଣୁ ଇନ୍ଧନ ଦର ବଢ଼ିଲେ ବିମାନ ଚଳାଚଳ ଖର୍ଚ୍ଚ ମଧ୍ଯ ବଢ଼ିଯାଏ। ଏହି ବଢୁଥିବା ଖର୍ଚ୍ଚର ଭାରକୁ ସମ୍ଭାଳିବା ପାଇଁ ଇଣ୍ଡିଗୋ ଫ୍ୟୁଏଲ ସରଚାର୍ଜ ବଢ଼ାଇଥିବା କୁହାଯାଇଛି।

# ଓଡ଼ିଶା ଟ୍ରାଭେଲ ବଜାରରେ ପଦ୍ମାବତୀ

ଭୁବନେଶ୍ୱର,୬।୧୦:ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନାକୁ ଦେଶ ଓ ବିଦେଶର ପର୍ଯ୍ୟଟନ ବଜାର ସହ ଯୋଡ଼ିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ଟ୍ରାଭେଲ ବଜାର'ର ସପ୍ତମ ସଂସ୍କରଣରେ ଉତ୍ତର ଓଡ଼ିଶାରୁ ଅଂଶଗ୍ରହଣ କରିଛି ପଦ୍ମାବତୀ ଆମ୍ୟୁଜମେଣ୍ଟ ୱାଟର ପାର୍କ ଆଣ୍ଡ ରିସର୍ଟ। ଅକ୍ଟୋବର ୩ରୁ ୫ ପର୍ଯ୍ୟନ୍ତ ଚାଲିଥିବା ଏହି ପର୍ଯ୍ୟଟନ ମଞ୍ଚରେ ପଦ୍ମାବତୀ ନିଜର ପର୍ଯ୍ୟଟନ, ମନୋରଞ୍ଜନ ଓ ଆତିଥ୍ୟର ସମନ୍ୱିତ ଅନୁଭୂତିକୁ ପ୍ରଦର୍ଶିତ କରୁଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ପର୍ଯ୍ୟଟକଙ୍କ ପାଇଁ ଏକ ଆଦର୍ଶ ଗନ୍ତବ୍ୟ ଭାବେ ଗଢ଼ିତୋଳିବା ସହ 'ଅତିଥି ଦେବୋ ଭବଃ' ଭାବନାକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ବିକାଶ, ନୂଆ ନିବେଶ ଓ ଗୁଣାତ୍ମକ ଆତିଥ୍ୟକୁ ପ୍ରୋତ୍ସାହନ ଦେବା ଦିଗରେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ପର୍ଯ୍ୟଟନ ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି କରୁଛି। ଏହି ବ୍ୟାପକ ପର୍ଯ୍ୟଟନ ପରିପ୍ରେକ୍ଷିରେ ପଦ୍ମାବତୀ ଉତ୍ତର ଓଡ଼ିଶାର ଏକ ଆଧୁନିକ ପରିବାରଭିତ୍ତିକ ପର୍ଯ୍ୟଟନ ଓ ମନୋରଞ୍ଜନ ଗନ୍ତବ୍ୟ ଭାବେ ନିଜର ପରିଚୟକୁ ଆହୁରି ମଜବୁତ କରିବାର ପ୍ରୟାସ କରୁଛି। ବାଲେଶ୍ୱରରେ ଅବସ୍ଥିତ ଏହି ପ୍ରତିଷ୍ଠାନରେ ୱାଟର ପାର୍କ, ଡ୍ରାଏ ରାଇଡ୍, ବୋଟିଂ, ରିସର୍ଟ, ବ୍ୟାଙ୍କେଟ୍, ଆୟୁରବେଦିକ୍ ପାର୍କ, ଓ ରେଷ୍ଟୁରାଣ୍ଟ ଭଳି ମନୋରଞ୍ଜନର ବିଭିନ୍ନ ସୁବିଧା ଏକାଠି ଉପଲବ୍ଧ କରି ପାରିଛି । ଫଳରେ ପରିବାର, ବନ୍ଧୁବର୍ଗ ଓ ବିଭିନ୍ନ ଦଳ ପାଇଁ ମନୋରଞ୍ଜନ ସହ ବିଶ୍ରାମ




ଓ ଆତିଥ୍ୟର ଏକ ସମ୍ପୂର୍ଣ୍ଣ ଅନୁଭୂତି ମିଳୁଛି।ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଉତ୍ତର ଓଡ଼ିଶାର ନିଜସ୍ୱ ଗୁରୁତ୍ୱ ରହିଛି। ପ୍ରାକୃତିକ ସମ୍ପଦ, ସମୁଦ୍ରତଟ, ଐତିହ୍ୟ, ସଂସ୍କୃତି ଓ ସ୍ଥାନୀୟ ଜୀବନଶୈଳୀ ସହ ଆଧୁନିକ ମନୋରଞ୍ଜନ ଓ ଆତିଥ୍ୟକୁ ଯୋଡ଼ିବାରେ ଏହି ଅଞ୍ଚଳରେ ବିପୁଳ ସୁଯୋଗ ରହିଛି। ପଦ୍ମାବତୀ ଏହି ସମ୍ଭାବନାକୁ ଆହୁରି ବ୍ୟାପକ କରିବା ସହ ପର୍ଯ୍ୟଟନ ବଜାରକୁ ଯୋଡ଼ିବା ଦିଗରେ କାର୍ଯ୍ୟ କରୁଛି। ପଦ୍ମାବତୀ ଆମ୍ୟୁଜମେଣ୍ଟ ୱାଟର ପାର୍କ ଆଣ୍ଡ ରିସର୍ଟର ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ମୌସମ ସିଂହ କହିଛନ୍ତି ଯେ, ଓଡ଼ିଶା ଟ୍ରାଭେଲ ବଜାର ଭଳି ଏକ ବଡ଼ ମଞ୍ଚରେ ପଦ୍ମାବତୀ ମାଧ୍ୟମରେ ଉତ୍ତର ଓଡ଼ିଶାର ପର୍ଯ୍ୟଟନ ଓ ମନୋରଞ୍ଜନର ସମ୍ଭାବନାକୁ ଉପସ୍ଥାପନ କରିବା ଆମ ପାଇଁ ଏକ ଖୁସିର ବିଷୟ। ଆମେ ବିଶ୍ୱାସ କରୁଛୁ ଯେ ଓଡ଼ିଶାକୁ ଆସୁଥିବା ପର୍ଯ୍ୟଟକ କେବଳ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଦେଖିବା ନୁହେଁ, ଏକ ଭଲ ଅନୁଭୂତି ନେଇ ଫେରିବାକୁ ଚାହାଁନ୍ତି।

## ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପିର କର୍ମୀ ସମ୍ମିଳନୀ

*ଆଗାମୀ ନିର୍ବାଚନ ପାଇଁ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ*



ଟିଟିଲାଗଡ଼,୬।୧୦ (ସଂଚାର ବ୍ୟୁରୋ): ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାଥନପଲା ଡ୍ୟାମ୍ ପରିସରରେ ବିଜେପିର ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବରିଷ୍ଠ ବିଜେପି ନେତା ମହେନ୍ଦ୍ର ସିଂ ଠାକୁର ଯୋଗଦେବା ସହ ଗୁଡ଼ଭେଲା, ସଇନ୍ତଲା ଟିଟିଲାଗଡ଼ ବ୍ଲକ ର ଶତାଧିକ କର୍ମୀ ଉପସ୍ଥିତ ଥିବା ବେଳେ ଆଗାମୀ ଦିନରେ ଦଳକୁ ଅଧିକ ସୁଦୃଢ଼ କରିବା ସହ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ସମ୍ମିଳନୀରେ ଦଳର ସାଂଗଠନିକ ସ୍ଥିତି, ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ତୃଣମୂଳସ୍ତରରେ ଦଳୀୟ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ନେଇ ଆଲୋଚନା ହୋଇଥିଲା। ବୁଥ୍‌ସ୍ତରରୁ ସଂଗଠନକୁ ମଜବୁତ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଦଳ ସହ ଯୋଡ଼ିବା ପାଇଁ କର୍ମୀମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ।

ବିଧାୟକ ନବୀନ ଜୈନ କର୍ମୀମାନଙ୍କ ସହ ବିଭିନ୍ନ ସାଂଗଠନିକ ବିଷୟରେ ଆଲୋଚନା ହୋଇଥିଲା ଏହି ସମୟରେ ଗୁଡ଼ଭେଲା ବ୍ଲକ ବିଧାୟକ ପ୍ରତିନିଧି ଶରତ ସାହୁ, ତୁଷୁରା ଏନଏସି ଜିତେନ୍ଦ୍ର ମହାପାତ୍ର, ଅମରେଶ କେଡ଼ିଆ, ପ୍ରଦୀପ ସାହୁ, ଖଗେଶ୍ୱର ରଣା ସଇଁତଲା ବ୍ଲକ ବିଧାୟକ ପ୍ରତିନିଧି ବିମଳ ଶର୍ମା, ସଇଁତଲା ବେଲଗାଁ ଜୋନ ମଣ୍ଡଳସଭାପତି ବିରଞ୍ଚି ପୁଟେଲ,ପୂର୍ବତନ ଟିକ୍ରାପଡା ମଣ୍ଡଳ ସଭାପତି ପ୍ରେମା ସ୍ୱାଇଁ,ଟିଟିଲାଗଡ଼ ବ୍ଲକ ଦୁର୍ଗା ଗୁପ୍ତା, ଦିନ ପଧାନ, ପବିତ୍ର ସାହୁ, ପିଙ୍କୁ ସାହୁ ହରି ନାଗ, ରଞ୍ଜନ ଆଡ଼ୟୁଆଡେ ଙ୍କ ସମେତ ଗୁଡଭେଲା, ସଇଁତଲା, ଟିଟିଲାଗଡ଼ ବ୍ଲକ ର ବିଜେପି କର୍ମୀ ମାନେ ଉପସ୍ଥିତ ଥିଲେ

## ଉମରକୋଟ ଓ ଚନ୍ଦାହାଣ୍ଡି ଚାଷୀଙ୍କ ଧର୍ମଗଡ଼ ପରିଦର୍ଶନ



ନବରଙ୍ଗପୁର,ଉମରକୋଟ, ୬।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଓ ଜଳବାୟୁ ସହନଶୀଳ କୃଷି ଯୋଜନା ୨୦୨୬-୨୭ ଅଧୀନରେ ନବରଙ୍ଗପୁର ଜିଲ୍ଲାର ଚାଷୀମାନଙ୍କୁ ଆଧୁନିକ କୃଷି ଓ ଉଦ୍ୟାନ କୃଷି ପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ପ୍ରଦାନ ଲକ୍ଷ୍ୟରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ଼କୁ ଏକ ଅଭିଜ୍ଞତା ବିନିମୟ ପରିଦର୍ଶନ ଆୟୋଜିତ ହୋଇଥିଲା। ଏହି ପରିଦର୍ଶନରେ ଉମରକୋଟ ଓ ଚନ୍ଦାହାଣ୍ଡି ବ୍ଲକର ମୋଟ ୧୦୦ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ଉମରକୋଟ ବ୍ଲକର କୋପେନା ଗ୍ରାମ ପଞ୍ଚାୟତରୁ ୪୦ ଜଣ, ଗୋନା ଗ୍ରାମ ପଞ୍ଚାୟତରୁ ୪୦ ଜଣ ଏବଂ ଚନ୍ଦାହାଣ୍ଡି ବ୍ଲକ ଧୋଡିପାଣି ଗ୍ରାମ ପଞ୍ଚାୟତରୁ ୨୦ ଜଣ ଚାଷୀ ଏଥିରେ ସାମିଲ ହୋଇଥିଲେ।

ଚାଷୀମାନଙ୍କ ସହ ଉମରକୋଟ ଏଏଚ୍‌ଓ ଦିବ୍ୟଜ୍ୟୋତି ସ୍ୱାଇଁ ଓ ରାଇଘର ଏଏଚ୍‌ଓ ଜିନ୍ ଲିଙ୍କନ ମେହେର ଉପସ୍ଥିତ ରହି ପରିଦର୍ଶନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଧର୍ମଗଡ଼ରେ ଏଏଚ୍‌ଓ ପ୍ରତିଭା ନାୟକ ଚାଷୀମାନଙ୍କୁ ବିଭିନ୍ନ ବିଷୟରେ ବୈଷୟିକ ମାର୍ଗଦର୍ଶନ ଦେଇଥିଲେ। ବିଶେଷକରି ଚାଷୀମାନଙ୍କୁ ତୈଳପାମ୍ ଚାଷର ପ୍ରଣାଳୀ, ପରିଚାଳନା ଓ ଆଧୁନିକ ଚାଷ ପଦ୍ଧତି ସମ୍ପର୍କରେ ଅବଗତ କରାଯାଇଥିଲା। ଏଥିସହ ଚାଷୀମାନେ କୋଲ୍ଡ ରୁମ୍ ଓ କୋଲ୍ଡ ଷ୍ଟୋରେଜ୍ ପରିଦର୍ଶନ କରି ଫସଲ ଅମଳ ପରବର୍ତ୍ତୀ ସମୟରେ ଉତ୍ପାଦର ଗୁଣବତ୍ତା ଓ ସଂରକ୍ଷଣ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ଏହା ଦ୍ୱାରା ଅମଳ ପରେ ଫସଲ ନଷ୍ଟ ହ୍ରାସ କରିବା ସହ ଉତ୍ପାଦର ସଂରକ୍ଷଣ ଅବଧି ବୃଦ୍ଧି କରାଯାଇପାରିବ ବୋଲି ବୁଝାଇ ଦିଆଯାଇଥିଲା।

ଏହି ଅବସରରେ ସାମୂହିକ ବିପଣନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ଚାଷୀମାନେ ନିଜ ଉତ୍ପାଦକୁ ଏକତ୍ରିତ କରି ସଂଗଠିତ ଭାବେ ବଜାରକୁ ନେବା, ଉନ୍ନତ ବଜାର ସୁବିଧା ହାସଲ କରିବା ଏବଂ ଉତ୍ପାଦର ଉଚିତ ମୂଲ୍ୟ ପାଇବା ପାଇଁ ସାମୂହିକ ପ୍ରୟାସର ଗୁରୁତ୍ୱ

## ୧୨ରେ ରାଇରଙ୍ଗପୁରଠାରେ ଅନୁଷ୍ଠିତ ହେବ ଯୁଗ୍ମ ଜନଶୁଣାଣି ଶିବିର

ବାରିପଦା, ୬।୧୦ (ସଂଚାର ବ୍ୟୁରୋ): ଜିଲ୍ଲା କାର୍ଯ୍ୟାଳୟର ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଅକ୍ଟୋବର ମାସ ଦ୍ୱିତୀୟ ସୋମବାର ତା ୧୨-୧୦-୨୦୨୬ ରିଖ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। କାର୍ଯ୍ୟ ସୂଚୀ ଅନୁଯାୟୀ ଉକ୍ତ ଦିନ ଜନ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି /ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଏଣୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟି ଉପଖଣ୍ଡ ଅଧିନସ୍ଥ ୭ଟି ବ୍ଲକ ଓ ରାଇରଙ୍ଗପୁର ସହରାଞ୍ଚଳର ଜନସାଧାରଣବୃନ୍ଦ ନିର୍ଧାରିତ ସ୍ଥାନ,ତାରିଖ ଓ ସମୟରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ସମ୍ପର୍କିତ ଆପତ୍ତି ଅଭିଯୋଗ ପତ୍ର ଗୁଡିକ ଦାଖଲ କରିପାରିବେ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚୀତ କରାଯାଉଛି।

# ୪ ବର୍ଷ ପରେ ବି ମରାମତି ହେଉନି ନଳକୂପ

### ଅବହେଳା ସ୍ୱୀକାର କଲେ ସହକାରୀ ଯନ୍ତ୍ରୀ

### ନଳକୂପ ମରାମତି ହେବ କେବେ ?



ବାଲିଆପାଳ,୬।୧୦ (ସଂଚାର ବ୍ୟୁରୋ): ଗ୍ରାମାଞ୍ଚଳରେ ସୁଲଭ ପାନୀୟ ଜଳ ଯୋଗାଣ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ବାଲିଆପାଳ ବ୍ଲକର ବାଲିକୁଟି ପଞ୍ଚାୟତ ଦକ୍ଷିଣ ମହାବଳା ଗ୍ରାମର ମହାନ୍ତି ସାହିରେ ଦୀର୍ଘ ୪ ବର୍ଷ ଧରି ଏକ ନଳକୂପ ଅଚଳ ହୋଇ ପଡିଛି। ନଳକୂପରୁ ଆଇରନ ମିଶା ଗୋଳିଆ ପାଣି ବାହାରୁଥିବା ସହ ଏହାର ବିଭିନ୍ନ ସ୍ଥାନରେ କ୍ଷତ ଥିବାରୁ ସରୀସୃପ ପଶିବାର ଆଶଙ୍କା ରହିଛି । ଏହି ନଳକୂପ ଉପରେ ନିର୍ଭରଶୀଳ ପ୍ରାୟ ୧୫ ପରିବାର ଏବେ ୫୦୦ ମିଟରରୁ ୧ କିଲୋମିଟର ଦୂରରୁ ପାଣି ଆଣୁଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବସୁଧା ସହାୟତା ନମ୍ବର ୧୯୧୬ ଓ 'ଆମ ସାଥୀ' ଆପ୍‌ରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ନଳକୂପ ମରାମତି ହୋଇନାହିଁ। ଅଭିଯୋଗ ଗୁଡ଼ିକୁ ବନ୍ଦ କରିଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏନେଇ ବାଲିଆପାଳ ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂଗଠନର ସହକାରୀ ଯନ୍ତ୍ରୀ ପଙ୍କଜ କୁମାର ତ୍ରିପାଠୀଙ୍କୁ ପଚାରିବାରୁ, ସେ ଦାୟିତ୍ୱହୀନତାକୁ ସ୍ୱୀକାର କରିବା ସହ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ୯ ବର୍ଷ ମଧ୍ୟ ଲାଗିପାରେ ବୋଲି କହିଥିବା ଅଭିଯୋଗ ହୋଇଛି । ପାଣ୍ଠି ଅଭାବ ନେଇ ସେ ସରକାରଙ୍କ ଉପରେ ମଧ୍ୟ ଦୋଷ ଲଦିଥିବା ଜଣାପଡିଛି।

କେବଳ ମହାବଳା ନୁହେଁ, ବାଲିଆପାଳ ବ୍ଲକର କୁଣ୍ଡୁଳି, ନିମପଦା, ଦାଣ୍ଡିପଦା ଆଦିବାସୀ ସାହି ଓ ରେମୁ ଭଳି ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ପାନୀୟ ଜଳ ସମସ୍ୟା ଥିବା ଅଭିଯୋଗ ହୋଇଛି । କୁଣ୍ଡୁଳି ଗ୍ରାମର ସଚେତନ ଯୁବକ ମନୋଜ କୁମାର ବେହେରା ଏବଂ ରେମୁ ଗ୍ରାମର ଜିତେନ୍ଦ୍ର ବିଶ୍ୱାଳ ନିଜ ଅଞ୍ଚଳର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଫଳ ଶୂନ ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ ପ୍ରଶାସନର କାର୍ଯ୍ୟଦକ୍ଷତା ଏବଂ ସରକାରଙ୍କ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଉପରେ ସେମାନେ ପ୍ରଶ୍ନ ଉଠାଉଛନ୍ତି।

ସମସ୍ୟା ସମ୍ପର୍କରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପଞ୍ଚାୟତିରାଜ ବିଭାଗର ସଚିବ, ବାଲେଶ୍ୱର ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ 'ଏକ୍ସ' ମାଧ୍ୟମରେ ଅଡିଓ ସହ ଅବଗତ କରାଇଛନ୍ତି। ତେବେ ୪ ବର୍ଷ ଧରି ଅଚଳ ନଳକୂପ କେବେ ଠିକ୍ ହେବ? ଲୋକଙ୍କୁ ଆଉ କେତେ ବର୍ଷ ପାଣି ପାଇଁ ଅପେକ୍ଷା କରିବାକୁ ପଡିବ— ଏହା ଏବେ ବଡ଼ ପ୍ରଶ୍ନ।

## ଜିଲ୍ଲାସ୍ତରୀୟ ସେବା ଜ୍ୟୋତି ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ




ନବରଙ୍ଗପୁର, ୬।୧୦ (ସଂଚାର ବ୍ୟୁରୋ): ସେବା ସଂକଳ୍ପ ଅଭିଯାନ ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୭ ତାରିଖରେ ନବରଙ୍ଗପୁର ଜିଲ୍ଲାର ଉମରକୋଟଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ 'ସେବା ଜ୍ୟୋତି ଯାତ୍ରା'ର ସୁଚାରୁ ଆୟୋଜନ ଓ ପରିଚାଳନା ନିମନ୍ତେ ଆଜି ଉମରକୋଟ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକ୍ ମୁଖ୍ୟାଳୟରୁ ଯୁବକ-ଯୁବତୀମାନେ ନିଜ ନିଜ 'ସେବା ଜ୍ୟୋତି' ଯାନ ଓ ସାଂସ୍କୃତିକ ଦଳ ସହ ଯୋଗଦେଇ ଉମରକୋଟଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବାରୁ ଏହାର ସୁଚାରୁ ପରିଚାଳନା ନିମନ୍ତେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ମାନ୍ୟବର ସାଂସଦ ବଳଭଦ୍ର ମାଝୀ, ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝୀ, ମାନ୍ୟବର ବିଧାୟକ ନରସିଂହ ଭତ୍ରା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି, ବିଶ୍ୱଜିତ ବର୍ମନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରଓ୍ୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଉମରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ମୁଖ୍ୟାଳୟରୁ 'ସେବା ଜ୍ୟୋତି ଯାତ୍ରା' ଆରମ୍ଭ କରି ଉମରକୋଟରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଏକତ୍ରିତ ହେବା ନେଇ ବିସ୍ତୃତ ରୂପରେଖା ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବ୍ଲକ୍‌ରୁ ଯୁବକ-ଯୁବତୀମାନେ ନିଜ ନିଜ 'ସେବା ଜ୍ୟୋତି' ଯାନ ସହ ଯାତ୍ରାରେ ଯୋଗଦେବା ସହ ସମ୍ପୃକ୍ତ ସାଂସ୍କୃତିକ ଦଳଗୁଡ଼ିକ ଯାତ୍ରା ଓ ମୁଖ୍ୟ କାର୍ଯ୍ୟକ୍ରମରେ ସାଂସ୍କୃତିକ ପ୍ରଦର୍ଶନ କରିବେ।

## କେନ୍ଦୁପତ୍ର ତୋଳାଳିଙ୍କୁ ଛତା ବଣ୍ଟନ

**ଜଙ୍ଗଲ ସୁରକ୍ଷା ଓ ନିଆଁମୁକ୍ତ ଜଙ୍ଗଲ ପାଇଁ ସଚେତନତା**

ଜୁନାଗଡ଼, ୬।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲିଆକୁଣ୍ଡଳ ଗ୍ରାମପଞ୍ଚାୟତ ଅଧୀନସ୍ଥ କେଲିଆ ଗ୍ରାମରେ କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ଏକ ଛତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୨୦୨୬ ବର୍ଷର କେନ୍ଦୁପତ୍ର ତୋଳାଳୀମାନଙ୍କୁ କେଲିଆ ଗ୍ରାମସଭା ପାଣ୍ଠିରୁ ଛତା ପ୍ରଦାନ କରାଯାଇଥିଲା। କେନ୍ଦୁପତ୍ର ତୋଳାଳୀମାନେ ଗ୍ରୀଷ୍ମ ଋତୁରେ ତୀବ୍ର ଖରା ଓ ବର୍ଷାରେ ଜଙ୍ଗଲକୁ ଯାଇ କାର୍ଯ୍ୟ କରିଥାନ୍ତି। ତେଣୁ ତୋଳାଳୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମସଭା ପାଣ୍ଠିରୁ ଛତା ବଣ୍ଟନ କରାଯିବା ଏକ ସାମାଜିକ ଦାୟିତ୍ୱବୋଧର ପଦକ୍ଷେପ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ମହାସଂଘର ଉପଦେଷ୍ଟା ତିଲାମଣି ବେମାଲ, ଜୁନାଗଡ଼ ବ୍ଲକ ମହାସଂଘର ସମ୍ପାଦକ ଧର୍ମୁ ତାଣ୍ଡି ଓ ସେବାନିକେତନର ସଭାନେତ୍ରୀ କାଞ୍ଚନ ବାଗ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲକୁ ନିଆଁମୁକ୍ତ ରଖିବା ନେଇ ମଧ୍ୟ ଉପସ୍ଥିତ ସଦସ୍ୟ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିଲେ ଏହାର ପ୍ରଭାବ ପରିବେଶ, ବନ୍ୟଜନ୍ତୁ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ପଡ଼ିଥାଏ। ତେଣୁ ଜଙ୍ଗଲରେ ନିଆଁ ନଲଗାଇବା, ନିଆଁ ଲାଗିଥିବା ଦେଖିଲେ ତୁରନ୍ତ ଜଣାଇବା ଏବଂ ଜଙ୍ଗଲ ସମ୍ପଦର ସୁରକ୍ଷା କରିବା ପାଇଁ ସମସ୍ତେ ମିଳିତ ଭାବେ ଦାୟିତ୍ୱ ନେବାକୁ ଆହ୍ୱାନ କରାଯାଇଥିଲା।

## ମଦମୁକ୍ତ ଗ୍ରାମ ପାଇଁ ଅବକାରୀ ବିଭାଗକୁ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ



କେସିଙ୍ଗା, ୬।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନମାଠ ଗ୍ରାମ ପଞ୍ଚାୟତର ବୀଜଖମନ ଗ୍ରାମକୁ ମଦମୁକ୍ତ ଗ୍ରାମ ଭାବେ ଗଢ଼ି ତୋଳିବା ପାଇଁ ଗ୍ରାମବାସୀ ଏକଜୁଟ ହୋଇ ପଦକ୍ଷେପ ନେଇଛନ୍ତି। ଏହି ଉଦ୍ଦେଶ୍ୟରେ ଗ୍ରାମର ଜନପ୍ରତିନିଧି, ଗୌତିଆ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ମିଳି କେସିଙ୍ଗା ଅବକାରୀ ବିଭାଗର ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ ଦେଇଥିବା ଜଣାପଡ଼ିଛି।

ଗ୍ରାମବାସୀଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗରେ ଗ୍ରାମରେ ମଦ ବିକ୍ରି ଓ ମଦ୍ୟପାନ ଯୋଗୁଁ ସାମାଜିକ ପରିବେଶ ପ୍ରଭାବିତ ହେଉଥିବା ଦର୍ଶାଯାଇଛି। ବିଶେଷକରି ଗ୍ରାମରେ ଥିବା ବିଦ୍ୟାଳୟ ନିକଟରେ ମଦ୍ୟପାନ କରି କିଛି ବ୍ୟକ୍ତି ଅଶାଳୀନ ଭାଷା ବ୍ୟବହାର କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମରେ ବିଭିନ୍ନ ପୂଜାପାଠ ଓ ସାମାଜିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ମଧ୍ୟ କିଛି ବ୍ୟକ୍ତି ମଦ୍ୟପାନ କରି ଗାଳିଗୁଲଜ ଓ ଅସଦାଚରଣ କରୁଥିବା ନେଇ ଅଭିଯୋଗ ରହିଥିବା ଗ୍ରାମବାସୀ କହିଛନ୍ତି। ଏପରି ଘଟଣା ଯୋଗୁଁ ଗ୍ରାମର ସାମାଜିକ ଶାନ୍ତି ଓ ସୁସ୍ଥ ପରିବେଶ ଉପରେ ପ୍ରଭାବ ପଡୁଥିବା ସେମାନଙ୍କ ମତ।

ଏହି ପରିପ୍ରେକ୍ଷୀରେ ଗ୍ରାମରେ ମଦ ବିକ୍ରି ସମ୍ପର୍କରେ ଆଇନ ଅନୁଯାୟୀ ଯାଞ୍ଚ କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଅବକାରୀ ବିଭାଗକୁ ଅନୁରୋଧ କରିଛନ୍ତି।

### ଖଇରପୁଟ ବ୍ଲକରେ ସେବା ସେତୁ ଅଭିଯାନ

## ହିତାଧିକାରୀଙ୍କୁ ମିଳିଲା ତତ୍କାଳୀନ ସରକାରୀ ସୁବିଧା



ମାଲକାନଗିରି, ୬।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ପଞ୍ଚାୟତ ସମିତି ସ୍ତରରେ ସେବା ସେତୁ ଅଭିଯାନ ସହ ଏକ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ନରସିଂହ ମାଡ଼କାମୀ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଘ୍ନ କିର୍ଷାନି, ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ସୀସା ଏବଂ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅର୍ପିତା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ଜନପ୍ରତିନିଧି ଓ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଶିବିରରେ ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଷ୍ଟଲ୍ ପ୍ରଦର୍ଶିତ କରାଯାଇ ଜନସାଧାରଣଙ୍କୁ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଯିବା ସହ ତୁରନ୍ତ ସେବା ଯୋଗାଇ ଦିଆଯାଇଥିଲା।

ଏହି ଶିବିରରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ୩ଟି ବ୍ୟାଟେରୀ ଚାଳିତ ମୋଟର ସାଇକେଲ, ୧ଟି ଟି.ଏଲ.ଏମ କିଟ୍, ୧ଟି ଫୋଲ୍ଡିଂ ହୁଇଲ୍ ଚେୟାର, ୧ଟି ସୁଗମ୍ୟ ବାଡ଼ି ଏବଂ ୩ ହଳ ଡିଜିଟାଲ ପ୍ରୋଗ୍ରାମେବଲ୍ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଏହା ସହିତ ଜାତୀୟ ପରିବାର ମଙ୍ଗଳ ଯୋଜନା ଅନ୍ତର୍ଗତ ଜଣେ ବିଧବା ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା।

ଏଥିସହିତ ପ୍ରଶାସନ ପକ୍ଷରୁ ଲୋକଙ୍କୁ ତୁରନ୍ତ ସୁବିଧା ଯୋଗାଇବା ପ୍ରୟାସରେ ୨୦ ଜଣଙ୍କୁ ଶ୍ରମିକ କାର୍ଡ ଏବଂ ୨ ଜଣଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଛି। ସେହିପରି ମହିଳାମାନଙ୍କ ଆର୍ଥିକ ସ୍ୱାବଲମ୍ବିତା ଏବଂ ଜୀବିକା ବିକାଶ ପାଇଁ ଗୋଟିଏ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫.୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। ଏହାସହ କୃଷି ବିଭାଗର ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଯୋଜନାରେ ୫ଟି ମହିଳା ଏସ.ଏଚ.ଜି ଗ୍ରୁପକୁ ଡାଲି ପ୍ରକ୍ରିୟାକରଣ ମିଲ୍ ଯୋଗାଇ ଦିଆଯାଇଛି। ଲୋକଙ୍କ ନିକଟରେ ସରକାରୀ ସେବାକୁ ସହଜରେ ପହଞ୍ଚାଇବା ଦିଗରେ ଜିଲ୍ଲା ପ୍ରଶାସନର ଏହି ଲୋକାଭିମୁଖୀ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ଉଚ୍ଚ ପ୍ରଶଂସା କରାଯାଉଛି।

## ଗୋପୀନାଥପୁର ସେବା ସମବାୟ ସମିତିର ସାଧାରଣ ସଭା




ନୀଳଗିରି, ୬।୧୦ (ସଂଚାର ବ୍ୟୁରୋ): ନୀଳଗିରି ଏନ.ଏ.ସି କଲ୍ୟାଣ ମଣ୍ଡପ ପରିସରରେ ଗୋପୀନାଥପୁର ସେବା ସମବାୟ ସମିତିର ୪୯ତମ ସାଧାରଣ ସଭା ଅନୁଷ୍ଠିତ ହୋଇଅଛି। ଏହି ସଭାରେ ସମିତିର ସଭାପତି ସୁଚିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବ୍ୟାଙ୍କର ସୁପରଭାଇଜର୍ ବଳଭଦ୍ର ମହାପାତ୍ର ମଞ୍ଚାସୀନ ରହି ଉପସ୍ଥିତ ଚାଷୀମାନଙ୍କୁ ଋଣ ଆଦାନ ପ୍ରଦାନ ବିଷୟରେ ଅବଗତ କରାଇବା ସହ ସେବା ସମବାୟ ସମିତିର ବିଭିନ୍ନ ପ୍ରକାରର ସୁବିଧା ବାବଦରେ ଆଲୋକ ପାତ କରିଥିଲେ। ସେହିପରି ସମିତିର ପୂର୍ବତନ ସଭାପତି ରାଧାଗୋବିନ୍ଦ ଖଟୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମିତି ସହଯୋଗରେ ଚାଷୀମାନେ କିପରି ଉପକୃତ ହୋଇପାରିବେ ସେ ବିଷୟରେ ଅବଗତ କରାଇଥିଲେ। ସମିତିର ସଭାପତି ସୁଚିସ୍ମିତା ବେହେରା ଆୟ ବ୍ୟୟ ର ବାର୍ଷିକ ବିବରଣୀ ପଠନ କରିଥିଲେ।

ଏହି ଅବସରରେ ଉତ୍ତମ ଚାଷୀଙ୍କୁ ଓ ବେଷ୍ଟ ମହିଳା ଗୋଷ୍ଠୀଙ୍କୁ ସମ୍ମାନିତ କରଯାଇଥିଲା। ଏହି ସଭାରେ ୩୦୦ରୁ ଅଧିକ ଚାଷୀ ଉପସ୍ଥିତ ଥିଲେ। ଏହା ସହ ଚାଷୀ ମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା।

## ଟିପିଏସ୍‌ଓଡିଏଲ୍ ବ୍ୟବସାୟ ସହଯୋଗୀ କର୍ମଚାରୀଙ୍କ ଭତ୍ତା ବୃଦ୍ଧି ଦାବି



ଫୁଲବାଣୀ, ୬।୧୦ (ସଂଚାର ବ୍ୟୁରୋ): ଟିପିଏସ୍‌ଓଡିଏଲ୍ ଅଧୀନରେ କାର୍ଯ୍ୟରତ ବ୍ୟବସାୟ ସହଯୋଗୀ କର୍ମଚାରୀଙ୍କ ଦୀର୍ଘଦିନର ବିଭିନ୍ନ ଦାବିକୁ ନେଇ ଅସନ୍ତୋଷ ତେଜ ହେଉଥିବା ବେଳେ ୭ ଦଫା ଦାବି ନେଇ ଅଧିକ୍ଷଣ ଯନ୍ତ୍ରୀଙ୍କ ମାନସ ରଞ୍ଜନ ମହାରଣା ନିକଟରେ ଦରଖାସ୍ତ ଦିଆଯାଇଛି। କର୍ମଚାରୀମାନଙ୍କ ନ୍ୟାୟସଙ୍ଗତ ଦାବି ଉପରେ ତୁରନ୍ତ ବିଚାର କରି ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି।

କର୍ମଚାରୀମାନଙ୍କ ମୁଖ୍ୟ ଦାବି ହେଉଛି ୮ ଘଣ୍ଟିଆ ଡ୍ୟୁଟି ବ୍ୟବସ୍ଥା। ନିର୍ଦ୍ଧାରିତ କାର୍ଯ୍ୟ ସମୟଠାରୁ ଅଧିକ ସମୟ କାମ କରାଯାଉଥିଲେ ନିୟମ ଅନୁଯାୟୀ ଓଭରଟାଇମ୍ ମଜୁରୀ ପ୍ରଦାନ କରିବାକୁ ଦାବି କରାଯାଇଛି। ଦୀର୍ଘ ସମୟ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଶ୍ରମର ଯଥୋଚିତ ମୂଲ୍ୟ ଦିଆଯିବା ଆବଶ୍ୟକ ବୋଲି ସେମାନେ ଦରଖାସ୍ତରେ ଉଲ୍ଲେଖ କରିଛନ୍ତି।ବର୍ତ୍ତମାନର ଇନ୍ଧନ ଦର ଓ କାର୍ଯ୍ୟକ୍ଷେତ୍ରରେ ହେଉଥିବା ଖର୍ଚ୍ଚକୁ ଦୃଷ୍ଟିରେ ରଖି ଏଫ୍‌ସିସି କର୍ମଚାରୀଙ୍କ ମାସିକ ଇନ୍ଧନ ଭତ୍ତା ୧,୫୦୦-୨,୦୦୦ ଟଙ୍କାରୁ ବୃଦ୍ଧି କରି ୩,୦୦୦-୩,୫୦୦ ଟଙ୍କା କରିବାକୁ ଦାବି ହୋଇଛି।

ସେହିପରି ପର୍ଯ୍ୟବେକ୍ଷକଙ୍କ ଇନ୍ଧନ ଭତ୍ତା ୧,୫୦୦ରୁ ୨,୫୦୦ ଟଙ୍କା କରିବାକୁ ମଧ୍ୟ ଦାବି ରହିଛି।ସରକାରୀ କାର୍ଯ୍ୟ ସମ୍ପାଦନ ପାଇଁ ନିଜସ୍ୱ ବାଇକ୍ ବ୍ୟବହାର କରୁଥିବା କର୍ମଚାରୀଙ୍କ ଉପରେ ଗାଡ଼ିର ସର୍ଭିସିଂ, ରକ୍ଷଣାବେକ୍ଷଣ ଓ କ୍ଷୟକ୍ଷତିର ଅତିରିକ୍ତ ଆର୍ଥିକ ବୋଝ ପଡୁଥିବାରୁ ମାସିକ ୧,୦୦୦ ଟଙ୍କା ବାଇକ୍ ମେଣ୍ଟେନାନ୍ସ ଭତ୍ତା ପ୍ରଦାନ ପାଇଁ ଦାବି କରାଯାଇଛି।ଏଥିସହ ଏକ ବର୍ଷ ନିରନ୍ତର ସେବା ପୂରଣ କରିଥିବା କର୍ମଚାରୀଙ୍କୁ ନିୟମ ଅନୁଯାୟୀ ବାର୍ଷିକ ଦରମା ବୃଦ୍ଧି ଦେବାକୁ ଦାବି ରହିଛି। କର୍ମଚାରୀଙ୍କ ସେବାକାଳ ଓ ଅଭିଜ୍ଞତାକୁ ଅଣଦେଖା ନକରି ଯୋଗ୍ୟତା ଅନୁଯାୟୀ ଦରମା ସଂଶୋଧନ କରାଯିବାକୁ ସେମାନେ ଦାବି ଜଣାଇଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ଭାବେ ଏଜେନ୍ସି ପରିବର୍ତ୍ତନ ସମୟରେ ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀଙ୍କ ଚାକିରି ସୁରକ୍ଷିତ ରଖିବାକୁ ଗୁରୁତ୍ୱ ଦିଆଯାଇଛି। କେବଳ ଏଜେନ୍ସି ବଦଳିବା କାରଣରୁ ଦୀର୍ଘଦିନ ଧରି କାର୍ଯ୍ୟରତ କର୍ମଚାରୀଙ୍କୁ ଚାକିରିରୁ ବାଦ ଦେବା କିମ୍ବା ହଠାତ୍ କାର୍ଯ୍ୟଭୂମିକା ପରିବର୍ତ୍ତନ କରିବା ଉଚିତ୍ ନୁହେଁ ବୋଲି ଦାବି ହୋଇଛି।

# ଜମି ପାଇଁ ବାପା ବଦଳ ଫର୍ମୁଲା: ଖାରଜ ହେଲା ଆବେଦନ

### ମୃତ ବ୍ୟକ୍ତିର ୪ ବର୍ଷ ପରେ ଜନ୍ମ ହେଲା ଝିଅ

### ସ୍କୁଲ ରେକର୍ଡରେ ବାପା ଗୋବିନ୍ଦ, ତହସିଲରେ ବାପା ଗନ୍ଧର୍ବ

### ୧୯୬୭ ବାପାଙ୍କ ମୃତ୍ୟୁ, ୧୯୭୧ରେ ଝିଅ ଜନ୍ମ




କାକଟପୁର/ଅସ୍ତରଙ୍ଗ, ୬।୧୦ (ସଂଚାର ବ୍ୟୁରୋ): କେବେ ଶୁଣିଛନ୍ତି କି ବାପା ମରିବାର ୪ ବର୍ଷ ପରେ ଝିଅ ଜନ୍ମ ହେବା କଥା! ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ପୁରୀ ଜିଲ୍ଲା କାକଟପୁର ତହସିଲ ଅଧୀନ ସାଡେଙ୍ଗା ଗାଁରେ ଏଭଳି ଏକ ଅଦ୍ଭୁତ ଜାଲିଆତି ସାମ୍ନାକୁ ଆସିଛି। କୋଟି କୋଟି ଟଙ୍କାର ଜମି ହଡପ ପାଇଁ ପ୍ରଥମେ ଜନ୍ମ ତାରିଖ ବଦଳ, ପରେ ବାପା ବଦଳ ଫର୍ମୁଲା ଆପଣାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ମଙ୍ଗଳବାର କାକଟପୁର ତହସିଲରେ ହାଇଭୋଲଟେଜ ଡ୍ରାମା ଦେଖିବାକୁ ମିଳିଥିଲା। ଶେଷରେ ତହସିଲ ପ୍ରଶାସନ ଆଇନଗତ ଉତ୍ତରାଧିକାରୀ ଆବେଦନକୁ ଖାରଜ କରିଦେଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ମୂଳ ହେଉଛନ୍ତି ପଦ୍ମାବତୀ ଦେଇ ସ୍ୱାମୀ ବିଚିତ୍ରାନନ୍ଦ ସ୍ୱାଇଁ। ସେ ହେଉଛନ୍ତି ପ୍ରେମଲତା ଦେଇ ଏବଂ ତାଙ୍କ ସ୍ୱାମୀ ଗୋବିନ୍ଦ ନାୟକଙ୍କ ଝିଅ। ଗତ ୧୮/୮/୨୦୨୬ ରେ ସେ ନିଜ ମା' ପ୍ରେମଲତାଙ୍କୁ ପ୍ରେମଲତା ମହାନ୍ତି ସ୍ୱାମୀ ଗନ୍ଧର୍ବ ମହାନ୍ତି ବୋଲି ଦର୍ଶାଇ ସାଡେଙ୍ଗା ମୌଜାର କୋଟି ଟଙ୍କାର ସମ୍ପତ୍ତି ହଡପ ପାଇଁ ଇ-ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଏହି ନୋଟିସ ପରେ ହିଁ ପୁରା ଘଟଣା ପଦାକୁ ଆସିଥିଲା। ଗ୍ରାମବାସୀଙ୍କ କହିବା ଅନୁସାରେ ୧୯୬୭ ମସିହାରେ ସ୍ୱର୍ଗତ ଜମ୍ବେଶ୍ୱର ମହାନ୍ତିଙ୍କ ସାନ ଭାଇ ଗନ୍ଧର୍ବ ମହାନ୍ତି ନଡିଆ ଗଛରୁ ପଡି ମୃତ୍ୟୁ ବରଣ କରିଥିଲେ। ମୃତ୍ୟୁ ବେଳେ ସେ ନିଃସନ୍ତାନ ଥିଲେ। ତାଙ୍କର ସାଡେଙ୍ଗା ମୌଜାରେ ଥିବା ଅଗାଧ ଜମି ଆଜି କୋଟି କୋଟି ଟଙ୍କାର ହେବ। ସେହି ଜମି ଉପରେ ନଜର ପକାଇ ଏହି ମହା ପ୍ଲାନ ହୋଇଥିବା ଅଭିଯୋଗ ହେଉଛି।

ଏହି କେସର ସବୁଠୁ ବଡ ପ୍ରମାଣ ହେଉଛି ପଦ୍ମାବତୀ ଦେଇଙ୍କ ନିଜ ହାତ ଲେଖା ସ୍କୁଲ ରେଜିଷ୍ଟର। ଅଭିଯୋଗ ଅନୁସାରେ ପ୍ରେମଲତା ଦେଇ ପିତା ଗୋଲେଖ ନାୟକ, ବାଲିସିରିଆ ଅଞ୍ଚଳର। ସେ ୧୯୭୦ ମସିହାରେ ଗୋବିନ୍ଦ ନାୟକଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏବଂ ୧୩.୦୯.୧୯୭୧ ରେ ଗ୍ରାମ କଜଳାପାଟିଆରେ ପଦ୍ମାବତୀ ଜନ୍ମ ହୋଇଥିଲେ। ପ୍ରଥମ ଶ୍ରେଣୀ ଆଡମିଶନ ବେଳେ ସେ ନିଜେ ପିତା ଗୋବିନ୍ଦ ନାୟକ ଏବଂ ଜନ୍ମ ୧୩.୦୯.୧୯୭୧ ବୋଲି ଲେଖିଛନ୍ତି। କିନ୍ତୁ ପରେ ଦଶମ ସାର୍ଟିଫିକେଟରେ ଜନ୍ମ ୧୯/୦୧/୧୯୭୨ ଏବଂ ଭୋଟର କାର୍ଡରେ ଜନ୍ମ ୧୯୭୬ କରି ବାପାର ନାମ ବଦଳ କରିଛନ୍ତି। ଗୋଟିଏ ବ୍ୟକ୍ତିର ତିନି ଜନ୍ମ ତାରିଖ! ଅଭିଯୋଗ ହେଉଛି ତିରୁଣା, ଗୋପ ଅଙ୍ଗନବାଡି କେନ୍ଦ୍ରରେ ଚାକିରି ହାତେଇବା ପାଇଁ ବୟସ ବଦଳ ଏବଂ ଏବେ ଜମି ହଡପ ପାଇଁ ବାପା ବଦଳ କରାଯାଇଛି।

ଏ ନେଇ ଅଭିଯୋଗକାରୀ ଆଦିତ୍ୟ କୁମାର ମହାନ୍ତି କହିଛନ୍ତି, "୧୯୬୭ରେ ମରିଥିବା ଲୋକର ଉତ୍ତରାଧିକାରୀ ୧୯୭୧ରେ ଜନ୍ମ ହେଲା ଝିଅ କେମିତି ହେବ? ଏହା ସମ୍ପୂର୍ଣ୍ଣ ଷଡଯନ୍ତ୍ର। ସ୍କୁଲ ଆଡମିଶନରେ ପିତା ଗୋବିନ୍ଦ ନାୟକ, ଜନ୍ମ ୧୯୭୧। ତଦନ୍ତ ହେଉ।" ପଦ୍ମାବତୀ ଦେଇ କହିଛନ୍ତି, "ମୋ କାଗଜ ସଠିକ, ସ୍କୁଲ ରେକର୍ଡରେ ଭୁଲ ଅଛି। ମୋ ଉପରେ ମିଥ୍ୟା ଅଭିଯୋଗ।" ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର କହିଛନ୍ତି, "ମାମଲା ମାନ୍ୟବର କୋର୍ଟରେ ବିଚାରାଧୀନ ଅଛି। ରାୟ ନ ଆସିବା ଯାଏଁ କୌଣସି ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଦିଆଯିବ ନାହିଁ। ତେଣୁ ଆବେଦନ ଖାରଜ ହୋଇଛି। ଜାଲିଆତି ପ୍ରମାଣ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ।"

SANCHAR
ସଂଚାର
ବୁଧବାର ୭ ଅକ୍ଟୋବର ୨୦୨୬




# ସ୍ୱାସ୍ଥ୍ୟ

## କିଡନୀ ଫଙ୍କସନ୍ ଟେଷ୍ଟରୁ ଜଣାପଡ଼େ

# ବୃକ୍କର କାର୍ଯ୍ୟଦକ୍ଷତା

ବୃକ୍କ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ। ମନୁଷ୍ୟ ଶରୀରରୁ ବର୍ଜ୍ୟବସ୍ତୁକୁ ବାହାର କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଆଜିକାଲିର ଜୀବନଚର୍ଯ୍ୟା ଶୈଳୀ, ଚିନ୍ତା, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଓ କମ୍ ପାଣି ପିଇବା ଅଭ୍ୟାସରୁ ଉଚ୍ଚ ରକ୍ତଚାପ ଓ ମଧୁମେହ ପରି ରୋଗ ଦେଖାଯାଉଛି। ଏହା ନିୟନ୍ତ୍ରଣରେ ନ ରହିଲେ ବୃକ୍କ ଉପରେ ପ୍ରଭାବ ପଡେ। ଅନେକ ଲୋକ କ୍ରନିକ୍ ବୃକ୍କ ରୋଗ (ସିକେଡି)ରେ ପୀଡ଼ିତ ହୁଅନ୍ତି। ତେଣୁ ବୃକ୍କର କାର୍ଯ୍ୟକ୍ଷମତା ବିଷୟରେ ଜାଣିବାକୁ କିଡନୀ ଫଙ୍କସନ୍ ଟେଷ୍ଟ (କେଏଫ୍‌ଟି) ଟେଷ୍ଟ ଜରୁରି। ପ୍ରାୟତଃ ପ୍ରାଥମିକ ଅବସ୍ଥାରେ ବୃକ୍କ ସମସ୍ୟାର ଲକ୍ଷଣ ଜଣାପଡ଼ିନଥାଏ। ଧୀରେ ଧୀରେ ଶରୀର ଯନ୍ତ୍ରଣା, ବାରମ୍ବାର ପରିସ୍ରା, ଭୋକ ନଲାଗିବା, ହାତଗୋଡ଼ ଫୁଲିବା ଆଦି ସମସ୍ୟା ଦେଖାଯାଏ। ବୃକ୍କ ୮୫ ଭାଗରୁ ଅଧିକ ଖରାପ ହେଲେ, ଶରୀରର ବର୍ଜ୍ୟବସ୍ତୁ ଏକ୍ରତିତ ହୋଇ ହୃତପିଣ୍ଡ, ମସ୍ତିଷ୍କ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟେଙ୍ଗକୁ ଅକାମୀ କରିଦିଏ। ତେଣୁ ବୃକ୍କ ଠିକ୍ ଭାବେ କାମ କରୁଛି କି ନାହିଁ ଜାଣିବାକୁ କେଏଫ୍‌ଟି ଟେଷ୍ଟ କରାଯାଏ। ବୃକ୍କରୋଗୀ ଡାକ୍ତରଙ୍କ ପରାମର୍ଶ ଅନୁସାରେ କେଏଫ୍‌ଟି ଟେଷ୍ଟ ଜରିବା ଜରୁରି। ପରିସ୍ରା ଏବଂ ରକ୍ତ ସ୍ୟାମ୍ପଲକୁ ଉପଯୋଗ କରି ଭିନ୍ନ ଭିନ୍ନ ପାରାମିଟର ଯାଞ୍ଚ କରାଯାଉଥିବାରୁ ବୃକ୍କର କାର୍ଯ୍ୟକ୍ଷମତା ବିଷୟରେ ଜଣାପଡ଼େ।

ଗ୍ଲୋମେରୁଲାର ଫିଲ୍ଟରେସନ ରେସିଓ (ଜିଏଫ୍‌ଆର୍)ଃ ବୃକ୍କରୁ ରକ୍ତ କେତେ ପରିଷ୍କାର କରେ, ଶରୀରର ବର୍ଜ୍ୟବସ୍ତୁ ଏବଂ ତରଳ ପଦାର୍ଥ ଭଲଭାବେ ଛାଣି ହେଉଛି କି ନାହିଁ ତାହା ଏହି ଟେଷ୍ଟରୁ ଜଣାପଡ଼େ।

ୟୁଏସିଆର୍ଃ ୟୁରିନ୍ ଆଲବମିନ୍-କ୍ରିଏଟିନାଇନ୍ରେଓ (ୟୁଏସିଆର) ହେଉଛି ଏକ ପରିସ୍ରା ପରୀକ୍ଷା। ପରିସ୍ରାରେ ଆଲବ୍ୟୁମିନ୍ ନାମକ ପ୍ରୋଟିନ୍ ରହିଲେ ବୃକ୍କ ଖରାପ ହେବାର ସଙ୍କେତ ଦେଇଥାଏ। ତେଣୁ ଏହାର ଉପସ୍ଥିତି ରହିଛି ନି କାହିଁ ଯାଞ୍ଚ କରିବାକୁ ଏହି ପରୀକ୍ଷା କରାଯାଇଥାଏ।

**ସିରମ କ୍ରିଏଟିନିନ୍ ପରୀକ୍ଷାଃ** ରକ୍ତରେ କ୍ରିଏଟିନିନ ସ୍ତର ବଢ଼ିବା ବୃକ୍କ ରୋଗର ମଧ୍ୟ ସଙ୍କେତ ଦେଇଥାଏ। ରକ୍ତଚାପ ବଢ଼ି ବୃକ୍କ ଖରାପ ହେଲେ କ୍ରିଏଟନିନି ବଢ଼ିଥାଏ, ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ନିୟନ୍ତ୍ରଣ ରଖିବା ଜରୁରି। ସେହିପରି ବୃକ୍କରେ କୌଣସି ସମସ୍ୟା ଥିଲେ, ବୃକ୍କ ରକ୍ତରେ ଥିବା ୟୁରିଆ, କ୍ରିଏଟିନିନ୍, ପୋଟାସିୟମକୁ ଫିଲଟର କରିପାରେ ନାହିଁ।

**ବିୟୁଏନ୍ ଟେଷ୍ଟଃ** ଖାଦ୍ୟରେ ପ୍ରୋଟିନ୍ ଭାଙ୍ଗିବାରୁ ୟୁରିଆ ନାଇଟ୍ରୋଜେନ୍ ଉତ୍ପାଦନ ହୋଇଥାଏ। ଯେତେବେଳେ ବୃକ୍କ ଠିକ୍ ଭାବେ କାମ କରିନଥାଏ, ସେ ସମୟରେ ବିୟୁଏନ୍ ସ୍ତର ବଢ଼ିଯାଏ। ଏହି ସ୍ତର ଜାଣିବାକୁ ବିୟୁଏନ୍ ଟେଷ୍ଟ ଜରୁରି। ସେହିପରି ପରିସ୍ରାରେ ପ୍ରୋଟିନ୍ ସ୍ତର ଜାଣିବାକୁ ୟୁରିନ୍ ପ୍ରୋଟିନ୍ ଟେଷ୍ଟ କରାଯାଏ। ମାଇକ୍ରୋଏଲବ୍ୟୁମିନ୍ୟୁରିୟା ଟେଷ୍ଟ ପରିସ୍ରା ସ୍ୟାମ୍ପଲରୁ ଏଲବ୍ୟୁମିନ୍ ପ୍ରୋଟିନ୍ ମାତ୍ରାକୁ ଚିହ୍ନଟ କରେ। କିଡନୀ ଫଙ୍କସନ୍ ଟେଷ୍ଟ ମଧ୍ୟରେ ୟୁରିନ୍ ରୁଟିନ୍ ଟେଷ୍ଟ ଏବଂ ମାଇକ୍ରୋସ୍କୋପି ଟେଷ୍ଟ ଜରୁରି।




# ରୁମାଟଏଡ୍ ଆର୍ଥରାଇଟିସ୍

ରୁମାଟଏଡ୍ ଆର୍ଥରାଇଟିସ୍ ବା ଆର୍‌ଏ ଏକ ପ୍ରକାର ଗଣ୍ଠିବାତ ରୋଗ। ଏହି ରୋଗରେ ହାଡ଼ ଓ ଗୋ ଡ଼ର ଛୋଟବଡ ଗଣ୍ଠିଗୁଡିରେ ପ୍ରଦାହ ହୋଇ ଫୁଲିଯାଇ ଯନ୍ତ୍ରଣା ହୁଏ। ଏହା ଏକପ୍ରକାର ଅଟୋଇମ୍ୟୁନ୍ ବା ସ୍ୱରୋଗ ପ୍ରତିକାରୀ ରୋଗ। ଶରୀରର ରୋଗ ପ୍ରତିକାରୀ ଶକ୍ତି ନିଜ ଗଣ୍ଠିଗୁଡ଼ିକୁ ଆକ୍ରମଣ କରି ପ୍ରଦାହ ସୃଷ୍ଟି କରେ। ଶରୀରରେ ରୋଗପ୍ରତିରୋଧକ ଶକ୍ତି କମିଗଲେ ରୁମାଟଏଡ୍ ଆର୍ଥରାଇଟିସ୍ ହୋଇଥାଏ। ବୁଢ଼ାଅଙ୍ଗୁଠିର ଗଣ୍ଠିରେ ହୋଇ ଧୀରେ ଧୀରେ ଗଣ୍ଠି ଫୁଲି ବଙ୍କା ହୋଇଥାଏ। ଏହି ରୋଗରେ ସାଧାରଣତଃ ହାତ ଏବଂ ଗୋଡ଼ର ଛୋଟ ଓ ବଡ଼ ସମସ୍ତ ଗଣ୍ଠିଗୁଡ଼ିକ ଫୁଲି ଦରଜ ଲାଗିବା, ଆଖି ଲାଲ ଦିଶିବା, ଫୁସ୍ଫୁସ୍ରେ ଫାଇବ୍ରୋସିସ୍ ଏବଂ ସ୍ୱାସ୍ଥ୍ୟଗତ ଦୁର୍ବଳତା ମଧ ଦେଖାଯାଏ। ତେଣୁ ଏହି ରୋଗର ପ୍ରାଥମିକ ସ୍ତରରେ ଚିକିତ୍ସା ଠିକ୍ ଭାବେ ନ କରିଲେ ଯନ୍ତ୍ରଣା ବଢ଼ି ଭବିଷ୍ୟତରେ ରୋଗୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଏହି ରୋଗ ବିଷୟରେ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିବା, ସଅଳ ରୋଗଚିହ୍ନଟ, ପ୍ରାଥମିକ ନିଦାନ, ଉଭୟ ଡାକ୍ତର ଏବଂ ପରିବାର ଲୋକ ରୋଗୀର କିପରି ସଠିକ ଦେଖାଶୁଣା କରିବେ, ରୋଗୀଙ୍କୁ ସଠିକ୍ ଚିକିତ୍ସା ଯୋଗାଇଦେବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ୨ ତାରିଖକୁ 'ରୁମାଟଏଡ ସଚେତନତା ଦିବସ ଭାବେ ପାଳନ କରାଯାଇଆସୁଛି। ଡାକ୍ତରୀ ପରୀକ୍ଷା ଏବଂ ରକ୍ତ ପରୀକ୍ଷା କରି ରୋଗର ସ୍ତର, ଗଣ୍ଠି କେତେ ମାତ୍ରାରେ ଆକ୍ରାନ୍ତ ହୋଇଛି ତାହା ଜାଣି ଔଷଧ ସେବନ ଜରୁରି ହୋଇଥାଏ। ରୋଗ ନିୟନ୍ତ୍ରଣ ପାଇଁ ନିୟମିତ ଔଷଧ ସେବନ ସହିତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଖାଦ୍ୟ, ଭିଟାମିନ୍ ଡି, କ୍ୟାଲସିୟମ୍, କ୍ଷୀରଜାତୀୟ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରିପାରିବେ।



# ନିୟମିତ ଚକ୍ଷୁ ପରୀକ୍ଷା ଜରୁରି



ଶରୀରର ସମସ୍ତ ଅଙ୍ଗ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ଆଖି। ଆଖି ସମ୍ବେଦନଶୀଳ ଅଙ୍ଗ ହୋଇଥିବାରୁ ଏହାର ଯତ୍ନ ନ ନେଲେ, ବିଭିନ୍ନ ପ୍ରକାର ରୋଗ ସହଜରେ ଆକ୍ରମଣ କରିଥାଏ। ଦୃଷ୍ଟିଶକ୍ତି ଉପରେ ଏହାର ପ୍ରଭାବ ପଡ଼େ। ଏହିକ୍ରମରେ ଆଖି ପାଇଁ କାଳ ସଦୃଶ ଗ୍ଲୁକୋମା। ଭାରତରେ ୯୦ ପ୍ରତିଶତ ମାମଲାରେ ଏହିଁ ରୋଗ ସହଜରେ ଚିହ୍ନଟ ହୋଇପାରୁନଥିବାରୁ ଚିକିତ୍ସାରେ ଅବହେଳା ଯୋଗୁଁ ଅଧିକାଂଶ ଲୋକଙ୍କୁ ଦୃଷ୍ଟିବାଧିତ ହେବାକୁ ପଡ଼ିଥାଏ। ତେଣୁ ୪୦ ବର୍ଷ ପରେ ଗ୍ଲୁକୋମା ବିପଦକୁ ଚିହ୍ନଟ କରିବାକୁ ଚକ୍ଷୁ ପିରୀକ୍ଷା କରାଇବା ଜରୁରି। ଗ୍ଲୁକୋମା ଆଖି ସହିତ ଜଡିତ ଏକ ସମସ୍ୟା, ଯେଉଁଥିରେ ଆଖିର ମସ୍ତିଷ୍କ ସହିତ ଜଡିତ ଅପ୍ଟିକ୍ ସ୍ନାୟୁର କ୍ଷତି ହୋଇଥାଏ। ଅପ୍ଟିକ୍ ସ୍ନାୟୁ ଉପରେ ଚାପ ପଡ଼ିଲେ, ଦୁର୍ବଳ କିମ୍ବା ନଷ୍ଟ ହୋଇଲେ, କୌଣସି ଜିନିଷ ଚିହ୍ନିବାରେ ସମସ୍ୟା ହୋଇଥାଏ। ଦୃଷ୍ଟିଶକ୍ତି ହ୍ରାସ ପାଏ। ଅଧିକାଂଶ କ୍ଷେତ୍ରରେ ଦୃଷ୍ଟିଶକ୍ତି ଯିବାର ଆଶଙ୍କା ରହିଥାଏ। ଗ୍ଲୁକୋମାକୁ କଳା ମୋତିଆବିନ୍ଦୁ କୁହାଯାଇଥାଏ ମଧ୍ୟ। ଏହା ସାଧାରଣତଃ ୬୦ ବର୍ଷ ବୟସ୍କଙ୍କ କ୍ଷେତ୍ରରେ ଅଧିକ ଦେଖାଯାଉଥିବାବେଳେ ସମ୍ପ୍ରତି ଗ୍ଲୁକୋମା ସବୁ ବୟସର ଲୋକ, ପିଲା ଶିକାର ହେଉଥିବା ନଜିର ରହିଛି। ଏମ୍ସ ଚକ୍ଷୁ ରୋଗ ବିଶେଷଜ୍ଞ ଡା. ତନୁଜ ଦାଦାଙ୍କ ଅନୁସାରେ, ୪୦ ବର୍ଷ ପରେ ଗ୍ଲୁକୋମା ବିପଦକୁ ଚିହ୍ନଟ କରିବାକୁ ନିୟମିତ ଚକ୍ଷୁ ପରୀକ୍ଷା କରାଇବା ଜରୁରି। ଏହା ଏମିତି ଏକ ରୋଗ ବିନା ଲକ୍ଷଣରେ ଏହାଁ ବଢ଼ି ବଢ଼ି ଚାଲିଥାଏ। ଦୃଷ୍ଟିଶକ୍ତି କମ୍ଜୋର ହୋଇଯାଏ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ନ କରାଗଲେ, ଦୃଷ୍ଟି ବାଧିତ ହେବାର ଆଶଙ୍କା ବୃଦ୍ଧି ପାଏ।

**୪୦ବର୍ଷରୁ ଉର୍ଦ୍ଧ୍ୱ ଲୋକ ଅଧିକ ପ୍ରଭାବିତଃ** ୪୦ ବର୍ଷରୁ ଉର୍ଦ୍ଧ୍ୱ ତଥା ବୟସ୍କଙ୍କ କ୍ଷେତ୍ରରେ ଗ୍ଲୁକୋମାର ବିପଦ ଅଧିକ ଥାଏ। ଗ୍ଲୁକୋମାରେ ଆକ୍ରାନ୍ତଙ୍କ ମଧ୍ୟରୁ ୫୦ ପ୍ରତିଶତ ଏହି ରୋଗଗୁ ନେଇ ସଚେତନ ନଥାନ୍ତି, ତେଣୁ ଏହି ବୟସରେ ପ୍ରତି ଦୁଇ ବର୍ଷରେ ଥରେ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ। ବୟସ୍କଙ୍କ ପରି ମଧୁମେହ, ଉଚ୍ଚରକ୍ତଚାପ, ପରିବାର କୌଣସି ସଦସ୍ୟ ଗ୍ଲୁକୋମାରେ ପୀଡ଼ିତ ଥିଲେ, ଷ୍ଟେରଏଡ ଯଥା- କ୍ରିମ୍, ଔଷଧ, ଇନେ୍ହଲର ଅଧିକ ଉପଯୋଗ କରୁଥିବା ବ୍ୟକ୍ତିଙ୍କ ପାଇଁ ଏହି ରୋଗ ଗମ୍ଭୀର ସମସ୍ୟା ସୃଷ୍ଟି କରେ। ଆଖିରେ ଆଘାତ ଲାଗିଲେ ମଧ୍ୟ ଗ୍ଲୁକୋମା ବିକଶିତ ହୋଇପାରେ।

**ନିୟମିତ ପରୀକ୍ଷାଃ** ମଧୁମେହ, ଉଚ୍ଚରକ୍ତଚାପ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଥିଲେ, ସେମାନେ ପ୍ରତିବର୍ଷ ଚକ୍ଷୁ ପରୀକ୍ଷା କରାଇ ନେବା ଆବଶ୍ୟକ। ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ବିନା, ଆଖିରେ ଔଷଧ ପକାଇବା ବନ୍ଦ କରିବା ତଥା ଔଷଧ ବଦଳାଇବା ଅନୁଚିତ। ୬୦ବର୍ଷରୁ ଅଧିକ ବୟସ ହେଲେ ଏହି ଚକ୍ଷୁ ପରୀକ୍ଷା କରାଇବା ଦ୍ୱାରା ଦୃଷ୍ଟିବାଧିତ ହେବାର ଭୟ ନଥାଏ।

# ପ୍ରୋଷ୍ଟେଟ କ'ଣ ?



ପ୍ରୋଷ୍ଟେଟ ଏକ ସାଧାରଣ ଗ୍ରନ୍ଥୀ। ଏହି ଗ୍ରନ୍ଥୀ ପୁରୁଷମାନଙ୍କଠାରେ ଥିବାବେଳେ, ବୟସ ବଢ଼ିବା ସହ ଏହା ବଢ଼ିଥାଏ। ଭିନ୍ନ ଭିନ୍ନ କାରଣରୁ ପୁରୁଷଙ୍କ ପ୍ରୋଷ୍ଟେଟ ଗ୍ରନ୍ଥୀର ଆକାର ବଢ଼ିଯାଇ ପରିସ୍ରାଜନିତ ବିଭିନ୍ନ ଲକ୍ଷଣ ଆରମ୍ଭ ହୁଏ। କିନ୍ତୁ ଶୀତଋତୁରେ ଥଣ୍ଡା ପାଗ ଯୋଗୁଁ ଏହି ସମସ୍ୟା ଚିନ୍ତା ସୃଷ୍ଟି କରିଥାଏ। ତେଣୁ ଆବଶ୍ୟକତା ଠାରୁ ପ୍ରୋଷ୍ଟେଟ ଅଧିକ ବଡ଼ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ଜରୁରି। ଶୀତଋତୁରେ ଶାରୀରିକ ଗତିବିଧି କମ୍ ହେବା, କମ୍ ପାଣି ପିଇବା ଆଦି ବିଭିନ୍ନ କାରଣରୁ ପ୍ରୋଷ୍ଟେଟ ସମସ୍ୟା ବଢ଼ିଥାଏ। ସାଧାରଣତଃ ପ୍ରୋଷ୍ଟେଟ ସାଇଜ୍ ୧୫ରୁ ୨୦ ଗ୍ରାମ୍ ଥାଏ, କିନ୍ତୁ ଏହା ବଢ଼ିଗଲେ, ବାରମ୍ବାର ପରିସ୍ରା ଲାଗିବା, ଅତରଛିଆ ପରିସ୍ରା, ପରିସ୍ରା ସମୟରେ କଷ୍ଟ ଅନୁଭବ, ମୂତ୍ରାଶୟରେ ଜଳାପୋଡ଼ା, ଧୀରେ ଏବଂ ପତଳା ଧାରରେ ପରିସ୍ରା, ମୂତ୍ରାଶୟ ଖାଲି କରିବାରେ ଅସମର୍ଥ ଆଦି ଲକ୍ଷଣ ଦେଖାଯାଏ। ମୂତ୍ରନଳୀ ସଂକ୍ରମଣ ତଥା ମୂତ୍ରାଶୟର ପଥରପରି ଜଟିଳତାରୁ ସୁରକ୍ଷା ପାଇବା ପାଇଁ ଆରମ୍ଭରୁ ଲକ୍ଷଣକୁ ବୁଝିବା ଆବଶ୍ୟକ। ଲକ୍ଷଣ ଅନୁଯାୟୀ ଚିକିତ୍ସା ନକଲେ, ପରିସ୍ରା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ। ବିପିଏଚର ନିଦାନ ପାଇଁ ରୋଗୀଙ୍କୁ ଶାରୀରିକ ଯାଞ୍ଚ, ମୂତ୍ର ପରୀକ୍ଷା, ଅଲଟ୍ରାସାଉଣ୍ଡ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ପ୍ରୋଷ୍ଟେଟ ଅଧିକ ବଢ଼ିଥିଲେ, ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସର୍ଜରୀ କରାଇବାକୁ ପଡ଼ିଥାଏ। ଶୀତଦିନେ ଏହି ସମସ୍ୟା କମ୍ କରିବାକୁ ପୁରୁଷଙ୍କୁ ହାଇଡ୍ରେଟ ରହିବା ଜରୁରି। ଅତ୍ୟଧିକ କଫି କିମ୍ବା ମଦ୍ୟପାନ ଠାରୁ ଦୂରେଇ ରୁହନ୍ତୁ। ଶାରୀରିକ ରୂପେ ସକ୍ରିୟ ରହିବା ଜରୁରି। ଥଣ୍ଡାରୁ ସୁରକ୍ଷିତ ଦେଉଥିବା ପୋଷାକ ପିନ୍ଧନ୍ତୁ। ସନ୍ତୁଳିତ ଆହାର ଗ୍ରହଣ କରିବା ଜରୁରି। ୬୦ ବର୍ଷରୁ ଅଧିକ ବୟସର ପୁରୁଷ ଥଣ୍ଡା ଦିନେ ପ୍ରୋଷ୍ଟେଟ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଜରୁରି। ନିୟମିତ ଯାଞ୍ଚ ପାଇଁ ୟୁରୋଲୋଜିଷ୍ଟଙ୍କ ପରାମର୍ଶ ନେଇ ପାରିବେ।

# ସେନ୍ସର ଦ୍ୱାରା ବାୟୁରୁ ଭୂତାଣୁ ଚିହ୍ନଟ କରିହୁଏ

ଦିନକୁ ଦିନ ବାୟୁ ପ୍ରଦୂଷଣ ଭୟଙ୍କର ହେଉଛି। ବିଷାକ୍ତ ବାୟୁ କେବଳ ପରିବେଶକୁ ଦୂଷିତ କରୁଛି ତାହା ନୁହେଁ, ମନୁଷ୍ୟ ଶରୀର ଉପରେ ନାନା କ୍ଷତି ପହଞ୍ଚାଉଛି। ପ୍ରଦୂଷିତ ବାୟୁ ଯୋଗୁଁ ଫୁସ୍‌ଫୁସ୍‌ଜନିତ ସମସ୍ୟା, ଗଳା ଯନ୍ତ୍ରଣା, କାଶ, ହୃଦ୍‌ରୋଗ, ଫୁସ୍‌ଫୁସ୍ କର୍କଟ, ଯକ୍ଷ୍ମା, ଆଜ୍‌ମା ପରି ରୋଗ ବ୍ୟାପିବାର ଆଶଙ୍କା ରହିଛି। ହେଲେ ଏବେ ବାୟୁରୁ ମଧ୍ୟ କ୍ଷତିକାରକ ଭୂତାଣୁ ଚିହ୍ନଟ ସହଜ ହେବ। ଆମେରିକା ପରି ଦେଶରେ ବାୟୁରୁ ବିପଜ୍ଜନକ ଭୂତାଣୁ ଚିହ୍ନଟ ପାଇଁ ଅତ୍ୟାଧୁନିକ ସେନ୍ସର ବିକଶିତ କରାଯାଇଥିବାବେଳେ ଏକ୍ଷେତ୍ରରେ ଆଇଆଇଟି ଚେନ୍ନାଇ ସଂସ୍ଥାନ ମଧ୍ୟ ପଛରେ ନାହିଁ। ଏହି ସେନ୍‌ସର ଉପରେ ଗବେଷକମାନେ ନାନା ଗବେଷଣା କରୁଛନ୍ତି। ଏନେଇ ଆମେରିକା, ମିୟାମି ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ.ପ୍ରତିମ ବିଶ୍ୱାସ ଡ୍ରୁକ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରାଷ୍ଟ୍ରୀୟ ଏରୋଜୋଲ କନ୍‌ଫେରେନ୍ସରେ ଏହି କୌଶଳ ଉପରେ ସବିବେଷ ତଥ୍ୟ ଦେଇଛନ୍ତି। ଏହି ସେନ୍ସର ବାୟୁରେ ଥିବା ବିପଜ୍ଜନକ କଣ ଏବଂ ଭୂତାଣୁକୁ ସଠିକ୍ ଚିହ୍ନଟ କରିପାରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ବାୟୁରେ ଧୂଳି ବ୍ୟତୀତ ଅଙ୍ଗାରକାମ୍ଳ, ସଲ୍‌ଫର ଆଦି ଅନେକ ପ୍ରକାର ବିପ୍ପଜନକ କଣ ଥାଏ। ଏହାକୁ ପରିଚାଳନା କରିବାକୁ ଏବେ ସ୍ୱତନ୍ତ୍ର ଉପକରଣ ବିକଶିତ କରାଯାଉଛି। ଯେଉଁଥିରୁ ବାୟୁରେ ବ୍ୟାପୁଥିବା ବିଭିନ୍ନ ପ୍ରକାର ଭୂତାଣୁ ଚିହ୍ନଟ ସହ ଭୂତାଣୁ କେତେ ବିପଜ୍ଜନକ ତାହା ମଧ୍ୟ ଆକଳନ କରିପାରିବ। ତେବେ କରୋନା ସମୟରେ ଆମେରିକା ଏବଂ ରୁସ୍ ପରି ଦେଶ ଦ୍ୱାରା ବିକଶିତ କରାଯାଇଥିବା ଭାଇରଲ ସେନ୍ସରକୁ ଅଧିକ ଉନ୍ନତ କରିବାକୁ ଏହା ଉପରେ କାମ ଚାଲୁଛି। ଯାହା କି ବାୟୁରେ ସମସ୍ତ ପ୍ରକାର ଭୂତାଣୁ ଆସିଲେ, ତୁରନ୍ତ ଆଲର୍ଟ କରିପାରିବ। ଏହାଦ୍ୱାରା ଭବିଷ୍ୟତରେ ଯେକୌଣସି ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରାଯାଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କରୋନା ପରି ଘାତକ ରୋଗକୁ ନିୟନ୍ତ୍ରଣ କରିବାରେ ଏହି ସେନ୍ସର ବଡ଼ ଭୂମିକା ରହିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମତ ରଖିଛନ୍ତି।



# ଟିରଜେପଟାଇଡ

ଆଜିର ସମୟରେ ମଧୁମେହ ଏକ ବଡ଼ ରୋଗ ଭାବେ ଉଭା ହୋଇଛି। ମଧୁମେହରେ ରକ୍ତଶର୍କରାକୁ ନିୟନ୍ତ୍ରଣରେ ରଖିବାକୁ ପଡ଼େ। ଯଦିଓ ଉତ୍ତମ ଜୀବନଶୈଳୀ ଆପଣାଇବା ଏହି ରୋଗ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ, କିନ୍ତୁ ଅଧିକାଂଶଙ୍କ ପାଇଁ ଦୈନନ୍ଦିନ ଔଷଧ ସେବନ ଜରୁରି ହୋଇଥାଏ। ଏକ୍ଷେତ୍ରରେ ମଧୁମେହରେ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖିବାକୁ ଟିରଜେପଟାଇଡ ଔଷଧକୁ ଅଧିକ ପ୍ରଭାବୀ ମନାଯାଉଛି। ଏହି ଗୋଟିଏ ଔଷଧ କେବଳ ରକ୍ତ ଶର୍କରା ନିୟନ୍ତ୍ରଣରେ ରଖିବ ତାହା ନୁହେଁ, ବରଂ ମୋଟାପା କମ୍ କରିବାରେ ସହାୟକ ହେବ। ଟାଇପ୍-୨ ମଧୁମେହ ପୀଡ଼ିତଙ୍କ ପାଇଁ ରାମବାଣ ସଦୃଶ ଟିରଜେପଟାଇଡ। ସାଧାରଣତଃ ମଧୁମେହ ରୋଗୀଙ୍କ କ୍ଷେତ୍ରରେ ମୋଟାପା ଏକ ସାଧାରଣ ସମସ୍ୟା। ଏହି ଔଷଧ ମଧୁମେହ ଲକ୍ଷଣ ସୁଧାରିବା ସହ ମେଟାବଲିଜିମ ବୃଷ୍ଟ କରିବାରେ ସାହାଯ୍ୟ କରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଏହି ଔଷଧକୁ ଏବେ ମଞ୍ଜୁରୀ ମିଳିଥିବାବେଳେ ଏହା ଖୁବ୍‌ଶୀଘ୍ର ଭାରତରେ ଉପଲବ୍ଧ ହେବ। ଔଷଧର ମୂଲ୍ୟକୁ ନେଇ କୌଣସି ସୂଚନା ନାହିଁ। ଅନ୍ୟପଟେ ଏହି ଔଷଧର ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ରହିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଔଷଧ ସେବନରୁ ବାନ୍ତି, ଝାଡ଼ା, କୋଷ୍ଠକାଠିନ୍ୟ ଆଦି ସମସ୍ୟା ଦେଖାଯାଏ। ତେଣୁ ଡାକ୍ତରଙ୍କ ପରାମର୍ଶ ତଥା ଶାରିରୀକ ସ୍ଥିତି ଅନୁସାରେ ଏହି ଔଷଧ ସେବନ କରିବା ଅନୁଚିତ।



## ୧ କୁଇଣ୍ଟାଲ ଗୋମାଂସ ଜବତ, ସ୍ୱାମୀ ସ୍ତ୍ରୀ ଅଟକ

ବାଲିଆପାଳ,୬।୧୦ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବସ୍ତା - ବାଲିଆପାଳ ରାସ୍ତାର ପୁଟୁରା ଛକ ନିକଟରୁ ପାଖାପାଖି ୧ କୁଇଣ୍ଟାଲ ଗୋମାଂସ ଜବଦ, ସ୍ୱାମୀ ସ୍ତ୍ରୀ ଅଟକ, ବସ୍ତା ଅଞ୍ଚଳରୁ ଏକ ବ୍ୟାଗରେ ଗୋ ମାଂସ ଭର୍ତ୍ତି କରି ବାଇକ ଯୋଗେ



ବାଲିଆପାଳ ଅଭିମୁଖେ ଯାଉଥିବା ବେଳେ ଖବର ପାଇ ବଜରଙ୍ଗ ଦଳ ଓ ଏସ୍ ପି ସିଏ ସେମାନଙ୍କୁ ଅଟକାଇ ସିଂଲା ପୁଲିସ କୁ ଖବର ଦେଇଥିଲେ। ପୁଲିସ ଗୋମାଂସ ଭର୍ତ୍ତି ବ୍ୟାଗ ଜବଦ କରିବା ସହିତ ସ୍ୱାମୀ ସ୍ତ୍ରୀ ଉଭୟଙ୍କୁ କଟକ ରଖି ପଚରାଉଚରା କରୁଛି। ତେବେ ଉକ୍ତ ଗୋମାଂସ ସ୍ଥାନୀୟ ବାଲିଆପାଳ ଅଞ୍ଚଳ ର ମାଂସ ଦୋକାନ, ହୋଟେଲକୁ ଦିଆଯାଉଥିବା ଅଭିଯୁକ୍ତ କହିଥିବା କହିଛନ୍ତି ବଜରଙ୍ଗ ଦଳର କର୍ମୀ ମାନେ ଗିରଫ ଯୁବକ ହେଲେ ବସ୍ତା ଥାନା ବିଦ୍ୟାଧରପୁର ଗ୍ରାମର ଶେଖ ଫରିଦ ଓ ତାଙ୍କ ସ୍ତ୍ରୀ କୁହିନୁର ବିବି ବୋଲି ଜଣାପଡ଼ିଛି। ସିଂଲା ପୁଲିସ ୩୨୭/୨୬ ମୂଳେ ମାମଲା ରୁଜୁ କରି ଘଟଣା ର ତଦନ୍ତ ଜାରି ରଖିଛି। ବଜରଙ୍ଗ ଦଳ ଓ ଏସ୍ ପି ସିଏ ପକ୍ଷରୁ ଶୁଭଙ୍କର ଦାସ, ରାକେଶ କୁମାର ପାତ୍ର, ମାନଗୋବିନ୍ଦ ପଟାୟତ, ସମ୍ବିତ ରାଉଳ, ନିଗମ ରାଉଳ, ନଗେନ ମଣ୍ଡଳ, ସପନ କୁମାର ଜେନା, ଆନନ୍ଦ ପାତ୍ର, ଚିନ୍ମୟ ନାୟକ, ମିହିର କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଗୋମାଂସ ଚାଲାଣ କାରି ଙ୍କୁ ଧରିଥିଲେ।

### ମାଲମାଲ ସରକାରୀ ଯୋଜନା ବାଟବଣା

# ପାଠ ପଢ଼ାରେ ବାଧକ ସାଜିଛି ଆଧାର

ଲାଞ୍ଜିଗଡ଼,୬।୧୦(ସଂଚାର ବ୍ୟୁରୋ): ପ୍ରତ୍ୟେକ ମଣିଷଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଭଳି ଅନେକ ମୌଳିକ ସୁବିଧା ଆବଶ୍ୟକତା ରହିଛି।ଦେଶରେ କେହି ବାସହୀନ ରହିବେ ନାହିଁ ଏବଂ ଭଙ୍ଗା ଦଦରା କୁଡ଼ିଆରେ କେହି ଦୁର୍ବିସହ ଜୀବନ ନ'ବିତାଇବେ ସେଥିପାଇଁ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ସତ। କିନ୍ତୁ ଉକ୍ତ ମାଲମାଲ ସରକାରୀ ଯୋଜନା ଅନେକ ଗରିବ ଖଟିଖିଆଙ୍କ ପାଇଁ ବାଟବଣା ହୋଇ ଅବାଟରେ ଯାଉଥିବାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖମାରି ଗ୍ରାମର ଭୀମ ଦୋରାଙ୍କ ପରିବାରରେ। ଭୀମଙ୍କ ବଡ଼ ପୁଅ ସନ୍ତୋଷ ଦୋରାଙ୍କ ସହ ସ୍ତ୍ରୀ ସବିତା ଦୋରା ଓ ଦୁଇ ପୁଅ ମାନବ ଦୋରା, ଜିକେତନ ଦୋରାଙ୍କ ସହ ଦୁର୍ଦ୍ଦଶାରେ



କଟୁଛି ପାଞ୍ଚ ପ୍ରାଣୀଙ୍କ ଜୀବନ। ସରକାରଙ୍କର ଯୋଜନା ଗୁଡ଼ିକରେ ସାମିଲ ହେବାପାଇଁ ଆମ ଦେଶରେ ଆଧାରକାର୍ଡ଼କୁ ମୁଖ୍ୟ ପରିଚୟ ପତ୍ର ଭାବେ ଗୁରୁତ୍ୱ ଦିଆଯାଉଥିବା ବେଳେ ସନ୍ତୋଷଙ୍କ ପରିବାର ପାଇଁ ମୁଖ୍ୟ ବାଧକ ସାଜିଛି ଆଧାର କାର୍ଡ଼। ସୂଚନା ଅନୁସାରେ ଭୀମ ଦୋରା ଦଶ ଦଶନ୍ଧି ଧରି ଖମାରି ଗାଁରେ ବସବାସ କରୁଥିବା ବେଳେ ଭଙ୍ଗାରୁଜା ଦଦରା ଘରେ ତାଙ୍କ ପରିବାର ଦିନ କାଟୁଥିଲେ।ଗତ ୨୦୧୫ ମସିହାରେ ତାଙ୍କ ସ୍ତ୍ରୀ ଆରୁନ୍ଧାଙ୍କର ମୃତ୍ୟୁ ହୋଇଥିଲା।ପରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ପରେ ଗତ ୨୦୨୧-୨୨ ମସିହାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷ ୩୦ ହଜାର ଟଙ୍କାର ଘର ଖଣ୍ଡେ ମିଳିଛି।ବର୍ତ୍ତମାନ ଭୀମଙ୍କ ପାଞ୍ଚ କିଲୋ ପିଡ଼ିଏସ ଚାଉଳ ଭରସାରେ ଭୀମଙ୍କ ସମେତ ପାଞ୍ଚ ପ୍ରାଣୀ ରହିଛନ୍ତି। ନିଜ ପରିବାର ଆଧାର କାର୍ଡ଼ ପାଇଁ ସନ୍ତୋଷ ବାରମ୍ବାର ଆବେଦନ କରିଥିଲେ ମଧ୍ୟ ଦୁର୍ଭାଗ୍ୟର ବିଷୟ ଯେ'ଏଯାଏଁ ଆଧାରକାର୍ଡ଼ରୁ ବଞ୍ଚିତ ରହିଛନ୍ତି। ସନ୍ତୋଷଙ୍କ ବଡ଼ପୁଅ ମାନବ ନିଜ ଗାଁ ଠାରୁ କିଛି ଦୂରରେ ଥିବା ପେଙ୍ଗସୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଶିକ୍ଷକ ବାରମ୍ବାର ଆଧାର କାର୍ଡ ମାଗିବାରୁ ସପ୍ତମ ଶ୍ରେଣୀରେ ହିଁ ପାଠ ଛାଡ଼ି ଘରେ ରହିଛି। ସେହିପରି ସନ୍ତୋଷଙ୍କ ସାନ ପୁଅ ଜିକେତନ ନାଁ ଲେଖାଇ ପାରୁନାହାଁ।ସନ୍ତୋଷ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଲୋକଙ୍କ ଘରେ ମୂଲଲାଗି ଯାହା ରୋଜଗାର କରନ୍ତି ସେହି ରୋଜଗାରରେ ତାଙ୍କ ସଂସାର ଚଳେ। ପାଞ୍ଚ ପ୍ରାଣୀ କୁଟୁମ୍ବକୁ ଚଳାଇବା ଏବେ ତାଙ୍କ ପକ୍ଷେ ଆଉ ସହଜ ହେଉନାହିଁ। ଯାହା ଫଳରେ ଘର ଖଣ୍ଡେ କରିବାରେ ମଧ୍ୟ ତାଙ୍କ ପାଇଁ ସାତଶପନ ହୋଇପଡ଼ି ଥିବା ବେଳେ ବାପାଙ୍କ ପାଖରେ ରହୁଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିଲୋମିଟର ଦୂରରେ ଖମାରି ଗାଁ ରହିଛି।କିନ୍ତୁ କିଛି ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତା ଅଭାବରୁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀ ମାନେ ପାଇପାରୁନାହାନ୍ତି। ତେବେ ଆଧାରକାର୍ଡ଼ ହେଲେ ସରକାରଙ୍କର ଅନେକ ଯୋଜନାରେ ସାମିଲ ହୋଇପାରିବା ଆଶାନେଇଁ ଯଥା ସମ୍ଭବ ସନ୍ତୋଷଙ୍କ ସମେତ ଚାରି ପ୍ରାଣୀକୁଟୁମ୍ବର ଆଧାରକାର୍ଡ଼ ପାଇଁ ବ୍ଲକ ତଥା ଜିଲ୍ଲା ପ୍ରଶାସନଙ୍କୁ ଏବଂ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ସନ୍ତୋଷ ଓ ତାଙ୍କ ସ୍ତ୍ରୀ ସବିତା। ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଅମ୍ବାଦଳାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

### ଜନସମୁଦ୍ର ପାଲଟିଲା ଅମ୍ବାଦଳା, ସାମିଲ ହେଲେ ହଜାର ହଜାର କର୍ମୀ

ମୁନିଗୁଡା,୬।୧୦ (ସଂଚାର ବ୍ୟୁରୋ): ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦଳାରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକାଙ୍କ




ନିର୍ଦ୍ଦେଶକ୍ରମେ ଅମ୍ବାଦଳାର ଯୁବ ବିଜେଡି ନେତା ତଥା ଜିଲ୍ଲା ଯୁବ ସଭାପତି ଧୀରେନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି ପଦଯାତ୍ରା ହୋଇଥିଲା। ଏଥିରେ ବିଜେଡିର ପୂର୍ବତନ ଗୃହ ମନ୍ତ୍ରୀ ତଥା ବର୍ତ୍ତମାନ ଧର୍ମଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ରାଜ୍ୟ ବିଜେଡି ସମ୍ପାଦକ ସୁଧୀର ଦାସ, ପୃଥ୍ୱୀ ରାଜ ସାହୁ, ଜ୍ୟୋତି ପ୍ରକାଶ ସାହୁ, ଦେବୀ ପ୍ରକାଶ ପଟନାୟକ, ବିଜେଡି ମହିଳା ସଭାପତି ଅନୁସୟା ମାଝୀ, କାଶୀପୁର ବ୍ଲକ ବରିଷ୍ଠ ବିଜେଡି ନେତା ବିନୋଦ ନାୟକ, ମୁନିଗୁଡ଼ାର ବରିଷ୍ଠ ବିଜେଡି ନେତା ରତନ ଜେନ, ଜିଲ୍ଲା ବିଜେଡି ଉପସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼, ଅମ୍ବାଦଳା ବରିଷ୍ଠ ବିଜେଡି ନେତା ବେଲାଜର କରକରିଆ, ଅମ୍ବାଦଳା ବିଜେଡି ନେତା ଜଗନ୍ନାଥ ପ୍ରସାଦ, ଦେବୀ ପ୍ରସାଦ ମୁଖାର୍ଜୀ, ବାବୁ ଅନିଲ, ବେଣୁଧର ଖୋସଲା, ତରୁଣ ବାଥ୍ରା, ବିନୋଦ ସାହୁ, ରବି ଦଳେଇଙ୍କ ସମେତ ଦଳର ବହୁ ନେତା ଯୋଗଦେଇଥିଲେ। ପଦଯାତ୍ରାରେ ଦଳୀୟ ନେତା ଓ କର୍ମୀମାନେ ଅମ୍ବାଦଳା ସହର ପରିକ୍ରମା କରିବା ସହ ସ୍ଥାନୀୟ ଲୋକଙ୍କ ସହ ଜନସମ୍ପର୍କ ସ୍ଥାପନ କରିଥିଲେ। ଏଥିରେ ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳା କର୍ମୀ ସାମିଲ ହୋଇଥିଲେ। ଦଳୀୟ ପତାକା ଓ ସ୍ଲୋଗାନରେ ଅମ୍ବାଦଳା ସହର ମୁଖରିତ ହୋଇଥିଲା। ସାଧାରଣ ଲୋକଙ୍କ ସହ ଦଳର ସମ୍ପର୍କକୁ ଅଧିକ ମଜବୁତ କରିବା ସହ ତୃଣମୂଳସ୍ତରରେ ସଂଗଠନକୁ ଆହୁରି ସୁଦୃଢ଼ କରିବା ଏହି ଜନସମ୍ପର୍କ ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଦଳୀୟ ନେତାମାନେ କହିଥିଲେ। ପଦଯାତ୍ରାକୁ ନେଇ ଅମ୍ବାଦଳାରେ ବିଜେଡିର ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହି ଅବସରରେ ବିଜେଡିର ବହୁ ସ୍ଥାନୀୟ ନେତା, ପଦାଧିକାରୀ ଓ କର୍ମୀ ଉପସ୍ଥିତ ରହିଥିଲେ।

● ଯୁଜିଏସ୍ କଲେଜ ସୁବର୍ଣ୍ଣ ଜୟନ୍ତୀ ପତ୍ରିକା ପାଇଁ ପ୍ରଥମ ବୈଠକ

## ପତ୍ରିକା ପ୍ରକାଶନର ବିଭିନ୍ନ ଦିଗ ଉପରେ ଆଲୋଚନା

ସତ୍ୟବାଦୀ,୬।୧୦(ସଂଚାର ବ୍ୟୁରୋ): ଯୁଜିଏସ୍ କଲେଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରକାଶିତ ହେବାକୁ ଥିବା ବିଶେଷ ପତ୍ରିକାର ପ୍ରସ୍ତୁତି ନେଇ ସମ୍ପାଦକ ମଣ୍ଡଳୀର ପ୍ରଥମ ବୈଠକ ଆଜି ଅପରାହ୍ନରେ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ କକ୍ଷରେ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଅଜୟ କୁମାର ପାଣିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପତ୍ରିକା ପ୍ରକାଶନ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା।ବୈଠକରେ ଇଂରାଜୀ ପ୍ରଧ୍ୟାପକ ମନୋଜ କୁମାର ପରିଡ଼ା, ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂକର୍ଷଣ ପ୍ରଧାନ, ସଂସ୍କୃତ ଅଧ୍ୟାପିକା କଳ୍ପନା କୁମାରୀ ମହାପାତ୍ର, ଇଂରାଜୀ ଅଧ୍ୟାପିକା ପୁପୁଲ୍ ମହାନ୍ତି, କଲେଜର ପରିଚିତ ବ୍ୟକ୍ତିତ୍ୱ ରାଜକିଶୋର ପତି, ପୂରାତନ ଛାତ୍ର ପ୍ରଶାନ୍ତ ବିଶ୍ୱାଳ, ଡ. ରଶ୍ମୀରଂଜନ ମହାପାତ୍ରଙ୍କ ସମେତ ସମ୍ପାଦକ ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ।ସମ୍ପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟ ତଥା ପୂରାତନ ଛାତ୍ର ଜାନକୀ ବଲ୍ଲଭ ବରାଳ ଅସୁବିଧାବଶତଃ ବୈଠକରେ ଯୋଗଦେଇ ପାରିନଥିଲେ। ତେବେ ସେ ଫୋନ୍ ଯୋଗେ ନିଜର ମତାମତ ଓ ପରାମର୍ଶ ପ୍ରଦାନ



କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପତ୍ରିକାକୁ ସମୃଦ୍ଧ ଓ ତଥ୍ୟଭିତ୍ତିକ କରିବା ସହ ଏହାର ପ୍ରକାଶନକୁ ସଫଳ କରିବା ନେଇ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ମତବିନିମୟ ହୋଇଥିଲା। ପତ୍ରିକା ପ୍ରସ୍ତୁତି ସମ୍ପର୍କିତ ପରବର୍ତ୍ତୀ ବୈଠକ ଖୁବଶୀଘ୍ର ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ବ୍ରାହ୍ମଣଙ୍କୁ ଅଶାଳୀନ ମନ୍ତବ୍ୟ

● ଶିକ୍ଷକ ଅରବିନ୍ଦ ରଣା ନାମରେ ଥାନାରେ ଏତଲା



ସୁବର୍ଣ୍ଣପୁର,୬।୧୦ (ସଂଚାର ବ୍ୟୁରୋ): (ରାଜ କିଶୋର ତ୍ରିପାଠୀ) ବ୍ରାହ୍ମଣଙ୍କୁ ଅଶାଳୀନ ମନ୍ତବ୍ୟ ପ୍ରତିବାଦରେ ସୋନପୁର ଥାନାରେ ଏତଲା। ଆଜି ବ୍ରାହ୍ମଣ ଏକତା ମଞ୍ଚର ଏକ ସାଧାରଣ ବୈଠକ ସ୍ଥାନୀୟ ରାମ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମାଜିକ ଗଣମାଧ୍ୟମରେ ବ୍ରାହ୍ମଣ ସମାଜ ବିରୋଧରେ ଅଶ୍ଳୀଳ ମନ୍ତବ୍ୟ ଓ ଭ୍ରମାତ୍ମକ ତଥ୍ୟ ପ୍ରଚାର କରି ତରଭା ଅଞ୍ଚଳର ଶିକ୍ଷକ ଅରବିନ୍ଦ ରଣା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ମନ୍ତବ୍ୟ ପୋଷ୍ଟ କରିଥିବା ନେଇ ବୈଠକରେ ଏକ ନିନ୍ଦା ପ୍ରସ୍ତାବ ଗୃହୀତ ହେବା ସହ ଅରବିନ୍ଦ ଙ୍କ ବିରୋଧରେ ସୋନପୁର ସଦର ଥାନାରେ ଏତଲା ଦିଆଯାଇଥିଲା। ବ୍ରାହ୍ମଣ ଏକତା ମଞ୍ଚର କର୍ମକର୍ତ୍ତା ଥାନାରେ ପହଞ୍ଚି ଆଇଆଇସି ଯାଦବ ବାଗଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଥାନା ଅଧିକାରୀ ଙ୍କୁ ସୂଚାଇ ଦିଆଯାଇଥିଲା ଯେ ଶୀଘ୍ର ଅରବିନ୍ଦ ରଣା କୁ ଗିରଫ କରା ନ ଗଲେ ଆଗକୁ କୌଣସି କିଛି ଆଇନ ଶୃଙ୍ଖଳା ପରିସ୍ଥିତି କୁ ଏଡ଼ାଇ ଦିଆଯାଇ ନପାରେ ଓ ଯଦି କିଛି ହୁଏ ତା ହେଲେ ପ୍ରଶାସନ ଦାୟୀ ରହିବ। ଅରବିନ୍ଦ ରଣାଙ୍କ ବିରୋଧରେ ଥାନାରେ ଏତଲା, କାର୍ଯ୍ୟାନୁଷ୍ଠାନ ଓ ଗିରଫ ଦାବି କରି ମଞ୍ଚର କର୍ମକର୍ତ୍ତାମାନେ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଡଃ ଆର୍ତ୍ତତ୍ରାଣ ବାବୁ, ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ଅଟଳ ମହାପାତ୍ର, ସୁରେଶ ମିଶ୍ର, ସୀତାଂଶୁ ମିଶ୍ର, ସଚିଦା ମିଶ୍ର, ନିରଞ୍ଜନ ତ୍ରିପାଠୀ ଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାର ଶୁଭାରମ୍ଭ

ସୁବର୍ଣ୍ଣପୁର,୬।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ନୂଆଁ ଟାଉନ ହଲରେ ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାର ଶୁଭାରମ୍ଭ ମାନନୀୟ ବିଧାୟକ ଶ୍ରୀ ରଘୁନାଥ ଜଗଦଲା ସବୁଜ ପତାକା ଦେଖାଇ କରିଛନ୍ତି। ଏହି ଅବସରରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ରାଜେଶ ସାହୁ, ଓଏସ୍ଆର୍‌ଟିସିରୁ ଜେ. ଏମ. ଲକ୍ଷ୍ମୀ ଏବଂ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଅକ୍ଟୋବର ୬ ତାରିଖରେ ୨୧୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ୬ଟି ଶୀତତାପ ନିୟନ୍ତ୍ରିତ



ଭଲଭୋ ବସରେ ରାତ୍ରି ଭୋଜନ କରି ପୁରୀ ଅଭିମୁଖେ ବାହାରିଛନ୍ତି। ୬ଟି ବସରେ ୬ ଜଣ ଏସ୍କର୍ଟ ଅଫିସର ତାଙ୍କ ସହିତ ଯାଉଛନ୍ତି। ଯାତ୍ରୀମାନେ ଆସନ୍ତାକାଲି ସକାଳେ ପୁରୀରେ ପହଞ୍ଚିବେ ଏବଂ ଶ୍ରୀକ୍ଷେତ୍ର ଦର୍ଶନ କରି କାଲି ସନ୍ଧ୍ୟାରେ ପୁରୀରୁ ପ୍ରସ୍ଥାନ କରିବେ। ସେହିପରି, ଆସନ୍ତାକାଲି ମଧ୍ୟ ୨୮୦ ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ୧୨ ଜଣ ଏସ୍କର୍ଟ ଅଫିସରଙ୍କ ସହିତ ପୁରୀ ବାହାରିବେ। ଏହି ବରିଷ୍ଠ ନାଗରିକମାନଙ୍କର ରହିବା, ଖାଇବା ଏବଂ ଯାତାୟାତ ସମସ୍ତ ଖର୍ଚ୍ଚ ସରକାର ବହନ କରୁଛନ୍ତି।

## 'ନମୋ ସେବା ଗାଥା' ପଥପ୍ରାନ୍ତ ନାଟକ ପରିବେଷିତ




ସୁବର୍ଣ୍ଣପୁର,୬।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ନୂଆ ଟାଉନ ହଲଠାରେ ଜିଲ୍ଲାସ୍ତରୀୟ ପଥପ୍ରାନ୍ତ ନାଟକ 'ନମୋ ସେବା ଗାଥା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ଯାଏ ଚାଲିଥିବା ସେବା ସଂକଳ୍ପ ଅଭିଯାନ ୨୦୨୬ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ମାନନୀୟ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ସାମାଜିକ କର୍ମୀ ବେଣୁଧର ଦାସ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ସମାଜସେବୀ ନଳିନୀ ପଣ୍ଡା ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ବନ୍ଦେ ମାତରମ ଗୀତ ଗାନ ହୋଇଥିଲା ଏବଂ ଏହା ପରେ ମୋଦିଙ୍କ ଦେଶ ସେବା ଉପରେ ଆଧାରିତ ଏକ ପଥପ୍ରାନ୍ତ ନାଟକ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ପ୍ରେରିତ ସାଂସ୍କୃତିକ ଦଳ ପକ୍ଷରୁ ୩୦ ମିନିଟ୍ ଧରି ପରିବେଷଣ କରାଯାଇଥିଲା। ବୀରମହାରାଜପୁର ବିଧାୟକ ଇଂ, ଜଗଦଲା ମୋଦିଙ୍କ ଶାସନ କାଳରେ ହୋଇଥିବା ଉନ୍ନତି ଏବଂ ତାଙ୍କର ଦେଶ ସେବା ମନୋଭାବ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏହି ସମସ୍ତ କାର୍ଯ୍ୟର ମୂଳ ଲକ୍ଷ୍ୟ ହେଉଛି ବିକାଶକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ଲୋକଙ୍କ ବିକାଶ। ମୋଦିଙ୍କ ଶାସନ କାଳରେ ଦେଶର ଆର୍ଥିକ ଅଭିବୃଦ୍ଧି ହୋଇଛି ଏବଂ ଲୋକଙ୍କ ଆୟ ମଧ୍ୟ ବଢ଼ିବା କଥା ସେ କହିଥିଲେ।

### ସମୟରେ ଆସୁନାହାନ୍ତି ଡାକ୍ତର

## ସିଏଚ୍‌ସି ଆଗରେ ବିଧାୟିକାଙ୍କ ଧାରଣା

ପାଇକମାଳ,୬।୧୦ (ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲା ପାଇକମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ ଡାକ୍ତରଙ୍କ ହସ୍ପିଟାଲ ବିଳମ୍ବରେ ଆସିବା ନେଇ କିଛିଦିନ ହେଲା ରୋଗୀ ଏବଂ ସମ୍ପର୍କିୟଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା।



ଏଭଳିସ୍ଥିତିରେ ମଙ୍ଗଳବାର ପାଇକମାଳର କେତେଜଣ ସଚେତନ ଯୁବକ ସକାଳ ୮ଟାରେ ଡାକ୍ତରଖାନାକୁ ଆସିଥିଲେ। ହେଲେ ଡିୟୁଟିରେ ଥିବା ଡାକ୍ତର ଜଣକ ହସ୍ପିଟାଲକୁ ବିଳମ୍ବରେ ଆସିଥିଲେ। ଏନେଇ ଯୁବକମାନେ ଡାକ୍ତରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଡାକ୍ତର ଅଙ୍କିତ ସାଗର ବିରକ୍ତି ପ୍ରକାଶ କରିଥିଲେ। ଡାକ୍ତରଙ୍କ ଏଭଳି ଆଚରଣକୁ ଦେଖି ଯୁବକମାନେ ହସ୍ପିଟାଲରେ ଧାରଣରେ ବସି ଆନ୍ଦୋଳନ କରିଥିଲେ। ଖବର ପାଇ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଚେୟାରମେନ ଭାବନା ସିଂ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇ ସେ ମଧ୍ୟ ଧାରଣାରେ ବସିଥିଲେ। ଏପରିକି ବିଧାୟିକା ପଦ୍ମପୁର ଏସ୍‌ଡିଏମ୍‌ଓ ଆଶୁତୋଷ ହୋତାଙ୍କୁ ଫୋନ କରି ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଖବର ପାଇ ଏସ୍‌ଡିଏମ୍‌ଓ ହୋତା ପାଇକମାଳ ହସ୍ପିଟାଲରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ହସ୍ପିଟାଲରେ ନିୟୋଜିତ ଥିବା ଡାକ୍ତରଙ୍କୁ ସମୟ ଅନୁସାରେ ହସ୍ପିଟାଲ ଆସି କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତି ସମୟରେ ମଧ୍ୟାହ୍ନ ସାଢେ ୧୨ଟାରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ଏନ୍‌ଏସି ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦେବବ୍ରତଙ୍କୁ ଅତିରିକ୍ତ ଦାୟିତ୍ୱ



ଧାମନଗର, ୬।୧୦ (ସଂଚାର ବ୍ୟୁରୋ): ଏସ ଆଇ ଆର କାମରେ ଅନିୟମିତତା ନେଇ ଧାମନଗର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ଙ୍କୁ କିଛିଦିନ ପୂର୍ବରୁ ନିଲମ୍ବିତ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା (ଡୁଡା) କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ ୩୧୮/୩-୧୦-୨୬ ଆଦେଶ ଅନୁଯାୟୀ ଭଦ୍ରକ ଡେପୁଟି କଲେକ୍ଟର (ଓଏଏସ) ଦେବବ୍ରତ ମହାପାତ୍ରଙ୍କୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଶ୍ରୀ ମହାପାତ୍ର ଧାମନଗର ଏନଏସି ଇଓଙ୍କ ସମସ୍ତ କାର୍ଯ୍ୟଭାର ତୁଲାଇବାକୁ ଚିଠି ରେ କୁହାଯାଇଛି।ଏହି ନିଲମ୍ବନ ଆଦେଶର ନକଲ ପୌର ପ୍ରଶାସନ ନିର୍ଦ୍ଦେଶକ, ଭୁବନେଶ୍ୱର, ଧାମନଗର ଏନଏସି ଅଧ୍ୟକ୍ଷା, ନିଲମ୍ବିତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକ ସମେତ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଛି।

### ଦଶହରା ପୂର୍ବରୁ କଫ ସିରପ୍ କାରବାର ଠାବ

## ୩୧୫୬ ବୋତଲ କଫ୍ ସିରପ ସହ ଜଣେ ଗିରଫ

ବରଗଡ଼,୬।୧୦ (ସଂଚାର ବ୍ୟୁରୋ): ବରଗଡ଼ ଗ୍ରାମାଞ୍ଚଳ ଥାନା ପୁଲିସ ସୋମବାର ସହର ଉପକଣ୍ଠ ତୋରା-ନାଗେନପାଲି ରାସ୍ତାରେ ବିପୁଳ ପରିମାଣରେ କଫ୍ ସିରପ୍ ଜବତ କରିଛି। କଫ୍ ସିରପ୍ ବୋଝେଇ ଏକ ବୋଲେରୋ ପିକଅପ୍ (ନଂ-ଓଡ଼ି୧୭ଏଚ୍ ୯୭୯୧)କୁ ଜବତ କରାଯାଇଛି। ସେଥିରୁ ୩୧୫୬ ବୋତଲ କଫ୍ ସିରପ ମିଳିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧୮ ଭାରତୀ ନଗରର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ଗ୍ରାମାଞ୍ଚଳ



ଥାନା ଅନ୍ତର୍ଗତ ପଣ୍ଡରୀପଥରରେ ରହୁଥିବା ଶହୀଦ ହୁସେନ ଓରଫ୍ ଖାନ୍‌ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବରଗଡ଼ ଜିଲା କାରାଗାରକୁ ପଠାଇ ଦିଆଯାଇଛି। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏ ନେଇ ଜିଲା ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରବିନ୍ଦ୍ରନାଥ ଶତପଥୀ ସୂଚନା ଦେଇ କହିଥିଲେ, ବରଗଡ଼ କଫ୍ ସିରପ୍‌ର ହବ୍ ପାଲଟି ଯାଇଛି। ଫଳରେ ପୁଲିସ ସବୁବେଳେ ଏଥିପ୍ରତି କଡ଼ା ନଜର ରଖିଛି। ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ଏକ ବୋଲେରୋ ପିକଅପ୍‌ରେ ବିପୁଳ ପରିମାଣରେ କଫ୍ ସିରପ ଆସୁଥିବା ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର ଏକ ପୁଲିସ ଟିମ୍ ଗଠନ ହୋଇଥିଲା। ତୋରା-ନାଗେନପାଲି ରାସ୍ତାରେ ସେହି କଫ୍ ସିରପ ବୋଝେଇ ବୋଲେରୋ ପିକଅପ୍‌କୁ ଜବତ କରିଥିଲେ। ଏହା ସହିତ ଅଭିଯୁକ୍ତ ସହିଦ ହୁସେନଙ୍କୁ ଗିରଫ କରାଯିବା ସହିତ ତାଙ୍କ ପାଖରୁ ଏକ ମୋବାଇଲ ଜବତ ହୋଇଛି।

## ଆରପିଏଫ୍ ପକ୍ଷରୁ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବେତନଟୀ,୬।୧୦(ସଂଚାର ବ୍ୟୁରୋ): କୃଷ୍ଣଚନ୍ଦ୍ରପୁର ବାରିପଦା ବ୍ଲକର କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନସ୍ଥ କୃଷ୍ଣଚନ୍ଦ୍ରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ମନ୍ଦାକିନୀ ସାହୁଙ୍କ ଅଧ୍ୟକ୍ଷତାରେ ବାରିପଦା ରେଳ ସୁରକ୍ଷାବଳ (ଆରପିଏଫ୍) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବାରିପଦା ଆରପିଏଫ୍ ଆଉଟ୍‌ପୋଷ୍ଟରୁ ଆଇପିଏଫ୍ ଏମ୍. କେ. ସିଂ, ଏଏସ୍ଆଇ ଜେ. ପି. ସାହୁ, ଏଏସ୍ଆଇ ବି. କେ. ରାମ, ଏଚ୍/ସି ଜ. ଡି. ନାୟକ, ଏଚ୍/ସି ଏନ୍. ପି. ଦାସ ପ୍ରମୁଖ ଅଧିକାରୀ ଗଣ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ରେଳବାଇ ଆଇନର ବିଭିନ୍ନ ନିୟମାବଳୀ ସଂପର୍କରେ ସଚେତନ କରାଯାଇଥିଲା। ଟ୍ରେନର ଫୁଟ୍ ବୋର୍ଡ଼ (ପାହାଚ) ରେ ଯାତ୍ରା ନକରିବା, ବିନା କାରଣରେ ଜରୁରୀ କାଳୀନ ଚେନ (ଏସିପି) ନଟାଣିବା, ମହିଳା କୋଚ୍ରେ ଯାତ୍ରା ନକରିବା ଏବଂ ଜରୁରୀ କାଳୀନ ପରିସ୍ଥିତିରେ ରେଳବାଇର ନମ୍ବର ୧୩୯ (୧୩୯) ର ସଠିକ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗତ ତା ୦୫ / ୧୦ / ୨୦୨୬ ରେ ଟ୍ୱିଟର (ଏକ୍ସ) ମାଧ୍ୟମରେ ମିଳିଥିବା ଏକ ଅଭିଯୋଗ କୁ ଭିତ୍ତି କରି ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅନ୍ୟ ସମସ୍ତ କର୍ମଚାରୀ ବୃନ୍ଦ ପୂର୍ଣ୍ଣ ସହଯୋଗ କରିଥିଲେ।

## ଛାତ୍ର ସଂସଦ ନିର୍ବାଚନ: ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଉତ୍ସବର ମାହୋଲ

ଭବାନୀପାଟଣା,୬।୧୦(ସଂଚାର ବ୍ୟୁରୋ): ଦୀର୍ଘ ୮ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆନୁଷ୍ଠାନିକ ଘୋଷଣା ହେବା ପରେ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍ସାହ ଓ ଆନନ୍ଦର ମାହୋଲ ସୃଷ୍ଟି ହୋଇଛି। ନିର୍ବାଚନ ଘୋଷଣା ଖବର ପ୍ରଚାରିତ ହେବା ପରେ ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନେ ପରସ୍ପରକୁ ମିଠା ଖୁଆଇବା ସହ ବାଣ ଫୁଟାଇ ଓ ବାଜା ବଜାଇ ଖୁସି ମନାଇଥିଲେ। ଗତ କିଛି ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଥିବାରୁ ବିଭିନ୍ନ କ୍ୟାମ୍ପସରେ ଛାତ୍ର ନେତୃତ୍ୱ ଗଠନ ଓ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରଭାବିତ ହୋଇଥିଲା। ଏବେ ପୁଣି ନିର୍ବାଚନ ଘୋଷଣା ହେବା ଫଳରେ ଛାତ୍ରୀଛାତ୍ରମାନେ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ସହ କ୍ୟାମ୍ପସର ବିଭିନ୍ନ ସମସ୍ୟାକୁ ସରକାର ଓ ପ୍ରଶାସନଙ୍କ ନିକଟରେ ଉପସ୍ଥାପନ କରିବାର ସୁଯୋଗ ପାଇବେ ବୋଲି ମତ ପ୍ରକାଶ ପାଇଛି। ଛାତ୍ର ସଂସଦ ନିର୍ବାଚନ ପୁନଃ ଆରମ୍ଭ ନିଷ୍ପତ୍ତି ପାଇଁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଛାତ୍ରନେତାମାନଙ୍କ ମତରେ, ସରକାରଙ୍କ ଏହି ପଦକ୍ଷେପ ଯୁବପିଢ଼ି ମଧ୍ୟରେ ନେତୃତ୍ୱର ମନୋଭାବ ବିକଶିତ କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆହୁରି ସୁଦୃଢ଼ କରିବ। ଦୀର୍ଘ ବର୍ଷ ପରେ ନିର୍ବାଚନ ହେବାକୁ ଥିବାରୁ ବିଶ୍ୱବିଦ୍ୟାଳୟ ପରିସରରେ ଏବେଠାରୁ ଛାତ୍ର ରାଜନୀତିକୁ ନେଇ ଚର୍ଚ୍ଚା ଓ ଉତ୍ସାହ ବଢ଼ିଛି।

## ୬ ଦଫା ଦାବି ନେଇ ଏକଜୁଟ ହେଲେ ଯାଦବ ଓ ଗୌଡ଼ ସମାଜ

ମାଲକାନଗିରି,୬।୧୦ (ସଂଚାର ବ୍ୟୁରୋ): ଯାଦବ ଓ ଗୌଡ଼ ସମାଜର ବିଭିନ୍ନ ସମସ୍ୟା ଓ ଦାବିକୁ ନେଇ ମାଲକାନଗିରି ଜିଲ୍ଲାରେ ଅନୁଷ୍ଠିତ ହୋଇଛି ଜିଲ୍ଲାସ୍ତରୀୟ ସମାବେଶ ଓ ରାଲି। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସମାଜର କର୍ମକର୍ତ୍ତା, ମହିଳା, ଯୁବକ-ଯୁବତୀ, ଶିଶୁ ଓ ବୟସ୍କଙ୍କ ସମେତ ୨ ହଜାରରୁ ଅଧିକ ଲୋକ ଏଥିରେ ଏକତ୍ରିତ ହୋଇଥିବା ଜଣାପଡ଼ିଛି। ସମାବେଶରେ ଯାଦବ ଓ ଗୌଡ଼ ସମାଜର ଶିକ୍ଷା, ଜୀବିକା, ଜମି ଓ ରାଜନୈତିକ ପ୍ରତିନିଧିତ୍ୱ ସମ୍ପର୍କିତ ୬ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସମାଜ ପକ୍ଷରୁ ଉଚ୍ଚଶିକ୍ଷା କ୍ଷେତ୍ରରେ ସୁବିଧା ପ୍ରଦାନ ସହ ଛାତ୍ରଛାତ୍ରୀଙ୍କ ପାଇଁ ଆବାସିକ ଶିକ୍ଷା ବ୍ୟବସ୍ଥା ଓ ହଷ୍ଟେଲ ସୁବିଧା ଯୋଗାଇଦେବାକୁ ଦାବି କରାଯାଇଛି। ଏଥିସହ ଗୋଚର ଓ ଗୋଧଦଶ ଜମିର ସୁରକ୍ଷା ଓ ସଂରକ୍ଷଣ, ଗୋବର ଓ ଅନ୍ୟାନ୍ୟ ଗୋ-ଉତ୍ପାଦର ସୁଲଭ ମୂଲ୍ୟ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ରହିଛି। କେବିକେ ଅଞ୍ଚଳର ଜିଲ୍ଲାଗୁଡ଼ିକୁ ନେଇ ଏକ ସ୍ୱତନ୍ତ୍ର 'ଗୌଡ଼ ବିକାଶ ପରିଷଦ' ଗଠନ କରାଯିବା ସହ ରାଜନୀତି କ୍ଷେତ୍ରରେ ଗୌଡ଼ ସମାଜକୁ ଉପଯୁକ୍ତ ପ୍ରତିନିଧିତ୍ୱର ସୁଯୋଗ ଦେବାକୁ ଦାବି କରାଯାଇଛି। ସେହିପରି ପିଢ଼ି ପରେ ପିଢ଼ି ଗୌଡ଼ ସମାଜର ପୂର୍ବପୁରୁଷମାନେ ଚାଷ କରିଆସୁଥିବା ଜଙ୍ଗଲ ଜମିର ଅଧିକାର ଓ ପଟ୍ଟା ପ୍ରଦାନ କରିବାକୁ ମଧ୍ୟ ଦାବି ଉଠିଛି। ଏହି ଅବସରରେ ଜିଲ୍ଲା ସଭାପତି ମନୋରଞ୍ଜନ ହନ୍ତାଳ ଓ ସଦାଶିବ ହନ୍ତାଳଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଓ ନେତୃବୃନ୍ଦ ଉପସ୍ଥିତ ରହି ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ। ପରେ ବିଭିନ୍ନ ଦାବି ନେଇ ରାଲି ମଧ୍ୟ ଅନୁଷ୍ଠିତ ହୋଇଥିଲା।

